(ପୃଷ୍ଠା–୧୬+୨୦)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୨୧/୨୦୨୩ (୧୬+୨୦ ପୃଷ୍ଠା) | Bhubaneswar, Wednesday, June 21/2023 | Page 16+20 | ₹ 7.00

୪୯ଶ ଭାଗ ୨୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 206 | ମୂଲ୍ୟ₹୭/-




**ମଞ୍ଜୁ ହ୍ୟାଣ୍ଡବଲ୍‌ରୁ ରେସ୍ ୱାକର**
ହ୍ୟାଣ୍ଡବଲ୍ ଖେଳ ଛାଡ଼ି ଦେଶର ଟପ୍ ରେସ୍ ୱାକର ହୋଇପାରିଛନ୍ତି ମଞ୍ଜୁ ରାଣୀ। ୧୬

୦୨ **ଟ୍ରକ୍ ଡ୍ରାଇଭରଙ୍କ କ୍ୟାବିନ୍‌ରେ ଏସି ଲାଗିବ**
ଟ୍ରକ୍ ଡ୍ରାଇଭରଙ୍କ କ୍ୟାବିନ୍‌ରେ ଏୟାର କଣ୍ଡିଶନ୍ ବାଧ୍ୟତାମୂଳକ କରାଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି।





# ବାଟରେ ଅଟକିଲା ଦର୍ପଦଳନ, ନନ୍ଦିଘୋଷ

**ପୁରୀ,୨୦।୬ (ଅଜିତ୍ ମହାନ୍ତି)**

- **୧୦ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ**
- **ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ରଥ ଟାଣିଲେ**

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଅବସରରେ ବିଶ୍ୱନିୟନ୍ତା କାଳିଆ ଠାକୁରଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି କର୍ମବେଦି ଶ୍ରୀମନ୍ଦିର ଛାଡ଼ି ନବଦିନ ଯାତ୍ରାରେ ରଥାରୂଢ଼ ହୋଇ ଜନ୍ମବେଦି ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନି ରଥ। ଦୀର୍ଘ ୧ବର୍ଷ ପରେ ବଡ଼ଦାଣ୍ଡରେ ପୁଣି ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି। ଜଗତର ନାଥ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ଛାଡ଼ି ଅପେକ୍ଷାରତ ଅଗଣିତ ଭକ୍ତଙ୍କ ଗହଣକୁ ଚାଲି ଆସିଛନ୍ତି। ତେବେ ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ସଅଳ ନୀତିକାନ୍ତି ଯୋଗୁ ପ୍ରାୟ ୧ଘଣ୍ଟା ପୂର୍ବରୁ ରଥଟଣା ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ☞ପୃଷ୍ଠା–୪

## ୨୦୦ରୁ ଊର୍ଦ୍ଧ୍ୱ ଆହତ

ପ୍ରବଳ ଖରା, ଗୁଳୁଗୁଳିରେ ରଥଟଣା ହେଉଥିବାରୁ ଅନେକ ଭକ୍ତ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇପଡ଼ିଥିଲେ। ତାଳଧ୍ୱଜ ରଥଟଣା ବେଳେ ମରିଚିକୋଟ ଛକରେ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହେବାରୁ ଅନେକ ଆହତ ହୋଇଥିଲେ। ସେହିସମୟରେ ଏକ ବାଇକ୍ ମଧ୍ୟ ଚାଲିଆସିବାରୁ ତାହା ଭକ୍ତଙ୍କ ଉପରେ ☞ପୃଷ୍ଠା–୪

# ୭ ଭାରତୀୟ କଫ୍ ସିରପ କଳା ତାଲିକାଭୁକ୍ତ

**ନୂଆଦିଲ୍ଲୀ,୨୦।୬**

- **ଭାରତ, ଇଣ୍ଡୋନେସିଆର ସିରପ ପିଇ ୩୦୦ ଶିଶୁଙ୍କ ମୃତ୍ୟୁ ଅଭିଯୋଗ**
- **ତଦନ୍ତ ପରେ ଡବ୍ଲ୍ୟୁଏଚ୍‌ଓର କଡ଼ା କାର୍ଯ୍ୟାନୁଷ୍ଠାନ**
- **ବିଷାକ୍ତ ଔଷଧକୁ ନେଇ 'ଶୂନ ସହନଶୀଳ' ନୀତି ଆପଣାଇଛି ଭାରତ: ମାଣ୍ଡବ୍ୟ**

ଭାରତ ଓ ଇଣ୍ଡୋନେସିଆର ଔଷଧ ନିର୍ମାଣକାରୀ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ୨୦ ସିରପକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମଙ୍ଗଳବାର କଳାତାଲିକାରେ ସ୍ଥାନିତ କରିଛି। ତନ୍ମଧ୍ୟରେ ଭାରତରେ ପ୍ରସ୍ତୁତ ୭ କଫ୍ ସିରପ ରହିଛି। ଏହି ଅପମିଶ୍ରିତ ତଥା ନିମ୍ନମାନର ସିରପଗୁଡ଼ିକୁ ସେବନ କରି ବିଶ୍ୱର ପ୍ରାୟ ୩୦୦ ଶିଶୁ ପ୍ରାଣ ହରାଇବା ପରେ ଡବ୍ଲ୍ୟୁଏଚ୍‌ଓ ଏପରି ପଦକ୍ଷେପ ନେଇଛି।

ଗତବର୍ଷ ଉଜ୍‌ବେକିସ୍ତାନ, ଗାମ୍ବିଆ ଓ ନାଇଜେରିଆ ସମେତ କେତେକ ଦେଶରେ ଭାରତୀୟ କଫ୍ ସିରପ ପିଇ ପ୍ରାୟ ୩୦୦ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଭାରତୀୟ କଫ୍ ସିରପ ପିଇଥିବା ୨୦୦ରୁ ଊର୍ଦ୍ଧ୍ୱ ଶିଶୁ ପ୍ରାଣ ହରାଇଥିବାବେଳେ ଇଣ୍ଡୋନେସିଆ କଫ୍ ସିରପ ଯୋଗୁ ଅବଶିଷ୍ଟ ପିଲାଙ୍କ ଜୀବନ ଯାଇଥିବା ଡବ୍ଲ୍ୟୁଏଚ୍‌ଓ ତଦନ୍ତରୁ ଜାଣିବାକୁ ପାଇଛି। ସିରପ ବ୍ୟତୀତ କେତେକ ଭିଟାମିନକୁ ମଧ୍ୟ ବ୍ଲାକ୍‌ଲିଷ୍ଟରେ ରଖାଯାଇଛି। ଏହା ପୂର୍ବରୁ ଡବ୍ଲ୍ୟୁଏଚ୍‌ଓ ଭାରତରେ ନିର୍ମିତ ଅପମିଶ୍ରିତ ଔଷଧଗୁଡ଼ିକୁ ନେଇ ସତର୍କତା ଜାରି କରିଥିଲା। ତଦନ୍ତ ଶେଷ ହେବା ପରେ ଏନେଇ କଳାତାଲିକା ପ୍ରକାଶ କରାଯାଇଛି। ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟରେ ହରିୟାଣାର ମେଡେନ୍ ଫାର୍ମାସ୍ୟୁଟିକାଲ୍ସ, ନୋଏଡାର ମାରିଅନ୍ ବାୟୋଟେକ୍, ଚେନ୍ନାଇର ଗ୍ଲୋବାଲ ଫାର୍ମା, ଇନ୍ଦୋରର ରିଏମାନ୍ ଲାବ୍ ପ୍ରାଇଭେଟ୍ ଲିଃ ଏବଂ ପଞ୍ଜାବର କ୍ୟୁପି ଫାର୍ମା କେମ୍ ରହିଛି। ଉକ୍ତ କମ୍ପାନୀଗୁଡ଼ିକର ସିରପରେ ଡାଇଏଥିଲିନ୍ ଏବଂ ଏଥିଲିନ୍ ଗ୍ଲାଇକୋଲ ☞ପୃଷ୍ଠା–୪



**ବାପା ହେଲେ ରାମଚରଣ** ୧୩

**ଆଜିର ସମ୍ପାଦକୀୟ**
**ବିଶେଷ କିଛି ହେବନାହିଁ**






# ୭ ଜିଲାରେ ଗ୍ରୀଷ୍ମଛୁଟି ବଢ଼ିଲା

**ଭୁବନେଶ୍ୱର/ସମ୍ବଲପୁର,୨୦।୬ (ଅନୁରାଧା ମହାରଣା/ଶୁଭାଶିଷ ପାଢ଼ୀ)**

ରାଜ୍ୟର ୭ ଜିଲାରେ ଗ୍ରୀଷ୍ମ ଛୁଟି ଅବଧିକୁ ବୃଦ୍ଧି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତିକ୍ରମେ ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ସମ୍ବଲପୁର, ବଲାଙ୍ଗୀର ଓ ସୁବର୍ଣ୍ଣପୁରର ଜିଲାପାଳମାନେ ଗ୍ରୀଷ୍ମ ପ୍ରବାହ ସ୍ଥିତିକୁ ଦୃଷ୍ଟିରେ ରଖି ସେମାନଙ୍କ ଜିଲାରେ ଥିବା ବିଦ୍ୟାଳୟ ପାଇଁ ଛୁଟି ଅବଧିକୁ ପରିବର୍ତ୍ତନ କରିଛନ୍ତି। ସମ୍ବଲପୁର ଜିଲାରେ ସମସ୍ତ ବିଦ୍ୟାଳୟ ଜୁନ୍ ୨୧ ପରିବର୍ତ୍ତେ ୨୨ରେ ଖୋଲିବ। ଅନ୍ୟ ୬ ଜିଲାରେ ୨୩ରେ ସ୍କୁଲ ଖୋଲିବ। ଏହି ସବୁ ଜିଲାରେ ସକାଳ ୬ଟା ୩୦ରୁ ୧୦ଟା ମଧ୍ୟରେ ପାଠପଢ଼ା ହେବ। ୯ଟା ୩୦ରୁ ୧୦ଟା ମଧ୍ୟରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ମିଳିବ। ୨୬ ତାରିଖଠାରୁ ☞ପୃଷ୍ଠା–୪

# ଯୁକ୍ତ୨ ନାମଲେଖା ଆବେଦନ ଅବଧି ୨୬କୁ ବୃଦ୍ଧି

**ଭୁବନେଶ୍ୱର,୨୦।୬(ଅନୁରାଧା ମହାରଣା)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଏକାଦଶ ବା ଯୁକ୍ତ ୨ ନାମଲେଖା ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ରମାନେ ସାମ୍ସ ପୋର୍ଟାଲ ଜରିଆରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ପୂର୍ବରୁ ଏହା ଜୁନ୍ ୨୦ ରହିଥିଲା। ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଅନୁରୋଧକ୍ରମେ ଏପରି ନିଷ୍ପତ୍ତି ନିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିବର୍ତ୍ତିତ ସୂଚୀ ଅନୁଯାୟୀ ପ୍ରଥମ ମେଧା ତାଲିକା ଜୁଲାଇ ୨ରେ ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟ ନାମଲେଖା ଜୁଲାଇ ୩ରୁ ଆରମ୍ଭ ହୋଇ ୮ ତାରିଖରେ ସରିବ। ଦ୍ୱିତୀୟ ମେଧା ତାଲିକା ଜୁଲାଇ ୧୬ରେ ପ୍ରକାଶ କରାଯିବ। ଏହି ପର୍ଯ୍ୟାୟ ☞ପୃଷ୍ଠା–୪

# ସିଗ୍‌ନାଲ ଜେଇଙ୍କୁ ସାଢ଼େ ୬ ଘଣ୍ଟା ଜେରା

**ବାଲେଶ୍ୱର/ଭୁବନେଶ୍ୱର,୨୦।୬ (ମାନସ ବିଶ୍ୱାଳ, ଅଭିଜିତ୍ ଦାସ)**

**ବାହାନଗା ଟ୍ରେନ୍ ଦୁର୍ଘଟଣା**

- **୧୨ଘଣ୍ଟା ପରେ ଘର ସିଲ୍ ଖୋଲିଲା**
- **ଜେରା ପରେ ହେପାଜତକୁ ନେଲା ସିବିଆଇ**
- **କୌଣସି ଅଧିକାରୀ ନିଖୋଜ ନାହାନ୍ତି: ସିପିଆର୍‌ଓ**

ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ସୋର ସେକ୍ସନ ସିଗ୍‌ନାଲ ଜେଇ ଅମିର ଖାନ୍ ସିବିଆଇ ନଜରରେ। ସୋମବାର ସନ୍ଧ୍ୟାରେ ସିବିଆଇ ଟିମ୍ ଜେଇ ଖାନ୍‌ଙ୍କ ସୋର କମରପୁରସ୍ଥିତ



ସିବିଆଇ ହେପାଜତରେ ଜେଇ ଅମୀର ଖାନ୍

ଭଡ଼ା ଘରକୁ ସିଲ୍ କରିଥିଲା। ଏହାର ୧୨ ଘଣ୍ଟା ପରେ ମଙ୍ଗଳବାର ସକାଳେ ଜେଇଙ୍କ ଉପସ୍ଥିତିରେ ୬ଜଣିଆ ସିବିଆଇ ଟିମ୍ ଘର ସିଲ ଖୋଲିଛି। ସେଠାରେ ଖାନ୍‌ଙ୍କୁ ଦୀର୍ଘ ସାଢ଼େ ୬ଘଣ୍ଟା ଧରି ଜେରା କରାଯିବା ସହ ବିଭିନ୍ନ କାଗଜପତ୍ର ଏବଂ ଆକାଉଣ୍ଟକୁ ମଧ୍ୟ ଯାଞ୍ଚ କରାଯାଇଥିଲା। ପରେ ଜେଇ ଖାନ୍‌ଙ୍କୁ ସିବିଆଇ ହେପାଜତକୁ ନେବା ସହିତ କିଛି ଦରକାରୀ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ତେବେ ଏନେଇ ସିବିଆଇ ଟିମ୍ କିମ୍ବା ଜେଇ ଖାନ୍ ଗଣମାଧ୍ୟମ ଆଗରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

ପ୍ରକାଶ ଯେ, ସୋମବାର ୩ ଜଣିଆ ସିବିଆଇ ଟିମ୍ ସୋରସ୍ଥିତ ଖାନ୍‌ଙ୍କ ଭଡ଼ା ଘରେ ଚଢ଼ାଉ କରିଥିଲେ। ☞ପୃଷ୍ଠା–୪

# ସାଲିଭାରୁ ଗର୍ଭ ପରୀକ୍ଷା

**ଲଣ୍ଡନ,୨୦।୬**

ଏଣିକି ମହିଳାମାନେ ଅତି ସହଜରେ ଜାଣିପାରିବେ ସେମାନେ ଗର୍ଭବତୀ ଅଛନ୍ତି କି ନାହିଁ। ସାଲିଭା (ଲାଳ) ଦ୍ୱାରା ମହିଳାମାନେ ଗର୍ଭଧାରଣ ସମ୍ପର୍କରେ ଜାଣିପାରିବେ। ପ୍ରେଗ୍‌ନାନ୍ସି ପରୀକ୍ଷାକୁ ସରଳ କରିବା ଲାଗି ଜେରୁଜେଲମର ଷ୍ଟାର୍ଟଅପ୍ କମ୍ପାନୀ ସାଲିଗ୍ନୋଷ୍ଟିକ୍ ସାଲିଷ୍ଟିକ୍ ନାମକ ଏକ ଉପକରଣ ତିଆରି କରିଛି। ଏହା ଜରିଆରେ ମହିଳାମାନେ ଯେକୌଣସି ସମୟରେ ଗର୍ଭଧାରଣ ପରୀକ୍ଷା କରିପାରିବେ। ବର୍ତ୍ତମାନ ବ୍ରିଟେନ୍ ଓ ଆୟରଲାଣ୍ଡ ବଜାରରେ ସାଲିଷ୍ଟିକ୍ ଉପଲବ୍ଧ ଅଛି।

କୋଭିଡ୍ ଟେଷ୍ଟ କିଟ୍ ତିଆରି କରିବା ପାଇଁ ବ୍ୟବହୃତ ଟେକ୍ନୋଲୋଜି ଜରିଆରେ ଏହି ପ୍ରେଗ୍‌ନାନ୍ସି ଟେଷ୍ଟ କିଟ୍ ପ୍ରସ୍ତୁତ କରାଯାଇଛି। ସାଲିଷ୍ଟିକ୍‌ର ବଜାର ମୂଲ୍ୟ



୯.୯୯ ପାଉଣ୍ଡ (ପାଖପାଖି ୧୦୪୪ ଟଙ୍କା) ରହିଛି । ଗର୍ଭବତୀ ଅବସ୍ଥାରେ ମହିଳାଙ୍କ ସାଲିଭାରୁ ବିଶେଷ ପ୍ରକାରର ଏଚ୍‌ସିଜି ହରମୋନ୍ ନିଷ୍କ୍ରିୟ ହୋଇଥାଏ। ଏହି ହରମୋନ୍ ସହାୟତାରେ ମହିଳା ଗର୍ଭବତୀ ଥିବା ସାଲିଷ୍ଟିକ୍ ଦ୍ୱାରା ସହଜରେ ଜଣାପଡ଼ିଥାଏ। ସାଲିଷ୍ଟିକ୍‌କୁ ପାଟିରେ ପୂରାଇ କିଛି ସମୟ ରଖିବା ପରେ ଏଥିରେ ଥିବା ପ୍ଲାଷ୍ଟିକ୍ ଟ୍ୟୁବ୍‌ରେ ସାଲିଭା ଜମା ହୋଇଥାଏ। ବାୟୋଲୋଜିକାଲ ରିଆକ୍ସନ ଦ୍ୱାରା ୫ରୁ ୧୫ ମିନିଟ୍ ମଧ୍ୟରେ ଗର୍ଭଧାରଣ ସମ୍ପର୍କରେ ଜଣାପଡ଼ିଯାଏ। ଅତିକମ୍‌ରେ ୩ ମିନିଟ୍ ଭିତରେ ସାଲିଷ୍ଟିକ୍ ସାହାଯ୍ୟରେ ଗର୍ଭପରୀକ୍ଷା କରାଯାଇପାରିବ। ମାସିକ ଋତୁସ୍ରାବ ଡେରି ହେବାର ପ୍ରଥମ ଦିନ ସାଲିଷ୍ଟିକ୍ ଦ୍ୱାରା ମହିଳା ଗର୍ଭବତୀ ଅଛନ୍ତି କି ନାହିଁ ତାହା ଜଣାପଡ଼ିଯିବ। ଅନ୍ୟପକ୍ଷେ ଖାଦ୍ୟ ଖାଇବାର ☞ପୃଷ୍ଠା–୪




## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ସ୍ୱାମୀ ପ୍ରେମାନନ୍ଦ ଗିରଫ

**ହାଇଦ୍ରାବାଦ,୨୦।୬:** ବିଶାଖାପାଟଣାର ଜ୍ଞାନନନ୍ଦ ଆଶ୍ରମରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ନିର୍ଯାତନା ଅଭିଯାଗରେ ଆଶ୍ରମର ସାଧୁ ସ୍ୱାମୀ ପ୍ରେମାନନ୍ଦ (୬୪)ଙ୍କୁ



ପୋଲିସ ଗିରଫ କରିଛି। ନାବାଳିକା ଜଣକ ଆଶ୍ରମରୁ ଲୁଚି ଟ୍ରେନ୍‌ରେ ବିଜୟୱାଡ଼ା ଯାଇ ଦିଶା ଥାନାରେ ସାଧୁଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଭାଇଜାଗ ପୋଲିସ ସ୍ୱାମୀ ପୂର୍ଣ୍ଣ ନନ୍ଦ ଓରଫ୍ ସ୍ୱାମୀ ପ୍ରେମାନନ୍ଦଙ୍କୁ ଗିରଫ କରିଥିଲା। ଜ୍ଞାନନନ୍ଦ ଆଶ୍ରମରେ ଅନାଥ ପିଲା ରହିବା ସହ ଏଠାରେ ଏକ ବୃଦ୍ଧାଶ୍ରମ ମଧ ରହିଛି। ପୀଡ଼ିତା ନାବାଳିକା ଯେତେବେଳେ ଛୋଟଥିଲେ ତାଙ୍କ ମା' ବାପାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ଆଈ ନାବାଳିକାଙ୍କୁ ଜ୍ଞାନନନ୍ଦ ଆଶ୍ରମରେ ଛାଡ଼ି ଥିଲେ। ଗତ ୧୩ ତାରିଖରେ ନାବାଳିକା ଜଣକ ଆଶ୍ରମରୁ କୌଣସି ଆଡ଼େ ଚାଲିଯାଇଥିବାବେଳେ ୧୫ରେ ଏ ନେଇ ଆଶ୍ରମ ପକ୍ଷରୁ ଭାଇଜାଗ ଥାନାରେ ଅଭିଯୋଗ କରାଯାଇଥିଲା। ବର୍ଷକରୁ ଅଧିକ ଦିନ ଧରି ସ୍ୱାମୀ ପ୍ରେମାନନ୍ଦ ନାବାଳିକାଙ୍କୁ ଆଶ୍ରମରେ ବନ୍ଧକ ବନେଇ ରଖିଥିବା ଭାଇଜାଗ ଅତିରିକ୍ତ ପୋଲିସ କମିଶନର ବିବେକାନନ୍ଦ କହିଛନ୍ତି। ପୂର୍ବରୁ ୨୦୧୨ରେ ୧୩ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ସ୍ୱାମୀ ପ୍ରେମାନନ୍ଦଙ୍କୁ ଭାଇଜାଗ ପୋଲିସ ଗିରଫ କରିଥିଲା।

### ଜାନୁୟାରୀ ୧୪ରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା

**ଲକ୍ଷ୍ନୌ,୨୦।୬:** ଆସନ୍ତା ବର୍ଷ ଜାନୁୟାରୀ ୧୪ ମକର ସଂକ୍ରାନ୍ତି ଅବସରରେ ଅଯୋଧ୍ୟାର ଭବ୍ୟ ରାମ ମନ୍ଦିର ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅଭିଷେକ କାର୍ଯ୍ୟକ୍ରମ ୧୦ ଦିନ ଧରି ଚାଲିବ। କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରାଯିବ ବୋଲି ରାମମନ୍ଦିର ନିର୍ମାଣ କମିଟିର ସଭାପତ ନୃପେନ୍ଦ୍ର ମିଶ୍ର କହିଛନ୍ତି। ତେବେ ଅଭିଷେକ କାର୍ଯ୍ୟକ୍ରମର ପ୍ରସାରଣ ଟେଲିଭିଜନରେ କରାଯିବାର ଯୋଜନା ରହିଛି।

### ଟ୍ରକ୍ ଡ୍ରାଇଭରଙ୍କ କ୍ୟାବିନ୍‌ରେ ଏସି ଲାଗିବ

**ନୂଆଦିଲ୍ଲୀ,୨୦।୬:** ଟ୍ରକ୍ ଡ୍ରାଇଭରଙ୍କ କ୍ୟାବିନ୍‌ରେ ଏୟାର କଣ୍ଡିଶନ୍‌ର ଲାଗିବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ଗାଡ଼ି ନିର୍ମାଣକାରୀ କମ୍ପାନୀଗୁଡ଼ିକ ଏଣିକି ଟ୍ରକ୍ ଡ୍ରାଇଭର କ୍ୟାବିନ୍‌ରେ ଏୟାର କଣ୍ଡିଶନ୍ ଲଗାଇବା ନେଇ ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତୀୟ ଫାଇଲ୍‌ରେ କେନ୍ଦ୍ରମନ୍ତ୍ରୀ ସ୍ୱାକ୍ଷର କରିଥିବା ମହିନ୍ଦ୍ରା ଏଜିଷ୍ଟିକ୍ ପକ୍ଷରୁ ମଙ୍ଗଳବାର ଆୟୋଜିତ 'ଦେଶ ଚାଳକ' କାର୍ଯ୍ୟକ୍ରମରେ ଗଡକରୀ କହିଛନ୍ତି।

### ହତ୍ୟାକାରୀଙ୍କୁ ସର୍ବସମ୍ମୁଖରେ ଗୁଳି କଲେ

**କାବୁଲ,୨୦।୬:** ଆଫଗାନିସ୍ତାନରେ ମଙ୍ଗଳବାର ଜଣେ ହତ୍ୟାକାରୀଙ୍କୁ ମସ୍‌ଜିଦ ପଡ଼ିଆରେ ଗୁଳି କରାଯାଇଛି। ତାଲିବାନୀ ଶାସକ କାବୁଲ ଦଖଲ କରିବା ପରେ ସର୍ବସମ୍ମୁଖରେ ଅପରାଧୀଙ୍କୁ ଗୁଳି କରିବାର ଏହା ଦ୍ୱିତୀୟ ଘଟଣା। ଏ ପ୍ରକାର ଦଣ୍ଡ ଅନ୍ୟମାନଙ୍କ ପାଇଁ ଶିକ୍ଷା ହେବ ବୋଲି ତାଲିବାନୀ ଶାସକଙ୍କ ବିଶ୍ୱାସ ରହିଛି। ୨୦୨୧ ଅଗଷ୍ଟରେ ବଳପୂର୍ବକ ତଲିବାନୀ ଶାସକ କାବୁଲ ଦଖଲ କରିଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି ଉପରାଷ୍ଟ୍ରପତି ଜଗଦୀପ ଧନକର ଓ ତାଙ୍କ ସ୍ତ୍ରୀ ସୁଦେଶ ଧନକର।

### ଚାଇନା ସହ ସ୍ୱାଭାବିକ ସମ୍ପର୍କ ପାଇଁ ସୀମାରେ ଶାନ୍ତି ଜରୁରୀ: ମୋଦି

**ନୂଆଦିଲ୍ଲୀ,୨୦।୬:** ଚାଇନା ସହ ସ୍ୱାଭାବିକ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ସୀମାରେ ଶାନ୍ତି ଜରୁରୀ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି। ଆମେରିକାକୁ ପ୍ରଥମ ରାଜକୀୟ ଗସ୍ତ ପୂର୍ବରୁ ୱାଲ୍ ଷ୍ଟ୍ରିଟ୍ ଜର୍ନାଲକୁ ସାକ୍ଷାତ୍‌କାର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ବିବାଦଗୁଡ଼ିକର ସମାଧାନ



ଯୁଦ୍ଧରେ ନୁହେଁ, ବରଂ କୂଟନୀତି ଓ ଆଲୋଚନା ଜରିଆରେ ସମ୍ଭବ। ୟୁକ୍ରେନ୍ ପ୍ରସଙ୍ଗରେ ସେ କହିଛନ୍ତି, ଭାରତ ନିରପେକ୍ଷ ବୋଲି କେତେଜଣ ଲୋକ କହୁଛନ୍ତି। କିନ୍ତୁ ଭାରତ ଶାନ୍ତିର ପକ୍ଷଧର। ସବୁ ଦେଶ ଅନ୍ତର୍ଜାତୀୟ ଆଇନ, ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ଦେବା ଉଚିତ ବୋଲି ଭାରତ ବିଶ୍ୱାସ କରେ।

### ଆମେରିକାରେ ମସ୍କଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୨୦।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତ ବେଳେ ବିଦ୍ୟୁତିକ କାର୍ ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ସିଇଓ ଏଲନ ମସ୍କଙ୍କୁ ଭେଟିବେ। ୨୦୧୫ରେ ମୋଦି କାଲିଫର୍ନିଆସ୍ଥିତ ଟେସ୍‌ଲା କାରଖାନା ଭ୍ରମଣ ସମୟରେ ମସ୍କଙ୍କୁ ଭେଟିଥିଲେ। ମସ୍କ ଟୁଇଟର କିଣିବା ପରେ ମୋଦିଙ୍କ ସହ ଏହା ତାଙ୍କର ପ୍ରଥମ ସାକ୍ଷାତ ହେବାକୁ ଯାଉଛି। ଭାରତରେ ଟେସ୍‌ଲା କାରଖାନା ପାଇଁ ମସ୍କ ଯୋଜନା କରୁଥିବାବେଳେ ମୋଦିଙ୍କ ସହ ଭେଟକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି।

### ସାଜିଦ୍ ମିରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା: କଣ୍ଟା ସାଜିଲା ଚାଇନା



**ଜାତିସଂଘ, ୨୦।୬**

୨୬/୧୧ ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ଲସ୍କର-ଇ-ତୋଇବା ଆତଙ୍କବାଦୀ ସାଜିଦ୍ ମିରଙ୍କୁ କଳାତାଲିକା ଭୁକ୍ତ କରିବା ପ୍ରସ୍ତାବକୁ ଚାଇନା ରଦ୍ଦ କରିଛି। ଜାତିସଂଘ ସୁରକ୍ଷା କାଉନ୍‌ସିଲ୍ ଅନ୍ତର୍ଗତ ୧୨୬୭ ଅଲ କାଏଦା କଟକଣା କମିଟି ଅଧୀନରେ ସାଜିଦଙ୍କୁ ବୈଶ୍ୱିକ ଆତଙ୍କବାଦୀ ଘୋଷଣା କରିବା ସହ ତାଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରିବା ଏବଂ ଯାତ୍ରାରେ କଟକଣା ଲଗାଇବା ପାଇଁ ଆମେରିକା ଓ ଭାରତ ପକ୍ଷରୁ ପ୍ରସ୍ତାବ ରଖାଯାଇଥିଲା। ଗତ ସେପ୍ଟେମ୍ବରରେ ଉକ୍ତ ପ୍ରସ୍ତାବକୁ ଚାଇନା ସ୍ଥଗିତ କରି ରଖିବା ପରେ ଏବେ ଏହାକୁ ରଦ୍ଦ କରିଛି।

# ଟାଇଟାନିକ୍ ପାଇଁ ଟାଇଟନ୍ ନିଖୋଜ



ଟାଇଟନ୍ ବୁଡ଼ାଜାହାଜ

**ୱାଶିଂଟନ୍,୨୦।୬**

୧୯୧୨ ଏପ୍ରିଲ ୧୫ରେ ଉତ୍ତର ଆଟଲାଣ୍ଟିକ୍ ମହାସାଗରରେ ବୁଡ଼ିଯାଇଥିବା ବ୍ରିଟିଶ୍ ଜାହାଜ ଟାଇଟାନିକ୍‌ର ଭଗ୍ନାବଶେଷ ଦେଖିବାକୁ ଯାଇଥିବା ଏକ ବୁଡ଼ାଜାହାଜ ନିଖୋଜ ହୋଇଯାଇଛି। ଟାଇଟନ୍ ନାମକ ଏହି ଭେସେଲରେ ମାତ୍ର ୯୬ ଘଣ୍ଟା ପାଇଁ ଜୀବନରକ୍ଷକ ଅମ୍ଳଜାନ ରହିଥିବାରୁ ସେଥିରେ ଥିବା ୫ ଜଣ ବ୍ୟକ୍ତିଙ୍କ ବଞ୍ଚିବା ସମ୍ଭାବନା କ୍ଷୀଣ ବୋଲି କୁହାଯାଉଛି। ଏକ ଅନ୍ତର୍ଜାତୀୟ ଉଦ୍ଧାର ପ୍ରୟାସ ସତ୍ତ୍ୱେ ୧୦,୦୦୦ ବର୍ଗ ମାଇଲ୍ (୨୬,୦୦୦ ବର୍ଗ କି.ମି.) ଗଭୀର ସମୁଦ୍ରରେ ବୁଡ଼ାଜାହାଜର

**■ବୁଡ଼ାଜାହାଜରେ ୫ ଜଣ ଥିଲେ**

ଚିହ୍ନବର୍ଣ୍ଣ ମିଳି ନ ଥିବା ଆମେରିକା ତଟରକ୍ଷୀ ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା ସତ୍ତ୍ୱେ ତଲାସି ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ବୁଡ଼ାଜାହାଜ ପରିଚାଳନାକାରୀ କମ୍ପାନୀ ଓସେନ୍ ଗେଟ୍ ଏକ୍ସପେଡିଶନ୍ସର ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ରିସର୍ଚ୍ଚ ଭେସେଲ ଟାଇଟନ୍‌ର ଲମ୍ବ ୬.୫ ମିଟର (୨୧ ଫୁଟ୍)। ୧୦,୪୩୨ କେ.ଜି. ଓଜନ ବିଶିଷ୍ଟ ଏହି ଭେସେଲ ୧୩,୧୦୦ ଫୁଟ୍ ଗଭୀରକୁ ପହଞ୍ଚିବାକୁ ସକ୍ଷମ। କମ୍ପାନୀ ପରାମର୍ଶଦାତା ଡାଭିଡ୍ କୋନ୍‌କାନୋନ୍ କହିଛନ୍ତି, ଟାଇଟନ୍ ୫ ଜଣଙ୍କୁ ନେଇ ଟାଇଟାନିକ୍ ବୁଡ଼ିଥିବା ସ୍ଥାନରେ ପହଞ୍ଚିବା ପାଇଁ ରବିବାର ସ୍ଥାନୀୟ ସମୟ ସକାଳ ପ୍ରାୟ ୬ଟାରେ ବାହାରିଥିଲା। ଯାତ୍ରା ଆରମ୍ଭର ମାତ୍ର ଅଢ଼େଇ ଘଣ୍ଟା ପରେ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବା ସୋମବାର ରାତିରେ ଜଣାପଡ଼ିଥିଲା। ଏହି ପର୍ଯ୍ୟଟକ ବୁଡ଼ାଜାହାଜରେ ୯୬ ଘଣ୍ଟା ପାଇଁ ଅକ୍ସିଜେନ ଥିଲା। ମଙ୍ଗଳବାର ସକାଳେ ଏହାର ଅମ୍ଳଜାନ ଯୋଗାଣ ଶେଷ ହୋଇଯାଇଥିବ। ଗତବର୍ଷ ଟାଇଟନ୍‌ରେ ଟାଇଟାନିକ୍ ନିକଟକୁ ଯାତ୍ରା କରିଥିବା ଖବରଦାତା ଡାଭିଡ୍ ପୋଗ୍ କହିଛନ୍ତି, ବୁଡ଼ାଜାହାଜଟିରେ ଦୁଇଟି



ହାମିଶ୍ ହାର୍ଡିଂ



ଶାହଜାଦା ଦାଉଦ

ଯୋଗାଯୋଗ ବ୍ୟବସ୍ଥା (ଟେକ୍ସଟ ମେସେଜ୍ ଓ ସେଫ୍ଟି ପିଙ୍ଗ୍‌ସ) ରହିଥିଲା। ଟାଇଟନ୍ ବୁଡ଼ିଯିବାର ୪୫ ମିନିଟ୍ ପରେ ଉଭୟ ସିଷ୍ଟମ୍ କାମ କରିବା ବନ୍ଦ ହୋଇଯାଇଛି।

ବୁଡ଼ାଜାହାଜରେ ଥିବା ୫ ବ୍ୟକ୍ତିଙ୍କ ମଧ୍ୟରୁ ବ୍ରିଟିଶ ଆଡ୍‌ଭେଞ୍ଚରର୍ ହାମିଶ୍ ହାର୍ଡିଂ ଅନ୍ୟତମ। ୫୮ ବର୍ଷୀୟ ଆଭିଏଟର୍ ତଥା ସ୍ପେସ୍ ଟୁରିଷ୍ଟ ହାମିଶ୍ ହେଉଛନ୍ତି ଆକ୍ସନ ଆଭିଏଶନର ଅଧ୍ୟକ୍ଷ। ଟାଇଟାନିକ୍ ମିଶନରେ ସାମିଲ ହେଉଥିବାରୁ ସେ ଗର୍ବିତ ବୋଲି ରବିବାର ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ସେହିପରି କରାଚୀରେ ମୁଖ୍ୟାଳୟ ଥିବା ଏନ୍‌ଗ୍ରୋ କମ୍ପାନୀ ଉପାଧ୍ୟକ୍ଷ ଶାହଜାଦା ଦାଉଦ ମଧ୍ୟ ଉକ୍ତ ବୁଡ଼ାଜାହାଜରେ ଥିଲେ। ଏହି ପାକିସ୍ତାନୀ ବ୍ୟବସାୟୀଙ୍କ ସହ ତାଙ୍କ ପୁଅ ସୁଲେମାନ୍ ମଧ୍ୟ ଦୁଃସାହସିକ ଯାତ୍ରାରେ ସାମିଲ ଥିବା 'ରଏଟର୍ସ' ଉଲ୍ଲେଖ କରିଛି। ଓସେନ୍ ଗେଟ୍ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଷ୍ଟକ୍‌ଟନ୍, ଫରାସୀ ପାଇଲଟ୍ ପଲ୍ ହେନେରି ନାର୍ଜିଓଲେଟ୍ ମଧ୍ୟ ସେଥିରେ ଥିଲେ।

୪୬,୦୦୦ ଟନ୍ ଓଜନ ବିଶିଷ୍ଟ ଟାଇଟାନିକ୍ ୧୯୧୨ ଏପ୍ରିଲରେ ଇଂଲଣ୍ଡରୁ ୨,୨୨୪ ଯାତ୍ରୀ ଓ କ୍ରିଉଙ୍କୁ ନେଇ ନ୍ୟୁୟର୍କକୁ ଯାତ୍ରା ଆରମ୍ଭ କରିଥିବାବେଳେ ନର୍ଥ ଆଟଲାଣ୍ଟିକ୍ ଓସେନରେ ବୁଡ଼ିଯାଇଥିଲା। ଏଥିରେ ୧,୫୦୦ ଜଣଙ୍କ ମୃତ୍ୟୁ ଘଟିଥିଲା, ଯାହାଙ୍କ ମଧ୍ୟରୁ ଅଧିକାଂଶ ବିତ୍ତଶାଳୀ ଓ ସମ୍ଭ୍ରାନ୍ତ ବ୍ୟକ୍ତି ଥିଲେ। ୧୯୮୫ରେ ଆମେରିକା-ଫ୍ରାନ୍ସର ଏକ ମିଳିତ ଅଭିଯାନ ବେଳେ ଏହାର



ଭଗ୍ନାବଶେଷକୁ ଠାବ କରାଯାଇଥିଲା। ଏହି କାହାଣୀ ଉପରେ ଆଧାରିତ ହଲିଉଡ୍ ଫିଲ୍ମ 'ଟାଇଟାନିକ୍' ୧୯୯୭ରେ ସୁପରହିଟ୍ ହୋଇଥିଲା।

## ଗ୍ରୀଷ୍ମ ପ୍ରବାହରେ ଅଧିକ ପ୍ରଭାବିତ ରାଜ୍ୟକୁ ୫ ଜଣିଆ କେନ୍ଦ୍ରୀୟ ଟିମ୍ ପଠାଯିବ

**ନୂଆଦିଲ୍ଲୀ,୨୦।୬**

ଗ୍ରୀଷ୍ମ ପ୍ରବାହ ବଢ଼ିବା ଯୋଗୁ ବିଭିନ୍ନ ରାଜ୍ୟରେ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ବଢ଼ିବା ସହ ବହୁ ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜ୍ୟଗୁଡ଼ିକର ସ୍ଥିତି ଜଟିଳ ହୋଇପଡ଼ିଥିବାବେଳେ ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି। ଗ୍ରୀଷ୍ମ ପ୍ରବାହ ଦ୍ୱାରା ଅଧିକ ପ୍ରଭାବିତ ରାଜ୍ୟଗୁଡ଼ିକର ସ୍ଥିତି ସମୀକ୍ଷା ପାଇଁ ୫ ଜଣିଆ କେନ୍ଦ୍ରୀୟ ଟିମ୍ ପଠାଯିବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଉଚ୍ଚାଧିକାରୀ, ଭାରତୀୟ ପାଣିପାଗ ବିଭାଗର କର୍ମଚାରୀଙ୍କୁ ନେଇ



ମନସୁଖ ମାଣ୍ଡବ୍ୟ

ଏହି ଟିମ୍ ଗଠନ କରାଯିବ। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପକ୍ଷରୁ ନିର୍ଦ୍ଦେଶ ଜାରି କରାଯିବ। ଜନସାଧାରଣଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ମାଣ୍ଡବ୍ୟ କହିଛନ୍ତି। ଆଗାମୀ ଦିନରେ ଉତ୍ତର ପ୍ରଦେଶ, ବିହାର, ହରିୟାଣା, ତାମିଲନାଡୁ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିଦର୍ଭ, ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରେ ଭୀଷଣରୁ ଅତି ଭୀଷଣ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାକୁ ଥିବା ପାଣିପାଗ ଏଜେନ୍ସି ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପକ୍ଷେ କାଲିଠାରୁ ଉତ୍ତର ଏବଂ ମଧ୍ୟ ଭାରତୀୟ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ହ୍ରାସ ପାଇବ। ତାପମାତ୍ରା ବଢ଼ିବା ଯୋଗୁ ଉତ୍ତର ପ୍ରଦେଶ, ବିହାର ଏବଂ ଓଡ଼ିଶାରେ ଅଂଶୁଘାତରେ ଅନେକଙ୍କ ମୃତ୍ୟୁ ଘଟିଛି। ତାପମାତ୍ରା ବଢ଼ିବା ଯୋଗୁ ବହୁ ରାଜ୍ୟରେ ଗ୍ରୀଷ୍ମ ଛୁଟିକୁ ବଢ଼ାଇ ଦିଆଯାଇଛି।



ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମ୍‌ରେ ରଥଯାତ୍ରା ବେଳେ ଭକ୍ତଙ୍କ ଭିଡ଼। (ଫଟୋ: ଚମନ ଗୌତମ)

## ସୀମିତ ଇଣ୍ଟନେଟ୍ ସେବା ଯୋଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ମଣିପୁର ହିଂସା**

**ଗୁଆହାଟୀ,୨୦।୬:** ଦେଢ଼ମାସରୁ ଅଧିକ ଦିନ ହେବ ମଣିପୁରରେ ହିଂସା ଲାଗି ରହିଥିବା କାରଣରୁ ରାଜ୍ୟରେ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ରାଜ୍ୟରେ ଇଣ୍ଟରନେଟ୍ ସେବା ଚାଲୁ କରିବା ଲାଗି କୋର୍ଟରେ କରାଯାଇଥିବା ଆବେଦନ କରାଯାଇଥିଲା। ମଙ୍ଗଳବାର ହାଇକୋର୍ଟ ଆବେଦନର ଶୁଣାଣିକରି ରାଜ୍ୟରେ ସୀମିତ ଇଣ୍ଟରନେଟ୍ ସେବା ଯୋଗାଇଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଇଣ୍ଟରନେଟ ବନ୍ଦ ଥିବାରୁ ପିଲାମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ରାଜ୍ୟ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଇଣ୍ଟରନେଟ ସେବା ଯୋଗାଇବା ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଣିପୁରର ଉତ୍ତରପୂର୍ବ ଅଞ୍ଚଳରେ କୁକି ଓ ମେଇତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ହେବା ପରେ ମେ ୪ରୁ ରାଜ୍ୟବ୍ୟାପୀ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ମେଇତି ସମ୍ପ୍ରଦାୟକୁ ଏସ୍‌ଟି ବର୍ଗରେ ସାମିଲ ପାଇଁ ହାଇକୋର୍ଟଙ୍କ ରାୟକୁ କୁକି ସମ୍ପ୍ରଦାୟ ବିରୋଧ କରିଥିଲା।

# ହିଂସା ପାଇଁ ଲାଇସେନ୍ସ ନୁହେଁ ନିର୍ବାଚନ

**ନୂଆଦିଲ୍ଲୀ,୨୦।୬**

**ପଶ୍ଚିମବଙ୍ଗ ପଞ୍ଚାୟତ ଭୋଟ: ମମତା ସରକାରଙ୍କୁ ସୁପ୍ରିମକୋର୍ଟ ଝଟ୍‌କା**

ହିଂସା ପାଇଁ ନିର୍ବାଚନ ଏକ ଲାଇସେନ୍ସ ନୁହେଁ କହି ସୁପ୍ରିମକୋର୍ଟ ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସରକାରଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ଜୁଲାଇ ୮ରେ ଅନୁଷ୍ଠିତ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ ମୁତୟନ ପାଇଁ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପଶ୍ଚିମବଙ୍ଗ ସରକାର ଓ ରାଜ୍ୟ ନିର୍ବାଚନ କମିଶନ (ଏସ୍‌ଇସି) ଚ୍ୟାଲେଞ୍ଜ କରିଥିବାବେଳେ ସର୍ବୋଚ୍ଚ ଅଦାଲତ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି।

ଜଷ୍ଟିସ୍ ବି.ଭି. ନାଗରତ୍ନ ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଉପରୁ ତଳ ପର୍ଯ୍ୟନ୍ତ ନିର୍ବାଚନ ପାଇଁ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଥିବାରୁ ଆମେ ପ୍ରଶଂସା କରୁଛୁ। କିନ୍ତୁ ଏହି ନିର୍ବାଚନଗୁଡ଼ିକରେ ହିଂସାକୁ ଅନୁମତି ଦିଆଯାଇପାରିବ ନାହିଁ। ହାଇକୋର୍ଟ ମୁକ୍ତ ଓ ଅବାଧ ନିର୍ବାଚନ ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ କେନ୍ଦ୍ର ଅର୍ଦ୍ଧସାମରିକ ବଳ ମୁତୟନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟରେ କୌଣସି ପ୍ରକାର ହସ୍ତକ୍ଷେପ କରାଯିବା ଆବଶ୍ୟକ ବୋଲି ଆମେ ମନେକରୁନାହୁଁ। ଜଷ୍ଟିସ୍ ନାଗରତ୍ନ କହିଛନ୍ତି, ଆମ ପାଖରେ ପର୍ଯ୍ୟାପ୍ତ ପୋଲିସ କର୍ମଚାରୀ ନାହାନ୍ତି କହି ଅନ୍ୟ ରାଜ୍ୟରୁ ପୋଲିସ ବଳ ମଗାଇବା ପାଇଁ ପୂର୍ବରୁ ପଶ୍ଚିମବଙ୍ଗ ସରକାର ଅନୁରୋଧ କରିଥିଲେ। ଏହାକୁ ହାଇକୋର୍ଟ ବୁଝିପାରିଛନ୍ତି। କେନ୍ଦ୍ରୀୟ ବଳ ମୁତୟନ ପାଇଁ କେନ୍ଦ୍ର ସରକାର ଖର୍ଚ୍ଚ ବହନ କରିବେ। ୭୫,୦୦୦ ବୁଥ୍ ପ୍ରତିଷ୍ଠା କରିବାକୁ ପଡ଼ିବ। ରାଜ୍ୟ ସରକାର ବାହାରୁ ପୋଲିସ ରିକ୍ୟୁଜିଶନ୍ କରାଇଥିବା କହିଛନ୍ତି। ଶୁଣାଣିବେଳେ ଏହା ଉପରେ ପଶ୍ଚିମବଙ୍ଗ ସରକାରଙ୍କ ଓକିଲ ସିଦ୍ଧାର୍ଥ ଅଗ୍ରୱାଲ କହିଥିଲେ, ରାଜ୍ୟ ପୋଲିସ ବଳ ନିର୍ବାଚନ ବେଳେ ଆଇନଶୃଙ୍ଖଳା ବଜାୟ ରଖିପାରିବେ ନାହିଁ ବୋଲି ସ୍ୱୀକାର କରିନାହାନ୍ତି। ଖଣ୍ଡପୀଠ କହିଥିଲେ, ଲୋକେ ଯଦି ନାମାଙ୍କନପତ୍ର ଦାଖଲ କରିପାରିବେ ନାହିଁ ତେବେ ମୁକ୍ତ ଓ ଅବାଧ ନିର୍ବାଚନ ହେଉଛି ବୋଲି କିପରି କୁହାଯାଇପାରିବ। ନିର୍ବାଚନ ପରିଚାଳନା ହେଉଛି ରାଜ୍ୟ ନିର୍ବାଚନ କମିଶନଙ୍କ ଦାୟିତ୍ୱ। ଅତୀତରେ ଘଟିଥିବା ହିଂସାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଯଥାର୍ଥ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।




# ସବୁ ଜିଲାରେ ସକାଳୁଆ ସ୍କୁଲ ପାଇଁ ଦାବି

ଭୁବନେଶ୍ୱର,୨୦।୬
(ଅନୁରାଧା ମହାରଣା)

ରାଜ୍ୟର କିଛି ଜିଲାକୁ ବାଦ୍‌ଦେଇ ପ୍ରାୟ ସମସ୍ତ ଜିଲାର ସ୍କୁଲ ବୁଧବାରଠାରୁ ଖୋଲୁଛି। ନିୟମିତ କାର୍ଯ୍ୟସୂଚୀ ଅନୁସାରେ, ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ହେଲେ ଏହାକୁ ନୂତନ ପେନ୍‌ଶନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ବିରୋଧ କରିଛି। ରାଜ୍ୟରେ ତାପମାତ୍ରା ହ୍ରାସ ନ ହେବା ପର୍ଯ୍ୟନ୍ତ ସ୍କୁଲ ସମୟକୁ ସକାଳ ୬ଟାରୁ ସାଢ଼େ ୯ଟା କରାଯିବା ପାଇଁ ସଂଘ ଦାବି କରିଛି। ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ଏବେ ଦିନ ୧୦ଟାରୁ ୪ଟା ମଧ୍ୟରେ ଘରୁ ବାହାରିବା ସମ୍ଭବ ହେଉନାହିଁ। ପାଣିପାଗ ବିଭାଗର ସୂଚନାନୁସାରେ, ମଙ୍ଗଳବାର ଉପକୂଳବର୍ତ୍ତୀ, ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ସକାଳ ୯ଟାରୁ ବିଭିନ୍ନ ସ୍ଥାନର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିଲା। ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାର କେତେକ ଜିଲାର ସ୍କୁଲ ଛୁଟିକୁ ୨୨ ଏବଂ ୨୪ ତାରିଖ ପର୍ଯ୍ୟନ୍ତ ବଢ଼ାଇଥିବାବେଳେ କିଛି ଜିଲାରେ ସକାଳୁଆ ସ୍କୁଲ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ସଂଘ ସ୍ୱାଗତ କରୁଥିବାବେଳେ ଅନ୍ୟ ଅଞ୍ଚଳରେ ମଧ୍ୟ ସକାଳୁଆ ସ୍କୁଲ କରିବା ପାଇଁ ସେ ଦାବି କରିଛନ୍ତି। ସଂଘର ସାଧାରଣ ସଂପାଦକ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି, ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଛି। ଅଧିକାଂଶ ସ୍କୁଲ ଘର ଆଜବେଷ୍ଟସ କିମ୍ବା ଏକ ମହଲା ଛାତ ବିଶିଷ୍ଟ। ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହରେ ବିଦ୍ୟୁତ୍ ସଂଯୋଗ ବା ପଙ୍ଖାର ସୁବିଧା ନାହିଁ। କିଛି ଉପାନ୍ତ ଅଞ୍ଚଳର ବିଦ୍ୟୁତ୍ ସୁବିଧା ନ ଥିବା ବିଦ୍ୟାଳୟରେ ଛାତ୍ରୀଛାତ୍ର ଦିନ ୧୦ଟାରୁ ୪ ପର୍ଯ୍ୟନ୍ତ ସ୍କୁଲ୍‌ରେ ରହି ପାଠପଢ଼ିଲେ ଅଂଶୁଘାତର ଭୟ ରହୁଛି। ତେଣୁ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ କହିଛନ୍ତି। ସଂଘର ମହାସଚିବ ବିଶ୍ୱଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ପଞ୍ଚାନନ ଜେନା, ମିଡ଼ିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା ଏବଂ ଆବାହକ ନିରୋଦ ରଥ ପ୍ରମୁଖ ସରକାରଙ୍କ ଉଦ୍ଦେଶ୍ୟରେ ସମାନ ଦାବି ଉପସ୍ଥାପନ କରିଛନ୍ତି।

# ୧୧ ଜିଲାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୦।୬ (ଅନିଲ ଦାସ)

ପ୍ରଚଣ୍ଡ ଗରମ ସାଙ୍ଗକୁ ଗୁଳୁଗୁଳି ସମଗ୍ର ରାଜ୍ୟକୁ କଲବଲ କରୁଛି। ନିଦାଘ ଗ୍ରୀଷ୍ମରୁ ମୁକ୍ତି ପାଇଁ ସମସ୍ତେ ମୌସୁମୀ ବର୍ଷାକୁ ଚାହିଁ ରହିଛନ୍ତି। ଦକ୍ଷିଣ-ପଶ୍ଚିମ ମୌସୁମୀ ପାଇଁ ପାଗ ଅନୁକୂଳ ହେଉଛି। ଆଜି ଆସିବ କାଲି ଆସିବ ହୋଇ ୧୧ ଦିନ ଗଡ଼ିଗଲାଣି। ରାଜ୍ୟକୁ ସ୍ୱାଭାବିକ ଭାବେ ଜୁନ୍ ୧୦ ତାରିଖ ସୁଦ୍ଧା ମୌସୁମୀ ପ୍ରବେଶ କରିଥାଏ। ତେବେ ଚଳିତ ବର୍ଷ ୧୧ ଦିନ ବିଳମ୍ବ ହୋଇଥିଲେ ମଧ୍ୟ କେବେ ମୌସୁମୀ ଆଗମନ ହେବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। କେରଳରେ ମୌସୁମୀ ଜୁନ୍ ୮ ତାରିଖରେ ପ୍ରବେଶ କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାର ୧୦ ଦିନ ମଧ୍ୟରେ ଅର୍ଥାତ୍ ୧୮ ତାରିଖ ସୁଦ୍ଧା ଓଡ଼ିଶାରେ ପ୍ରବେଶ କରିବା କଥା। ମାତ୍ର ଚଳିତ ବର୍ଷ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ମୌସୁମୀ ପାଇଁ ପାଗ ଅନୁକୂଳ ହେଉ ନ ଥିବାରୁ ତାହା ଆଗକୁ ବଢ଼ିପାରୁ ନାହିଁ। ତେବେ ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ଓଡ଼ିଶାରେ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି, ମଙ୍ଗଳବାର କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନୂଆପଡ଼ା, ଗଞ୍ଜାମ ଓ ଗଜପତି ଜିଲାରେ ମେଘ ବାଦଲ ଦେଖାଦେଇଛି । କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ମଧ୍ୟ ହେଉଛି। ଦକ୍ଷିଣ ଦିଗରୁ ବାୟୁ ପ୍ରବାହିତ ହେଉଥିବା ବେଳେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆନ୍ଧ୍ର ପ୍ରଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ମୌସୁମୀ ସକ୍ରିୟ ହେବ ବୋଲି ଅନୁମାନ କରାଯାଉଛି।

କାଳବୈଶାଖୀଜନିତ ଝଡ଼ବର୍ଷା ଯୋଗୁ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ହ୍ରାସପାଇଛି। ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୨.୧, ଝାରସୁଗୁଡ଼ା ୪୨, ସୋନପୁର ୪୧.୮, ସୁନ୍ଦରଗଡ଼ ୪୧, ହୀରାକୁଦ ୪୧.୯, ବଲାଙ୍ଗୀର ୪୧.୨, ବାରିପଦା ୪୦, ଭବାନୀପାଟଣା ୪୦ ଏବଂ ବରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୦.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ପ୍ରାକ୍ ମୌସୁମୀକୁ ଦୃଷ୍ଟିରେ ରଖି ଗତ କିଛିଦିନ ହେବ ହିଟ୍‌ୱେଭକୁ ପାଣିପାଗ ବିଭାଗ ପକ୍ଷରୁ ଉଠାଇ ଦିଆଯାଇଛି। ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, କନ୍ଧମାଳ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

# ରଥଗଡ଼ାରେ ଟଳିପଡ଼ିଲେ ବୃଦ୍ଧ

ଢେଙ୍କାନାଳ ଅଫିସ, ୨୦।୬(ରତନ ନାୟାର)

ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ ପାଇଁ ଧାଇଁ ଆସିଥିଲେ ଗାଁରୁ ସହରକୁ। ଚକାନୟନକୁ ଦେଖୁ ଦେଖୁ ଉଡ଼ିଗଲା ଜୀବନ। ପବିତ୍ର ଘୋଷଯାତ୍ରାରେ ଏଭଳି ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ରଥଗଡ଼ାରେ। ମୃତକ ହେଲେ ୧୫ନଂ. ୱାର୍ଡ ଅଧୀନ ମୁକ୍ତାଦେଈପୁର ଶାସନର ବୃଦ୍ଧ ନିରୋଦ କୁମାର ରଥ (୭୧)।

ଢେଙ୍କାନାଳର ପ୍ରସିଦ୍ଧ ରଥଯାତ୍ରାରେ ଠାକୁରଙ୍କ ଦର୍ଶନ କରିବା ଏବଂ ରଥ ଟାଣିବା ପାଇଁ ମଙ୍ଗଳବାର ନିରୋଦ ଶ୍ରୀ ସିଦ୍ଧବଳରାମ ଜୀଉଙ୍କ ମନ୍ଦିରକୁ ଆସିଥିଲେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବା ବେଳକୁ ସେ ହଠାତ୍ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଅଂଶୁଘାତର ଶିକାର ହୋଇ ନିରୋଦଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ନିରୋଦ ହେଉଛନ୍ତି ୧୫ନଂ. ୱାର୍ଡର ପୂର୍ବତନ କାଉନ୍‌ସିଲର ବିଷ୍ଣୁପ୍ରିୟା ରଥଙ୍କ ସ୍ୱାମୀ। ସେ ଦୀର୍ଘଦିନ ଧରି ତହସିଲ କାର୍ଯ୍ୟାଳୟରେ ନବସନ୍ଦା କାର୍ଯ୍ୟ କରି ସୁପରିଚିତ ଥିଲେ।

# ପାଣିରେ ବୁଡି ଯୁବକ ମୃତ

**ପଦ୍ମପୁର,୨୦।୬(ପ୍ରଦୀପ୍ତ ଦାଶ):** ପଥର ଖାଦାନରେ ଗାଧୋଇବାବେଳେ ପାଣିରେ ବୁଡିଯିବାରୁ ବରଗଡ ଜିଲା ପଦ୍ମପୁର ବ୍ଲକ ଦହିତା ପଞ୍ଚାୟତ ଅନ୍ତର୍ଗତ ସର୍ଗିପାଲି ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଦ୍ୟାଧର ସାମନ୍ତ। ସୋମବାର ସେ ଗାଧୋଇବା ପାଇଁ ଗ୍ରାଫାଇଟ ଖାଦାନକୁ ଯାଇ ପାଣିରେ ବୁଡିଯାଇଥିଲେ। ମଙ୍ଗଳବାର ସକାଳୁ ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ଲୋକମାନେ ବୁଡେନ ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁରକୁ ପଠାଇଛି।






**ଆଜିର ମନ୍ତବ୍ୟ**

ଭାରତ ନିରପେକ୍ଷ ବୋଲି କେତେଜଣ ଲୋକ କହୁଛନ୍ତି। କିନ୍ତୁ ଭାରତ ଶାନ୍ତିର ପକ୍ଷଧର। ସବୁ ଦେଶ ଅନ୍ତର୍ଜାତୀୟ ଆଇନ, ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ଦେବା ଉଚିତ ବୋଲି ଭାରତ ବିଶ୍ୱାସ କରେ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଡ଼ିଆ ଘାଟର ବାଟର ଛାଇ**
**ଯେତେ କୂଟ କରେ ଆପଣା ଭାଇ।**

ଭାଇ ସହ ଭାଇର ରକ୍ତର ସମ୍ପର୍କ ରହିଥାଏ। ଭାଇ ହିଁ ସବୁଠାରୁ ବଳି ପ୍ରିୟ ଓ ଅନ୍ତରଙ୍ଗ ହୋଇଥାଏ। ଏପରିସ୍ଥଳେ ଭାଇ ସହ କୂଟକପଟ ବା କଳିଗୋଳ କରିବା ଆଦୌ ଉଚିତ ହୋଇ ନ ଥାଏ। ତେବେ ଆଜିକାଲି ଅନେକ ସ୍ୱାର୍ଥପର ବ୍ୟକ୍ତି ଲୋଭ ବଶତଃ ନିଜ ସମ୍ପତ୍ତିବାଡି ତଥା ଭାଗବଣ୍ଟା ନେଇ ଭାଇ ସହ ଗଣ୍ଡଗୋଳ କରୁଥିବା ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଉଡ଼ ହୁଡ଼ିଲେ ଦିନେ**
**ଚଷା ହୁଡ଼ିଲେ ବରଷେ।**

କୌଣସି କାରଣବଶତଃ ଗଉଡ଼ କ୍ଷୀର ଦୁହିଁ ନ ପାରିଲେ ଗଉଡ଼କୁ କ୍ଷୀର ଦୁହିଁବା ଲାଗି ତା'ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ସେହିପରି ଚାଷ କାର୍ଯ୍ୟରେ ହେଳା କରିଥିବା ଚାଷୀଟିକୁ ପୁନଶ୍ଚ ଚାଷ କାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ହୋଇଥାଏ। ତେଣୁ ସମୟକୁ ଅଯଥାରେ ନଷ୍ଟ ନ କରି ଉଚିତ ସମୟରେ ଉଚିତ କାର୍ଯ୍ୟ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ରାଜସ୍ଥାନ ସରକାରଙ୍କ ଦ୍ୱାରା ପରିଚାଳିତ ଇନ୍ଦିରା ରୋଷେଇ ବର୍ତ୍ତମାନ ସାରା ରାଜ୍ୟରେ ବେଶ୍ ଲୋକପ୍ରିୟ ଏବଂ ସବୁ ବର୍ଗର ଲୋକଙ୍କର ପସନ୍ଦର ସ୍ଥାନ ପାଲଟିଛି। ନିକଟରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଇନ୍ଦିରା ରୋଷେଇ ପରିଦର୍ଶନ କରି ଲୋକଙ୍କ ସହିତ ଏହାର ଖାଦ୍ୟ ଖାଇବା ସହ ମାନ ପରୀକ୍ଷଣ କରିଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳ କ୍ଷେତ୍ରରେ ମୋଟ ୯୯୨ଟି ଇନ୍ଦିରା ରୋଷେଇ ଥିବାବେଳେ ଉକ୍ତ ରୋଷେଇ କେନ୍ଦ୍ର ଜରିଆରେ ରାଜସ୍ଥାନବାସୀଙ୍କ ସମେତ ପ୍ରତ୍ୟେକ ଭାରତୀୟ ଓ ବିଦେଶୀ ନାଗରିକଙ୍କୁ ୮ ଟଙ୍କା ମୂଲ୍ୟରେ ସୁଷମ ଖାଦ୍ୟ ପରିବେଷଣ କରାଯାଇ ପାରୁଛି। ୨୦୨୦ରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା ଇନ୍ଦିରା ରୋଷେଇ ୨୦୨୩ ଜୁନ୍ ସୁଦ୍ଧା ରାଜ୍ୟରେ ୧୩.୦୪ କୋଟି ପ୍ଲେଟ୍ ଖାଦ୍ୟ ପରଷାଯାଇଛି।

# ୨ଜଣଙ୍କ ଜୀବନ ନେଲା ହାତୀ

**ଅନୁଗୋଳ, ୨୦।୬ (ଅମିତ କୁମାର ସାମଲ)**

ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳରେ ମଙ୍ଗଳବାର ୨ ଜଣଙ୍କ ଜୀବନ ନେଇଛି ହାତୀ। ମୃତକ ହେଲେ ସାନକନ୍ତକୁଳ ଗ୍ରାମର ଶ୍ରୀନିବାସ ସାହୁ(୬୫) ଓ ଗଡ଼ତରାସ ପଞ୍ଚାୟତ ଅରାଡିହ ଗ୍ରାମର ଅରୁଣ ପ୍ରଧାନ(୫୫)। ଏହି ଘଟଣା ଜଣାପଡ଼ିବା ପରେ ସାନକନ୍ତକୁଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକମାନେ ବନ କର୍ମଚାରୀମାନଙ୍କୁ ଟଣାଓଟରା କରିଥିଲେ। ଘଟଣାସ୍ଥଳରେ ବନ୍ତଲା ଥାନା ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରକାଶ ଯେ, ନିକଟସ୍ଥ ଜଙ୍ଗଲରୁ ଚାଲିଆସିଥିବା ଏକ ଦନ୍ତା ହାତୀ ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଥମେ ସାନକନ୍ତକୁଳ ଗ୍ରାମର ଶ୍ରୀନିବାସଙ୍କୁ ଆକ୍ରମଣ କରିଥିଲା। ଶ୍ରୀନିବାସ ଗାଁ ନିକଟ ବାଉଁଶ ବୁଦାରୁ ବାଉଁଶ ସଂଗ୍ରହ କରିବାକୁ ଯାଇଥିବା ବେଳେ ହାତୀ ତାଙ୍କୁ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ଏହି ଘଟଣାର ପ୍ରାୟ ଅଧଘଣ୍ଟା ପରେ ଉକ୍ତ ହାତୀ ସାନକନ୍ତକୁଳ ଗ୍ରାମରୁ ଅଢ଼େଇ କିଲୋମିଟର ଦୂର ଗଡ଼ତରାସ ପଞ୍ଚାୟତ ଅରାଡିହ ଗ୍ରାମରେ ପଶି ବାଉଁଶ ବାଡ଼ ଦେଉଥିବା ଅରୁଣଙ୍କୁ ଆକ୍ରମଣ କରିଥିଲା। ଖବରପାଇ ବନ ବିଭାଗ ଅରୁଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ହାତୀ ଆକ୍ରମଣ ଘଟଣାକୁ ନେଇ ସାନକନ୍ତକୁଳରେ ଉତ୍ତେଜନା ଦେଖାଦେଇଥିଲା। ଲୋକମାନେ ବନ କର୍ମଚାରୀଙ୍କୁ ଟଣାଓଟରା ସହ ଅଟକ ରଖିଥିଲେ। ବନ୍ତଲା ଥାନା ଅଧିକାରୀ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏ ନେଇ ବନ୍ତଲା ବନାଞ୍ଚଳ ଅଧିକାରୀ ନିଳଦ୍ରୀନାଥ ସାହୁ କହିଛନ୍ତି, ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଗୋଟିଏ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାନକନ୍ତକୁଳ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ।

# ଅପହୃତା ନାବାଳିକା ବୋରିଗୁମ୍ମାରୁ ଉଦ୍ଧାର

## ଅପହରଣ କରି ବଳାତ୍କାର ଅଭିଯୋଗ

**ଜୟପୁର, ୨୦।୬ (ପବନ ପାଣିଗ୍ରାହୀ)**

ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଟାଉନଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଛନଭିନ୍ କରି ତାଙ୍କୁ ବୋରିଗୁମ୍ମାରୁ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଧରିଛି। ନାବାଳିକାଙ୍କୁ ଅପହରଣ କରାଯାଇ ତାଙ୍କୁ ବଳାତ୍କାର କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ବୋରିଗୁମ୍ମା ଥାନା ଫୁଙ୍ଗୁଗାଁରେ ନାବାଳିକା ଥିବା ପୋଲିସ ସୂଚନା ପାଇ ସେଠାରୁ ତାଙ୍କୁ ଉଦ୍ଧାର କରି ନାବାଳକଙ୍କୁ ଧରିଥିଲା। ଡାକ୍ତରି ମଇନା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ନାବାଳକଙ୍କୁ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ୭ ଭାରତୀୟ କଫ୍ ସିରପ ...

ପରିମାଣ ଅଧିକ ମାତ୍ରାରେ ରହିଥିବା ଡବ୍ଲ୍ୟୁଏଚ୍ଓ ତଦନ୍ତରୁ ସ୍ପଷ୍ଟ ହୋଇଛି। ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ୍(ସିଡିସି) ଏବଂ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମଧ୍ୟ ଭାରତରେ ନିର୍ମିତ କଫ୍ ସିରପ୍ ଯୋଗୁ ଏତେ ସଂଖ୍ୟକ ପିଲାଙ୍କ ମୃତ୍ୟୁ ଘଟିଥିବା ମିଳିତ ତଦନ୍ତରୁ ଜାଣିବାକୁ ପାଇଥିଲେ। ଭାରତର କସ୍‌ମେଟିକ୍ସ, ଫାର୍ମାସ୍ୟୁଟିକାଲ୍ସ ଏବଂ ଡାକ୍ତରୀ ଉପକରଣଗୁଡ଼ିକର ଜାତୀୟ ନିୟାମକ ସଂସ୍ଥା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍‌ସିଓ) ପକ୍ଷରୁ କୁହାଯାଇଛି ଯେ, ରପ୍ତାନି ପୂର୍ବରୁ ଔଷଧଗୁଡ଼ିକର ଉପଯୁକ୍ତ ମାନର ହୋଇଥିବା ନେଇ ସୁନିଶ୍ଚିତ କରିବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନୂଆ ବ୍ୟବସ୍ଥା କରିଛି। ଭାରତର ୪ କେନ୍ଦ୍ରୀୟ ଏବଂ ୨ ଆଞ୍ଚଳିକ ଔଷଧ ଯାଞ୍ଚକାରୀ ଲାବରେଟୋରି କିମ୍ବା କୌଣସି ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ ଲାବ୍‌ଠାରୁ 'ସାର୍ଟିଫିକେଟ୍ ଅଫ୍ ଆନାଲିସିସ୍' ହାସଲ କରିଥିବା କମ୍ପାନୀ ହିଁ ସିରପ ରପ୍ତାନି କରିପାରିବେ ବୋଲି ଗତ ମେ'ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଅନୁମତି ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଡବ୍ଲ୍ୟୁଏଚ୍‌ଓର ଉପରୋକ୍ତ ପଦକ୍ଷେପ ପରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ବିଷାକ୍ତ ଔଷଧକୁ ନେଇ ଭାରତ 'ଶୂନ ସହନଶୀଳ' ନୀତି ଆପଣାଇଛି। ୭୧ଟି କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେଗୁଡ଼ିକ ମଧ୍ୟରୁ ୧୮ କମ୍ପାନୀକୁ ବନ୍ଦ କରାଗଲାଣି। ଔଷଧ ସେବନ କରି କେହି ଯେପରି ମୃତ୍ୟୁମୁଖରେ ନ ପଡ଼ିବେ ତାହା ସୁନିଶ୍ଚିତ କରିବା ଲାଗି ଗୁଣବତ୍ତାଯୁକ୍ତ ଉତ୍ପାଦନ ଉପରେ ବିସ୍ତୃତ ଅଧ୍ୟୟନ କରାଯାଉଛି। ଔଷଧର ମାନକୁ ନେଇ ଯେତେବେଳେ ବି ପ୍ରଶ୍ନ ଉଠିବ ତଥ୍ୟର ଯାଞ୍ଚ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ବାଟରେ ଅଟକିଲା ...

ଅଧାରେ ଅଟକିଯାଇଛନ୍ତି ଦର୍ପଦଳନ ଓ ନନ୍ଦିଘୋଷ ରଥ। ଘଣ୍ଟଘଣ୍ଟା, ନୃତ୍ୟ, ସଙ୍ଗୀତ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଭକ୍ତିର ସହ ରଥକୁ ଭିଡ଼ି ନେଇଥିଲେ। ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନି ସହ ଭକ୍ତିମୟ ତଥା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଘୋର ଘୋର ନାଦ ଦେଇ ରଥ ସବୁ ଶ୍ରୀଗୁଣ୍ଡିଚା ଅଭିମୁଖେ ଗଡ଼ିଥିଲା। ତେବେ ପ୍ରବଳ ଖରା ଗୁଳୁଗୁଳି ସତ୍ତ୍ୱେ ୧୦ରୁ ୧୨ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ଶ୍ରୀକ୍ଷେତ୍ରରେ ହୋଇଥିଲା। ତେବେ ଗୋଟିଏ ଦୁଇଟି ଘଟଣାକୁ ଛାଡ଼ିଦେଲେ ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଭୋର ୫ଟା ୨୦ରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ସମ୍ପନ୍ନ କରିଥିଲେ। ପରେ ଭୋର ୫ଟା ୫୦ରେ ମଙ୍ଗଳ ଆଳତି, ସକାଳ ୫ଟା ୫୫ରେ ମଇଲମ, ତଡ଼ପ ଲାଗି ୬ଟା, ଅବକାଶ ୬ଟା୧୦, ସୂର୍ଯ୍ୟପୂଜା ୬.୩୦, ଦ୍ୱାରପାଳ ପୂଜା ୬.୫୦ରେ ହେବା ସହ ବେଶ ୬ଟା ୪୦ ଶେଷ ହୋଇଥିଲା। ସେହିପରି ଗୋପାଳ ବଲ୍ଲଭ ଓ ସକାଳ ଧୂପ ସକାଳ ୮ଟା ୫, ରଥ ପ୍ରତିଷ୍ଠା ୮ଟା ୧୫, ମଙ୍ଗଳାର୍ପଣ ୮ଟା ୨୦, ମଙ୍ଗଳାର୍ପଣ ପରେ ପୁଷ୍ପାଞ୍ଜଳି ୮ଟା ୨୫, ଡୋର ଲାଗି ୮ଟା ୨୫ରେ ହୋଇ ୮.୩୦ ସୁଦ୍ଧା ପହଣ୍ଡି ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଶ୍ରୀବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା ସୁଭଦ୍ରା ପହଣ୍ଡି ହୋଇଥିବା ବେଳେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ରଥକୁ ଆସିଥିଲେ। ୧୨ ଟା ୫ରେ ଦାରୁବିଗ୍ରହଙ୍କ ପହଣ୍ଡି ଶେଷ ହୋଇଥିଲା। ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧୨ଟା ୨୦ରେ ରଥାରୂଢ଼ ହୋଇଥିଲେ। ଠାକୁରମାନଙ୍କୁ ସୋଲ ଚିତା ଲାଗି କରାଯାଇଥିଲା ୧୨ଟା ୪୦ରେ। ମଇଲମ ପରେ ବେଶ ହୋଇ ଶେଷ ହୋଇଥିଲା ୧୨ଟା ୫୫। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରଥକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାପରେ ଗଜପତି ମହାରାଜା ସୁନା ଝାଡ଼ୁକାରେ ଛେରାପହଁରା ପାଇଁ ତିନି ରଥକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଛେରାପହଁରା କରିଥିଲେ। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶେଷରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ। ତିନି ରଥର ଛେରାପହଁରା ଅପରାହ୍ନ ୨ଟା ୪୫ରେ ସରିଥିବାବେଳେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା ୨ଟା ୫୫ରେ। ଏହାପରେ ଅପରାହ୍ନ ୩ଟାରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଅତି ଭକ୍ତି ଏବଂ ଉତ୍ସାହର ସହିତ ବଡ଼ଠାକୁରଙ୍କ ରଥକୁ ଟାଣିଥିଲେ। ପରେ ମା' ସୁଭଦ୍ରାଙ୍କ ରଥ ଟଣା ୩ଟା ୪୦ରେ ହୋଇଥିଲା ଏବଂ ଶେଷରେ ମହାପ୍ରଭୁଙ୍କ ରଥ ୪ଟା ୫୫ରେ ଟଣା ଆରମ୍ଭ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଶ୍ରଦ୍ଧାଳୁମାନେ ରଥକୁ ଶ୍ରୀଗୁଣ୍ଡିଚା ଅଭିମୁଖେ ଟାଣି ନେଇଥିଲେ। ତେବେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟଣା ଆରମ୍ଭ ହେବା ସମୟରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ରଥ ଦଉଡ଼ି ଧରି ଜୟ ଜଗନ୍ନାଥ କହି ରଥ ଟାଣିଥିଲେ। ଏହି ସମୟରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କ ସମେତ ଅନେକ ମନ୍ତ୍ରୀ ଏବଂ ନେତା ମଧ୍ୟ ଉପସ୍ଥିତ ଥିଲେ। ତେବେ ରଥଟଣା ବେଳେ ରଥଗୁଡ଼ିକ ମୋଡ଼ ନେବା ସମୟରେ ସମୟ ନେଉଥିବାରୁ ରଥଗୁଡ଼ିକ ସନ୍ଧ୍ୟା ସୁଦ୍ଧା ଗୁଣ୍ଡିଚାମନ୍ଦିରରେ ପହଞ୍ଚିପାରି ନ ଥିଲା। ତେବେ ପ୍ରଶାସନ ପକ୍ଷରୁ ଲାଇଟ୍ ଲଗାଯାଇ ରଥ ଟଣାଯାଇଥିଲା। ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୧୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଗରମ ଓ ଖରାକୁ ଦେଖି ପ୍ରଶାସନ ପକ୍ଷରୁ ପାଣି ସିଞ୍ଚନ କରାଯାଇଥିଲା। ତେବେ ସନ୍ଧ୍ୟା ୭ଟା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଶରଧାବାଲିରେ ପହଞ୍ଚି ଥିବାବେଳେ ମା' ସୁଭଦ୍ରାଙ୍କ ରଥ ସଂଗ୍ରାମ କ୍ଲବ ନିକଟରେ ରହିଛି। ସେହିପରି ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମଧ୍ୟ ଅକ୍ଷୟପାତ୍ର ଫାଉଣ୍ଡେଶନ ପାଖରେ ଅଟକି ରହିଛି।

## ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର): ପବିତ୍ର ରଥଯାତ୍ରା ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟୁଇଟ୍‌କରି କହିଛନ୍ତି , ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ସମସ୍ତ ଦେଶବାସୀଙ୍କୁ ବିଶେଷକରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଯେ, ଭକ୍ତି ଓ ସମର୍ପଣର ଏ ମହାପର୍ବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ। ଜୟ ଜଗନ୍ନାଥ। ଉପରାଷ୍ଟ୍ରପତି ଜଗଦୀପ୍ ଧନକର ଟୁଇଟ୍ କରି କହିଛନ୍ତି, ସମସ୍ତଙ୍କୁ ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ଶୁଭେଚ୍ଛା। ମହାପ୍ରଭୁଙ୍କ ଆଶୀର୍ବାଦରେ ସମସ୍ତ ଜଗନ୍ନାଥପ୍ରେମୀଙ୍କ ସୁଖ, ଶାନ୍ତି ଏବଂ ସମୃଦ୍ଧି କାମନା କରୁଛି। ଏହା ସମଗ୍ର ଦେଶବାସୀଙ୍କ ପାଇଁ ଏକ ଖୁସିର ମୁହୂର୍ତ୍ତ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍‌କରି ସମସ୍ତଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇବା ସହିତ ଏହି ଅଭୂତପୂର୍ବ ମୁହୂର୍ତ୍ତକୁ ସମସ୍ତେ ପାଳନ କରିବାକୁ କହିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଏହି ଅଭୂତପୂର୍ବ ଯାତ୍ରା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଟୁଇଟ୍ କରି କହିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସନାତନ ସଂସ୍କୃତିର ଏକ ବଡ ଉତ୍ସବ। ଏହାକୁ ଦେଶର କୋଟି କୋଟି ସଂଖ୍ୟାର ଲୋକମାନେ ଭକ୍ତିଭାବ ସହ ମାନିଥାଆନ୍ତି। ସମସ୍ତଙ୍କୁ ରଥଯାତ୍ରା ଅବସରରେ ହାର୍ଦ୍ଦିକ ଶୁଭକାମନା। ରଥଯାତ୍ରାର ଏହି ପର୍ବ ସଭିଙ୍କ ଜୀବନରେ ଶାନ୍ତି, ସମୃଦ୍ଧି ଓ ବୈଭବ ଆଣିଦେଉ ବୋଲି ସେ କହିଛନ୍ତି।

## ୨୦୦ରୁ ଊର୍ଦ୍ଧ୍ୱ ...

ପଡ଼ିଯାଇଥିଲା। ସୁରକ୍ଷାକର୍ମୀ, ସେଚ୍ଛାସେବୀମାନେ ୨୦ରୁ ଊର୍ଦ୍ଧ୍ୱ ଆହତଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେହିଭଳି ସମୁଦ୍ରରେ ଗାଧୋଉଥିବା ସମୟରେ ଅନେକ ପର୍ଯ୍ୟଟକ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ରଥଯାତ୍ରା ବେଳେ ପ୍ରାୟ ୨୦୦ରୁ ଅଧିକ ଭକ୍ତ ଆହତ ହୋଇ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ ସମସ୍ତ ଆହତଙ୍କ ଆରୋଗ୍ୟ କାମନା କରିଛନ୍ତି।

## ସିଗ୍‌ନାଲ ଜେଇଙ୍କୁ ...



ସୋର ସେକ୍ସନ ସିଗନାଲ ଜେଇଙ୍କ ଭଡ଼ା ଘରେ ସିବିଆଇ ଟିମ୍।

ଖାନ୍ ଓ ତାଙ୍କ ସ୍ତ୍ରୀ ଘରେ ନ ଥିବାରୁ ସିବିଆଇ ଅପେକ୍ଷା କରି ସନ୍ଧ୍ୟାରେ ଘର ସିଲ୍ କରି ଆସିଥିଲା। ହେଲେ ସୋର ଥାନାର ଦୁଇଜଣ ପୋଲିସ କର୍ମଚାରୀ ଘର ଜଗି ରହିଥିଲେ। ଜେଇଙ୍କ ସ୍ତ୍ରୀ ପଶ୍ଚିମବଙ୍ଗସ୍ଥିତ ବାପ ଘରକୁ ଯାଇଥିବା ସୂଚନା ମିଳିଛି। ଗତ ଜୁନ୍ ୨ତାରିଖରେ ଘଟିଥିବା ଏହି ଘଟଣାର ତଦନ୍ତ ଭାର ସିବିଆଇ ନେବାପରଠୁ ଏହା ପଛର କାରଣ ଖୋଜୁଛି। ଏଯାଏ ଷ୍ଟେଶନ ମ୍ୟାନେଜରଙ୍କ ସହ ୧୨ଜଣ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଏକାଧିକ ଥର ପଚରାଉଚୁରା କରିବା ସହ ବୟାନ ରେକର୍ଡ କରିଛନ୍ତି ତଦନ୍ତକାରୀ ଟିମ୍। ଦୁର୍ଘଟଣା ମନୁଷ୍ୟକୃତ ନା ଯାନ୍ତ୍ରିକ ତ୍ରୁଟିଜନିତ, ତାହା ଜାଣିବା ପାଇଁ ବୈଷୟିକ ଅଧିକାରୀଙ୍କ ସହାୟତା ବି ଲୋଡ଼ାଯାଇଛି। ଷ୍ଟେଶନର ପ୍ୟାନେଲ୍ ବୋର୍ଡ, ରିଲେ ରୁମ୍ ଓ ସିଗ୍‌ନାଲ୍ ରୁମ୍ ସିଲ୍ ହୋଇଥିବାବେଳେ କିଛି ଯାନ୍ତ୍ରିକ ଉପକରଣ ମଧ୍ୟ ଜବତ ହୋଇଛି। ଗତ ଦୁଇ ବର୍ଷ ଧରି ପଶ୍ଚିମବଙ୍ଗ ଡାକୁନୀ ଅଞ୍ଚଳର ଅମିର ଖାନ ସୋର ଷ୍ଟେଶନରେ ନିଯୁକ୍ତି ପାଇ ମାର୍କୋଣା, ରାଣିତାଲ, ବାହାନଗା ଷ୍ଟେଶନ ଦାୟିତ୍ୱ ତୁଲାଉଥିଲେ।

ଉଲ୍ଲେଖଯୋଗ୍ୟ, ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ଇତିମଧ୍ୟରେ ୧୮ଦିନ ବିତିଥିବାବେଳେ ଏଥିରେ ୨୯୨ ଜଣଙ୍କ ମୃତ୍ୟୁ ଘଟିଛି। ଏପରି କି ବହୁ ଲୋକ ଆହତ ଓ ଗୁରୁତର ହୋଇଛନ୍ତି। ରେଳ ମନ୍ତ୍ରୀଙ୍କ ସୁପାରିସ୍ କ୍ରମେ ସିବିଆଇ ଏହାର ତଦନ୍ତ କରୁଛି। ସିବିଆଇ ଟିମ୍ ବାଲେଶ୍ୱରରେ ଡେରା ପକାଇଛନ୍ତି ଏବଂ ବାହାନଗା ଷ୍ଟେଶନକୁ ବାରମ୍ବାର ଗସ୍ତ କରୁଛନ୍ତି। ପୂର୍ବରୁ ସିବିଆଇର ଏକ ୪ଜଣିଆ ଟିମ୍ ଦୁର୍ଘଟଣା ସମୟରେ କ୍ଷତିଗ୍ରସ୍ତ ଟ୍ରାକର ସ୍କାନିଂ କରି ସାରିଛନ୍ତି। ଏହାପୂର୍ବରୁ ସିବିଆଇର ୨ଜଣିଆ ଟିମ୍ ଦୁର୍ଘଟଣାସ୍ଥଳ ବୁଲି ଦେଖିଥିଲେ। ପରେ ବିଭିନ୍ନ ସ୍ଥାନରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲେ। ରିଲେ ରୁମ୍‌କୁ ଯାଇ ସେଠାରେ ମଧ୍ୟ ତନାଘନା କରିଥିଲେ। ଷ୍ଟେଶନରେ ଥିବା ବିଭିନ୍ନ କମ୍ପ୍ୟୁଟରର ହାର୍ଡ ଡିସ୍କ ଜବତ କରିଥିଲେ। ଏହାବ୍ୟତୀତ ସେଠାରେ ରେକର୍ଡ ହୋଇଥିବା ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲେ। ପରେ ବାହାନଗା ବଜାର ଷ୍ଟେଶନ ଭିତରେ ଥିବା ପ୍ରାଇଭେଟ ନମ୍ବର ଏକ୍ସଚେଞ୍ଜ ବୁକ୍ ଯାଞ୍ଚ କରିଥିଲେ।

ଅପରପକ୍ଷରେ ବାହାନଗାରେ ରେଳ ଦୁର୍ଘଟଣା ପରେ ଷ୍ଟେଶନ ମାଷ୍ଟର ଓ ପଏଣ୍ଟସ୍ ମ୍ୟାନ ନିଖୋଜ ହେବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଦକ୍ଷିଣପୂର୍ବ ରେଳପଥ ସିପିଆରଓ ଆଦିତ୍ୟ ଚୌଧୁରୀ ମଙ୍ଗଳବାର ଖଣ୍ଡନ କରିଛନ୍ତି। ଦୁର୍ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଘଟଣା ପରବର୍ତ୍ତୀ ମୁହୂର୍ତ୍ତରେ ସିବିଆଇ ବାହାନଗା ଦୁର୍ଘଟଣାର ଷ୍ଟେଶନ ମାଷ୍ଟର, ପଏଣ୍ଟସ୍ ମ୍ୟାନ ଓ ଅନ୍ୟ କେତେକ ଅଧିକାରୀଙ୍କୁ ନିଜ ହେପାଜତରେ ରଖିଥିଲା। କୌଣସି ଅଧିକାରୀ ନିଖୋଜ ନାହାନ୍ତି ବୋଲି ଚୌଧୁରୀ ଏକ ଭିଡିଓ ବାର୍ତ୍ତାରେ ସ୍ପଷ୍ଟୀକରଣ ଦେଇଛନ୍ତି।

ଅନ୍ୟପକ୍ଷରେ ଉକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇପାରିନି। ହାତଗଣତି ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଥିବାବେଳେ ବହୁ ଏକ୍ସପ୍ରେସ୍ ଟ୍ରେନ୍ ବାତିଲ ଅଛି। ସେହିପରି କିଛି ଟ୍ରେନ୍‌ର ଗତିପଥକୁ ବଦଳାଯାଇଛି। ଅନ୍ୟପଟେ ଦୁଇଟି ପାସେଞ୍ଜରକୁ ଛାଡ଼ିଦେଲେ ବାକି ସବୁ ପାସେଞ୍ଜର ବନ୍ଦ ରହିଛି।

## ଯୁକ୍ତ୨ ନାମଲେଖା ...

ନାମଲେଖା ପ୍ରକ୍ରିୟା ଜୁଲାଇ ୧୯ ମଧ୍ୟରେ ସରିବ। ସେହିପରି ଅନଲାଇନ୍ ସ୍ପଟ୍ ନାମଲେଖା ପ୍ରକ୍ରିୟା ଜୁଲାଇ ୨୬ ଓ ୨୭ ଦୁଇଦିନ ଧରି ଚାଲିବ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ୨୯ ଜୁଲାଇରୁ ଯୁକ୍ତ୨ ପାଠପଢ଼ା ଆରମ୍ଭ କରାଯିବ। ସୂଚନାଥାଉ କି, ମଙ୍ଗଳବାର ରାତି ୮ଟା ସୁଦ୍ଧା ୪,୪୯, ୫୭୯ଜଣ ଛାତ୍ରୀଛାତ୍ର ଯୁକ୍ତ୨ରେ ନାମ ଲେଖାଇବାକୁ ଆବେଦନ କରିଥିବାବେଳେ ୪,୮୨,୬୨୭ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ୪,୪୫,୦୧୩ ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି।

## ୭ ଜିଲାରେ ...

ନିୟମିତ ସମୟାନୁସାରେ ବିଦ୍ୟାଳୟ ଚାଲିବ। ସୁବର୍ଣ୍ଣପୁର ଜିଲାରେ ୨୩ ତାରିଖରେ ବିଦ୍ୟାଳୟ ଖୋଲିବା ସହ ସକାଳୁଆ ସ୍କୁଲ ହେବ। ସକାଳ ୬ଟା ୩୦ରୁ ସାଢ଼େ ୯ଟା ଯାଏ ପାଠପଢ଼ା ଚାଲିବ। ୨୬ ତାରିଖଠାରୁ ନିୟମିତ ସମୟାନୁସାରେ ପାଠପଢ଼ା ହେବ ବୋଲି କୁହାଯାଇଛି। ସେହିପରି ନୂଆପଡା ଜିଲାରେ ମଧ୍ୟ ୨୩ ତାରିଖରେ ଖୋଲିବ ସ୍କୁଲ। ସକାଳ ୬ଟା ୩୦ରୁ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ୨୬ ତାରିଖଠାରୁ ନିୟମିତ ସମୟାନୁସାରେ ବିଦ୍ୟାଳୟ ଚାଲିବ। ଏ ନେଇ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧୯ ତାରିଖରେ ସମସ୍ତ ବିଦ୍ୟାଳୟ ଖୋଲିବାର ଥିଲା। ମାତ୍ର ଗ୍ରୀଷ୍ମ ପ୍ରବାହ ଓ ରଥଯାତ୍ରାକୁ ଦୃଷ୍ଟିରେ ରଖି ଗ୍ରୀଷ୍ମ ଛୁଟି ଅବଧିକୁ ୨୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏପରିକି ସ୍ଥାନୀୟ ଗ୍ରୀଷ୍ମ ପ୍ରଭାବ ସ୍ଥିତିକୁ ନେଇ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତିରେ ଜିଲାପାଳମାନେ ପରିବର୍ତ୍ତନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଥିବାରୁ ଉପରୋକ୍ତ ୫ ଜିଲାର ଜିଲାପାଳମାନେ ଗ୍ରୀଷ୍ମଛୁଟିକୁ ବୃଦ୍ଧି କରିଛନ୍ତି।

## ସାଲିଭାରୁ ...

୩୦ ମିନିଟ୍ ପରେ ସାଲିଷ୍ଟିକ୍ ଦ୍ୱାରା ଗର୍ଭପରୀକ୍ଷା କରାଯାଇପାରିବ। ଜେରୁଜେଲମର ହେବ୍ରେଉ ୟୁନିଭର୍ସିଟି ବିଶେଷଜ୍ଞଙ୍କ ଦ୍ୱାରା ସାଲିଗ୍ନୋଷ୍ଟିକ୍ ଷ୍ଟାର୍ଟଅପ୍ କମ୍ପାନୀ ଖୋଲାଯାଇଛି। ୨୦୧୬ରେ ସାଲିଷ୍ଟିକ୍ ସମ୍ପର୍କରେ କମ୍ପାନୀ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଇସ୍ରାଏଲର ପାଖାପାଖି ୩୦୦ ମହିଳାଙ୍କୁ ନେଇ ଏହାର କ୍ଲିନିକାଲ ଟ୍ରାଏଲ୍ କରାଯାଇଥିଲା। ପରିସ୍ରାରୁ ଗର୍ଭ ପରୀକ୍ଷା ଜାଣିବା କୌଶଳ ୫୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। କିନ୍ତୁ ବର୍ତ୍ତମାନ ସାଲିଷ୍ଟିକ୍ ଜରିଆରେ ସହଜ ଏବଂ ହାଇଜିନ୍ ମେଥଡ୍‌ରେ ମହିଳାମାନ ଗର୍ଭଧାରଣ ପରୀକ୍ଷା କରିପାରିବେ ବୋଲି ସାଲିଷ୍ଟିକ୍‌ର ବଜାର ବିକ୍ରି କରାଉଥିବା ସୁପରଡ୍ରଗ୍‌ର ନିର୍ଦ୍ଦେଶକ କାରିସ୍ ନ୍ୟୁସନ୍ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ମିତ୍ରଗୃହୀ ବୁଧଙ୍କ ଯୋଗୁ ଆଜି ମନରେ ଉତ୍ତେଜନାକୁ ନିୟନ୍ତ୍ରିତ କରି ସହୃଦୟତାର ସହ ବାକ୍ୟାଳାପ କରିବାରେ ସମର୍ଥ ହେବେ। ପାରିବାରିକ ସମ୍ପର୍କକୁ ପ୍ରାଧାନ୍ୟ ଦେଇ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବାକୁ ପଡ଼ିପାରେ। ମୁହଁ ସାମନାରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ**
ପଡ଼ୋଶୀ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ରବିଙ୍କ ପ୍ରଭାବରୁ ଜଣେ ପଦସ୍ଥଙ୍କ ସାନ୍ନିଧ୍ୟ ଲାଭ କରି ସ୍ୱାର୍ଥ ହାସଲ ଚେଷ୍ଟା କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥିଲେ ମଧ୍ୟ ସନ୍ତାନ ହେତୁକ ପୀଡ଼ା ଅନୁଭବ କରିବେ।

**ମିଥୁନ**
ଚନ୍ଦ୍ର କେନ୍ଦ୍ରସ୍ଥ ରାହୁ ହେତୁ ମନର ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣରେ ରଖିପାରିବେ ନାହିଁ। ଆଜି ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଆପ୍ୟାୟିତ କରି ଅର୍ଥଲାଭର ମାର୍ଗକୁ ସୁଗମ କରିପାରନ୍ତି। କୌଣସି କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**
ରାଶ୍ୟାଧିପତି ସ୍ୱଗୃହୀ ଯୋଗୁ ପରିସ୍ଥିତି ପ୍ରତି ସଚେତନ ରହି କାମ କରିବାରେ ସଫଳ ହେବେ। କୁଟୁମ୍ବ ଲୋକଙ୍କ ସହ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆତ୍ମବିଭୋର ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ**
ଶନି ଦୃଷ୍ଟ ଗୁରୁଙ୍କ ହେତୁ ସମସ୍ୟାଭାରରେ ଅତିଷ୍ଠ ହୋଇ ମାନସିକ ଅସ୍ଥିରତା ଅଶାନ୍ତି ସୃଷ୍ଟି କରିବ। କିନ୍ତୁ କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅଫିସିଆଲି କାମକ୍ଷେତ୍ରରେ ଟେନସନ ଦୂର ହେବାରେ ଉପରିସ୍ଥ କର୍ମଚାରୀ ସାହାଯ୍ୟ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ।

**କନ୍ୟା**
ଚତୁର୍ଥସ୍ଥାନ ବୃହସ୍ପତି ଦୃଷ୍ଟ ଯୋଗୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ଆଳସ୍ୟଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା**
ଚନ୍ଦ୍ର ଯୁକ୍ତ ଶୁକ୍ରଜନିତ କାହାକୁ କିଛି ନ କହିଲେ ମଧ୍ୟ ମନ ଭିତରଟା ବିଶେଷ ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କଠାରୁ ଦୂରତା ରଖି କାମ କରିବା ଭଲ। ଫେରି ଯାଉଥିବା ବନ୍ଧୁଟି ଲେଉଟି ଆସିବା ଯୋଗୁ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ଭୁଲ୍ ବୁଝାମଣା ହେତୁ ସମସ୍ୟା ବୃଦ୍ଧିର ଆଶଙ୍କା ଦେଖାଦେବ।

**ବିଛା**
ଅଷ୍ଟମସ୍ଥ ରବିଙ୍କ ଯୋଗୁ କର୍ମକ୍ଷେତ୍ର ପ୍ରତି ଆନୁଗତ୍ୟ ଉପରିସ୍ଥଙ୍କୁ ଖୁସି କରାଇବାରେ ବିଫଳ ହେବେ। ବ୍ୟବସାୟ କ୍ଷେତ୍ରରେ ଆପଣ ଯେତେ ପାଇଲେ ମଧ୍ୟ ଖୁସି ହୋଇପାରିବେ ନାହିଁ। ଦୋକାନ, ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ। ପରିବାର ସଦସ୍ୟଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**
ରାହୁ ଯୁକ୍ତ ଗୁରୁଙ୍କ ଯୋଗୁ କୌଣସି ପରିଚିତଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ କିନ୍ତୁ କାମ ଅଟକିବ ନାହିଁ। ଅଫିସରେ ଅବସର ସମୟରେ ସହକର୍ମୀଙ୍କ ସହ ମିଷ୍ଟାଳାପରୁ ଖୁସି ରହିବେ। ଶିକ୍ଷା ଓ ପରୀକ୍ଷାରେ ପିଲାଙ୍କ ସଫଳତାକୁ ନେଇ ଆନନ୍ଦ ଅନୁଭବ କରିବେ।

**ମକର**
ସପ୍ତମସ୍ଥ ଏକାଧିକଗ୍ରହଜନିତ କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀ କାମହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ**
ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶୁକ୍ରଙ୍କ ସୁପ୍ରଭାବରୁ କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି। କର୍ମକ୍ଷେତ୍ରରେ ବାଦାନୁବାଦ ଜନିତ ଅଶାନ୍ତି ଲାଗି ରହିବା କାରଣରୁ ମନ ଅସ୍ଥିର ରହିବ।

**ମୀନ**
ସଂଯମତା ଅଭାବରୁ କର୍ମ କ୍ଷେତ୍ରରେ ଅଫିସରଙ୍କ ସହ ସମ୍ପର୍କ ହାନି ଚିନ୍ତାର କାରଣ ହେବ। ଚନ୍ଦ୍ରଙ୍କ ପ୍ରଭାବରେ ପିଲାଙ୍କ ସମସ୍ୟା ସମାଧାନ ପୂର୍ବକ ଖୁସି ଅନୁଭବ କରିବେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବାହାରକୁ ଯିବା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।

ଆଜି ଆଷାଢ଼ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର, ଜୁନ୍ ୨୧ ତାରିଖ, ଅନ୍ତର୍ଜାତୀୟ ଯୋଗ ଦିବସ, ଦିବା ଘ.୧୦.୪୧ମି. ଗତେ ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୭.୫୦ମି. ଗତେ ଘ.୦୮.୩୦ମି. ମଧ୍ୟେ ଘ.୧୦.୦୯ମି.ଗତେ ଘ.୧୧.୨୨ମି. ମଧ୍ୟେ ଶୁଭ ଶୁଦ୍ଧବେଳା। ଦିବା ଘ.୧୧.୪୮ମି. ଗତେ ଘ.୦୧.୨୭ମି. ମଧ୍ୟେ ରାହୁକାଳ।

# ବାଧ୍ୟତାମୂଳକ ହେବ ବର୍ଷାଜଳ ସଂରକ୍ଷଣ

## ୫୨ ବ୍ଲକ, ୨୭ ସହରରେ କାର୍ଯ୍ୟକାରୀ ହେଉଛି ଛାତ ଯୋଜନା

ଭୁବନେଶ୍ୱର,୨୦।୬(ଅନିଲ ଦାସ)

ଜଳବାୟୁ ପରିବର୍ତ୍ତନ ସହିତ ରାଜ୍ୟରେ ବର୍ଷା ପରିମାଣ ଦ୍ରୁତ ଗତିରେ ହ୍ରାସ ପାଉଛି। ଜୀବନଯାପନ ପାଇଁ ଭୂଗର୍ଭ ଜଳ ଉପରେ ମାତ୍ରାଧିକ ନିର୍ଭରଶୀଳତା ବଢ଼ିଯାଇଛି। ଫଳରେ ଭୂତଳ ଜଳ ଉପରେ ଚାପ ପଡୁଛି। ଏପରି ସ୍ଥଳେ ଜଳ ସଂରକ୍ଷଣ ଜରୁରୀ ହୋଇପଡ଼ିଲାଣି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବର୍ଷାଜଳ ସଂରକ୍ଷଣ ପାଇଁ ଛାତ ଯୋଜନା-୨୦୨୨ ଆରମ୍ଭ କରିଛନ୍ତି। ଆସନ୍ତା ୫ ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଭୂଗର୍ଭ ଜଳ ସମସ୍ୟା ଥିବା ରାଜ୍ୟର ୨୭ଟି ସହର ଏବଂ ୫୨ଟି ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ସରକାରୀ ଓ ବେସରକାରୀ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ କରାଯିବ। ବେସରକାରୀ ଲୋକଙ୍କ ପାଇଁ ଏହି ଯୋଜନାରେ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ବ୍ୟବସ୍ଥା ରହିଛି। ତେବେ ବ୍ୟକ୍ତିଗତ ଘର ପାଇଁ ବର୍ଷାଜଳ ଅମଳକୁ ବାଧ୍ୟତାମୂଳକ କରାଯାଇ ନାହିଁ। ଆପାର୍ଟମେଣ୍ଟଗୁଡ଼ିକ ପାଇଁ ବର୍ଷା ଜଳ ସଂରକ୍ଷଣ ବାଧ୍ୟତାମୂଳକ ହୋଇଥିବା ବେଳେ ଆଗାମୀ ଦିନରେ ଏହାକୁ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ କରାଯିବ ବୋଲି ଭୂତଳ ଜଳ ସଂରକ୍ଷଣ ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଭୂତଳ ଜଳ ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ରାଜ୍ୟର ୮ଟି ବ୍ଲକରେ ଭୂଗର୍ଭସ୍ଥ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସପାଉଛି। ସେହି ବ୍ଲକଗୁଡ଼ିକ ହେଲା ତାଳଚେର, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୂଆପଡ଼ା, ଭୁବନେଶ୍ୱର ଓ ନୟାଗଡ଼। ଏହିସବୁ ବ୍ଲକରେ ଭୂଗର୍ଭ ଜଳ ୭୦ରୁ ୯୦ ପ୍ରତିଶତ ବ୍ୟବହାର କରାଯାଉଛି। ଏହାଛଡ଼ା ୪୪ଟି ବ୍ଲକରେ ଭୂତଳ ଜଳ ସେମି କ୍ରିଟିକାଲ ସ୍ତରକୁ ଯାଉଥିବା ନେଇ ସତର୍କ କରାଯାଇଛି। ଉକ୍ତ ବ୍ଲକଗୁଡ଼ିକରେ ଯଦି ଭୂଗର୍ଭସ୍ଥ ଜଳ ସଞ୍ଚରଣ ବୃଦ୍ଧି ନ ହୁଏ ତେବେ ଆଗାମୀ ଦିନରେ ପାଣି ଟୋପାଏ ପାଇଁ ହଇରାଣ ହେବାକୁ ପଡ଼ିବ। ଗ୍ରାଉଣ୍ଡ ୱାଟର ରିସୋର୍ସ ଆସେସ୍‌ମେଣ୍ଟ(ଜିଡବ୍ଲୁଆର୍‌ଏ) ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮,୯୭,୧୫୦.୫୩ ହେକ୍ଟର ମିଟର ଜଳ ସଞ୍ଚରଣ ହେଉଥିବା ବେଳେ ୧,୫୩, ୧୭୩.୧୬ ହେକ୍ଟର ମିଟର ଜଳ ତଳକୁ ଖସୁଛି।

ସୂଚନାଯୋଗ୍ୟ, ଭୂଗର୍ଭସ୍ଥ ଜଳ ସ୍ତର ବୃଦ୍ଧି କରିବାକୁ ରାଜ୍ୟ ସରକାର ୨୦୧୫ରେ ଛାତ ଉପର ଭୂତଳ ଜଳ ପ୍ରକଳ୍ପ ଯୋଜନା ଆରମ୍ଭ କରିଥିଲେ। ଜଳ ସଂରକ୍ଷଣ ପାଇଁ ଏହି ଯୋଜନାରେ ପ୍ରୋତ୍ସାହନ ରାଶି ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲା। ଏହା ଲୋକମାନଙ୍କ ମଧ୍ୟରେ ଦ୍ରୁତ ଆଦୃତି ଲାଭ କରିଥିଲା। ତେବେ ୨୦୧୯ରେ ଏହି ଯୋଜନା ବନ୍ଦ ହୋଇଯାଇଥିଲା। ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୫ରୁ ୨୦୧୯ ମଧ୍ୟରେ ୯,୪୩୮ଟି ବେସରକାରୀ ଏବଂ ୩୫୮ଟି ସରକାରୀ ଗୃହ ଛାତ ଉପରେ ଜଳ ସଂରକ୍ଷଣ ପୁନଃଭରଣ ଯୋଜନା କାର୍ଯ୍ୟକାରୀ କରାଯାଇଛି।

## ପୃଥିବୀ ଗୋଟିଏ ପଟକୁ ୮୦ ସେ.ମି. ଢଳିଛି



ଅତ୍ୟଧିକ ଭୂତଳ ଜଳ ବ୍ୟବହାର ମଧ୍ୟ ପୃଥିବୀ ଉପରେ ପ୍ରଭାବ ପକାଇବା ଆରମ୍ଭ କରିଛି। ଜିଓଫିଜିକାଲ ରିସର୍ଚ୍ଚ ଲେଟର୍ସରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୧୯୯୩ରୁ ୨୦୧୦ ମଧ୍ୟରେ ଅଧିକ ପରିମାଣ ଭୂତଳ ଜଳ ବାହାର କରାଯିବା କାରଣରୁ ପୃଥିବୀକୁ ଗୋଟିଏ ପଟକୁ ୮୦ ସେଣ୍ଟିମିଟର (୩୧.୫ ଇଞ୍ଚ) ପର୍ଯ୍ୟନ୍ତ ଢଳାଇ ଦେଇଛି। ପୂର୍ବରୁ ଏକ ଅଧ୍ୟୟନରେ କୁହାଯାଇଥିଲା ଯେ ଭୂଗର୍ଭ ଜଳର ଅସନ୍ତୁଳନ ଯୋଗୁ ପୃଥିବୀ ନିଜ କକ୍ଷରୁ କିଛିମାତ୍ରାରେ ପରିବର୍ତ୍ତନ ହୋଇଛି। ଭୂବିଜ୍ଞାନୀଙ୍କ ଅଧ୍ୟୟନ ଅନୁଯାୟୀ ୧୯୯୩ରୁ ୨୦୧୦ ମଧ୍ୟରେ ମନୁଷ୍ୟ ଦ୍ୱାରା ଭୂଗର୍ଭରୁ ୨,୧୫୦ ଗିଗାଟନ ଭୂଗର୍ଭ ଜଳକୁ ବାହାର କରାଯାଇଛି। ଏଥିଯୋଗୁ ୬ ଇଞ୍ଚ ସମୁଦ୍ର ଜଳ ପତ୍ତନ ମଧ୍ୟ ବୃଦ୍ଧି ପାଇଛି। ଭୂଗର୍ଭ ଜଳ ଯେ ପୃଥିବୀର ବିବର୍ତ୍ତନକୁ ପରିବର୍ତ୍ତନ କରିପାରେ ତାହା ପ୍ରଥମ ଥର ପାଇଁ ୨୦୧୬ରେ ଆବିଷ୍କାର କରାଯାଇଥିଲା। ପୃଥିବୀରେ ଦେଖାଦେଉଥିବା ପରିବର୍ତ୍ତନ କେବଳ ଯେ ଗ୍ଲେସିୟରରେ ବରଫ ତରଳିବା ଯୋଗୁ ହେଉଥିବା ନେଇ କୁହାଯାଉଥିବା ବେଳେ ଏବେ ଭୂତଳ ଜଳ ଯୋଗୁ ଏପରି ହେଉଥିବା ଗବେଷଣାରୁ ଜଣାପଡ଼ିଛି।

### ମାତ୍ରାଧିକ ଭୂଗର୍ଭ ଜଳ ଶୋଷିବା ଆଣିଛି ବିପଦ

# ଓଲଟିଲା ପିକ୍‌ଅପ ଭ୍ୟାନ୍, ୧୫ ଆହତ

### ରଥଯାତ୍ରା ଦେଖିବାକୁ ଆସିବା ବେଳେ ଦୁର୍ଘଟଣା

ରାୟଗଡ଼ା, ୨୦।୬ (ଭାଗ୍ୟଶ୍ରୀ ମିଶ୍ର)



ଓଲଟି ପଡ଼ିଥିବା ପିକ୍‌ଅପ୍ ଭ୍ୟାନ୍।

ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରକୁ ଭକ୍ତ ରଥଯାତ୍ରା ଦେଖିବାକୁ ଆସୁଥିବା ବେଳେ ଦୁର୍ଘଟଣା ଘଟିଛି। ରାୟଗଡ଼ା ଥାନା ଅନ୍ତର୍ଗତ ହାଲୁଆ ଗ୍ରାମ ପଞ୍ଚାୟତର ତଳସାଂକେଶ ଗ୍ରାମ ନିକଟରେ ୩୨୬ନଂ. ଜାତୀୟ ରାଜପଥରେ ଏକ ମ୍ୟାକ୍ସ ପିକ୍‌ଅପ ଭ୍ୟାନ୍ ଓଲଟି ପଡ଼ିବାରୁ ୧୫ରୁ ଅଧିକ ଲୋକ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଥିବା ଜଣାପଡିଛି। ଆହତଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଥିବା ଜଣାପଡ଼ିଛି। ସମସ୍ତ ଆହତଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ରାୟଗଡ଼ାରେ ରଥଯାତ୍ରା ଦେଖିବା ପାଇଁ କୋରାପୁଟ ଜିଲା ଲକ୍ଷ୍ମୀପୁର ଅଞ୍ଚଳରୁ ଏକ ପିକ୍‌ଅପ ଗାଡ଼ିରେ ୧୦ରୁ ଅଧିକ ଲୋକ ଆସୁଥିବାବେଳେ ରାଫାକଣା ଛକଠାରେ ହାଲୁଆ ପଞ୍ଚାୟତର ୫ରୁ ଅଧିକ ଲୋକେ ଚଢ଼ିଥିଲେ। ତେବେ ରାୟଗଡା ସହରକୁ ପହଞ୍ଚିବାକୁ ଆଉ ମାତ୍ର ୫ କି.ମି ଦୂର ଥିବାବେଳେ ତଳସାଂକେଶଠାରେ ଥିବା ବୁଲାଣୀ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋକୁ ସାଇଡ ଦେବାକୁ ଯାଇ ପିକ୍‌ଅପ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଗାଡ଼ି ଭିତରେ ଓ ଡାଲାରେ ବସିଥିବା ରୋମି ମଣ୍ଡାଙ୍ଗୀ, ଲକ୍ଷ୍ମୀ ନାୟକ, ରାଧା ମଣ୍ଡାଙ୍ଗୀ, ସମିଆ ଶାରକା, ଦୁନାଇଁ ସାରାକା, ଏଷା ସାରକା, ସୌଦାମିନୀ ମାଝୀ, ରାଇତ ମାଝୀ, ଦୟାନିଧି ମାଝୀଙ୍କ ସମେତ ଅନ୍ୟମାନେ ରାସ୍ତା ଉପରେ ଛିଟକି ପଡି ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ଦେଢ଼ବର୍ଷ ପରେ ଲୋକଙ୍କୁ ଗଲା ପିଏମ୍‌ଏୱାଇ କାର୍ଯ୍ୟାଦେଶ

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)

- ୩ ପର୍ଯ୍ୟାୟରେ ଲୋକଙ୍କୁ ମିଳିବ ଘର ନିର୍ମାଣ ଟଙ୍କା
- ପ୍ରଥମ ପର୍ଯ୍ୟାୟ ୪୦ ହଜାର ଟଙ୍କା ଯାଇସାରିଥିବା ସୂଚନା
- ଏବେ ଅନ୍‌ଲାଇନରୁ କାର୍ଯ୍ୟାଦେଶ ଡାଉନ୍‌ଲୋଡ୍ କରିପାରିବେ ହିତାଧିକାରୀ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ପୁଣି ଥରେ କାର୍ଯ୍ୟାଦେଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ପ୍ରାୟ ଦେଢ଼ବର୍ଷ ହେବ ରାଜ୍ୟରେ ବନ୍ଦ ଥିଲା। ଏହାକୁ ନେଇ ରାଜନୀତି ମଧ୍ୟ ଜୋର୍ ଧରିଥିଲା। ହେଲେ ସୋମବାରଠାରୁ ରାଜ୍ୟରେ ଥିବା ମୋଟ୍ ୯ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ଅନେକ ଜଣଙ୍କୁ ଗତ ସୋମବାରଠାରୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ତେବେ ଏହି ଯୋଜନାରେ ପ୍ରଥମ ଥର ଲାଗି ଅନ୍‌ଲାଇନ ଜରିଆରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ତେବେ ପାହାଡିଆ ଅଞ୍ଚଳରେ ରହୁଥିବା ହିତାଧିକାରୀଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କା ମିଳିବାକୁ ଥିବାବେଳେ ସମତଳ ଅଞ୍ଚଳରେ ରହୁଥିବା ହିତାଧିକାରୀଙ୍କୁ ଲକ୍ଷେ ୨୦ ହଜାର ମିଳିବ। ପାହାଡିଆ ଅଞ୍ଚଳର ହିତାଧିକାରୀଙ୍କୁ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା, ଦ୍ୱିତୀୟ କିସ୍ତିରେ ୬୫ହଜାର ଏବଂ ଗୃହନିର୍ମାଣ ଶେଷ ସହିତ ଶୌଚାଳୟ ନିର୍ମାଣ, ହିତାଧିକାରୀ ସେହି ନୂଆ ଘରେ ରହିବା ଆରମ୍ଭ କରିବା ପରେ ବାକି ୩ୟ କିସ୍ତି ୨୫ ହଜାର ଟଙ୍କା ମିଳିବ। ଏଭଳି ଭାବେ ମୋଟ ୧.୩୦ଲକ୍ଷ ଟଙ୍କା ପିଏମ୍ ଆବାସ ଯୋଜନାରେ ମିଳିବ। ଅନ୍ୟପଟେ ସମତଳ ଅଞ୍ଚଳ ଲାଗି ପ୍ରଥମ କିସ୍ତିରେ ୪୦ ହଜାର, ଦ୍ୱିତୀୟ କିସ୍ତିରେ ୬୫ ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଦିଆଯିବ। ତେବେ ସୂଚନା ମୁତାବକ ଯେଉଁ ହିତାଧିକାରୀମାନଙ୍କ ତାଲିକାରେ ନାଁ ଅଛି ସେମାନଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରିଥିବା ଜଣେ ପଞ୍ଚାୟତିରାଜ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି। ଏହାଦ୍ୱାରା ଯେଉଁମାନେ ପ୍ରକୃତ ହିତାଧିକାରୀ ଏବଂ ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଏପରି ମୋଟ ୯ ଲକ୍ଷ ଲୋକଙ୍କୁ ମିଳିବ ବୋଲି ଅଧିକାରୀ ଜଣକ କହିଛନ୍ତି।

ଗ୍ରାମାଞ୍ଚଳ ଓ ବ୍ଲକସ୍ତରରେ ପିଏମ୍ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନଠାରୁ ଆରମ୍ଭକରି ବିଲ୍ ପ୍ରଦାନ ଆଦି କ୍ଷେତ୍ରରେ ଦୁର୍ନୀତି ଅଭିଯୋଗ ଆସିବା ତଥା କେନ୍ଦ୍ର ସରକାରଙ୍କ ତାଗିଦ ପରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ଅନ୍‌ଲାଇନରେ ପିଏମ୍ ଆବାସ ଘର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଗତ ମେ' ୩୦ ତାରିଖରେ ରାଜ୍ୟ ପଞ୍ଚାୟତିରାଜ ସଚିବ ସୁଶୀଲ କୁମାର ଲୋହାନୀ ସମସ୍ତ ଜିଲାପାଳ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ) ଓ ବିଡିଓଙ୍କୁ ଚିଠି ଲେଖି ପିଏମ୍ ଆବାସ(ଗ୍ରାମୀଣ) ଘରର କାର୍ଯ୍ୟାଦେଶ ହିତାଧିକାରୀଙ୍କୁ ଅନ୍‌ଲାଇନରେ ବଣ୍ଟନ କରାଯିବ ବୋଲି ସୂଚନା ଦେଇଥିଲେ। ରାଜ୍ୟର ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଛାତଘର ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ ଆବାସ)ରେ କେନ୍ଦ୍ର ସରକାର ୨୦୨୩ ଜାନୁଆରରେ ମୋଟ ୯ଲକ୍ଷ ୫୯ହଜାର ୫୧୮ଟି ଘର ମଞ୍ଜୁର କରିଛନ୍ତି। ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏକ ଲିଙ୍କ୍ ପଠାଯିବ ଯେଉଁଥିରେ ତାଙ୍କର କାର୍ଯ୍ୟାଦେଶ ମିଳିପାରୁଛି। ଏହାବ୍ୟତୀତ ହିତାଧିକାରୀ ଚାହିଁଲେ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଗୃହନିର୍ମାଣ ପୋର୍ଟାଲକୁ ଯାଇ ନିଜର ପଞ୍ଜୀକୃତ ମୋବାଇଲ ନମ୍ବର ଓ ଆଧାର ନମ୍ବର ମାଧ୍ୟମରେ ଏହି କାର୍ଯ୍ୟାଦେଶ କାଢ଼ିପାରିବେ। ଉକ୍ତ କାର୍ଯ୍ୟାଦେଶରେ ଉଲ୍ଲେଖ କରାଯାଇଛି ହିତାଧିକାରୀ ନିଜର କାର୍ଯ୍ୟାଦେଶ ପାଇବାର ବର୍ଷକ ମଧ୍ୟରେ ଗୃହ ନିର୍ମାଣ ଶେଷ କରିବା ଆବଶ୍ୟକ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଦିଆଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରାଯିବ ଓ ପ୍ରଦାନ କରାଯାଇଥିବା ଅର୍ଥରାଶି ଆଦାୟ ନିମନ୍ତେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଓଡ଼ିଶାକୁ ୨୬.୫୧ଲକ୍ଷ ଘର ମଞ୍ଜୁର କରିସାରିଥିବାବେଳେ ୧୭.୧୪ଲକ୍ଷ ଗୃହ ନିର୍ମାଣ ଶେଷ ହୋଇସାରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୋଟ ୧୩ ଲକ୍ଷ ୭୮ ହଜାର ୨୪୯ ଜଣ ହିତାଧିକାରୀ ଘର ପାଇବା ନିମନ୍ତେ ଆବେଦନ କରିଥିଲେ। ମାତ୍ର ଯାଞ୍ଚ ପରେ ସରକାର ୩ ଲକ୍ଷ ୨୧ ହଜାର ୬୧୦ ଜଣ ଅଯୋଗ୍ୟ ଆବେଦନକାରୀଙ୍କୁ ବାଦ୍ ଦେଇଥିଲେ। ପରେ ସେଥିରୁ ୯ଲକ୍ଷ ୫୯ହଜାର ୫୧୮ଜଣଙ୍କୁ ଚିହ୍ନଟକରି ସେମାନଙ୍କୁ ଘର ନିର୍ମାଣ ପାଇଁ ୱାର୍କ ଅର୍ଡର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍‌କୁ ଅଟକାଇ ଫୁଲ, କାଜୁ ଦେଲେ କୁନିପିଲା

ଭୁବନେଶ୍ୱର,୨୦।୬(ସୁନିତ୍ ମିଶ୍ର): ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ଦର୍ଶନକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍‌କେଡ୍ ଏକ ଗଳି ଦେଇ ଆସୁଥିଲା। ଏହି ସମୟରେ କାର୍‌କେଡ୍‌କୁ କୁନି କୁନି ପିଲା ଅଟକାଇଥିଲେ। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡ଼ା ସହ କାଜୁ ପ୍ୟାକେଟ ପ୍ରଦାନ କରିଥିଲେ। ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍‌ରେ ଥିବା ପୋଲିସ ଅଧିକାରୀମାନେ ସେଠାରେ ପହଞ୍ଚିଯାଇଥିଲେ। ହେଲେ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ କଥା ହେବା ସହ ସେମାନେ ଦେଇଥିବା ଉପହାରକୁ ସାଦରେ ଗ୍ରହଣ କରିଥିଲେ। ଏହାର କିଛି ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍ ସେଠାରୁ ଚାଲିଯାଇଥିଲା।







# ୨୩ ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର,୨୦।୬(ଅନିଲ ଦାସ)

ରାଜ୍ୟ ସରକାର ୨୩ ଜଣ ଓଡ଼ିଶା ପ୍ରଶାସନିକ ଅଧିକାରୀ(ଓଏଏସ୍)ଙ୍କୁ ପଦୋନ୍ନତି ଦେଇଛନ୍ତି। ଓଏଏସ୍ ଗ୍ରେଡ୍-ଏ (ଜୁନିୟର ବ୍ରାଞ୍ଚ) ଅଧିକାରୀଙ୍କୁ ଓଏଏସ୍ ଗ୍ରେଡ୍-ଏ (ସିନିୟର ବ୍ରାଞ୍ଚ) ଲେଭଲ-୧୩ ପେ ମାଟ୍ରିକ୍ସକୁ ପଦୋନ୍ନତି ଦିଆଯାଇଛି। ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାୟଗଡ଼ା ବିଡିଓ ସୁଧୀର କୁମାର ସିଂ, ଜୟପୁର ନୂଆ ରେଳଲାଇନ ପ୍ରକଳ୍ପ ସ୍ପେଶାଲ ଏଲ୍‌ଏଓ ସୂରଜ କୁମାର ପଟ୍ଟନାୟକ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଲମତାପୁଟ ବିଡିଓ କର୍ଣ୍ଣଦେବ ସମଦାର, ନବରଙ୍ଗପୁର ଡେପୁଟି କଲେକ୍ଟର ଦୁର୍ଯ୍ୟୋଧନ ଭୋଇ, ମାଲକାନଗିରି ବିଡିଓ ଅଜୟ ପ୍ରଧାନଙ୍କୁ ପଦୋନ୍ନତି ଦିଆଯାଇଛି। ସେହିପରି ପାଲଲହଡା ବିଡିଓ ଦିଲ୍ଲୀପ କୁମାରା ବାରା, ଭବାନୀପାଟଣା ବିଡିଓ ପ୍ରୀତ କୁମାର, ନରସିଂହପୁର ବିଡିଓ ନୀଳମାଧବ ସୁନା, କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଏସ୍‌ଏସ୍‌ଆଣ୍ଡଇପିଡି ବିଭାଗ ଅଣ୍ଡର ସେକ୍ରେଟାରୀ ସନ୍ନ୍ୟାସୀ କୁମାର ବେହେରା, ଟିଟିଲାଗଡ ତହସିଲଦାର ପ୍ରେମଲାଲ ହିଆଲ, ତାଳଚେର ବିଡିଓ ଚିନ୍ମୟୀ ଚେତନା ଦାସ, ଓଏସ୍‌ଏସ୍‌ସି ଅଣ୍ଡର ସେକ୍ରେଟାରୀ ଆକାଂକ୍ଷା ଅଭିଜିତା, ଅନୁଗୋଳ ବିଡିଓ ଅରବିନ୍ଦ ବେହେରା, ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଭୁବନେଶ୍ୱର ବିଡିଓ ସମ୍ପଦ କୁମାର ଦଳାଇ, ତେଲକୋଇ ତହସିଲଦାର ଅଶ୍ୱିନୀ କୁମାର ନାଏକ, ଲୋୟର ଇନ୍ଦ୍ରାବତୀ ଜୋନ ଅଫିସର କଳ୍ପୁ ମାଝି, ରାୟଗଡ଼ା ଡେପୁଟି କଲେକ୍ଟର ମଧୁମିତା ପାମେଲା କର, ଜୁନାଗଡ଼ ବିଡିଓ ଜୁଲାରାମ ମାରାଣ୍ଡି, ବାଲେଶ୍ୱର ଡେପୁଟି କଲେକ୍ଟର ପ୍ରଦୀପ କୁମାର ସାହୁ ଏବଂ ଜଗତ୍‌ସିଂହପୁର ଡେପୁଟି କଲେକ୍ଟର ସୌଭାଗ୍ୟ ରଞ୍ଜନ ଦାସଙ୍କୁ ପଦୋନ୍ନତି ଦିଆଯାଇଛି।

# ନିଯୁକ୍ତ ହେଲେ ୧୯ ସୂଚନା ସେବା ଅଧିକାରୀ

ଭୁବନେଶ୍ୱର,୨୦।୬(ଅନିଲ ଦାସ)

ଓଡ଼ିଶା ସୂଚନା ସେବା (ଦ୍ୱିତୀୟ ଶ୍ରେଣୀ) ବର୍ଗରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏସ୍‌ଡିଆଇପିଆରଓ ପଦରେ ନିଯୁକ୍ତି ପାଇଥିବା ୧୯ ଅଧିକାରୀଙ୍କୁ ବିଭିନ୍ନ ଉପଖଣ୍ଡ ତଥା ଜିଲାରେ ଅବସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରୁ କେ.ଶ୍ରବଣ କୁମାରଙ୍କୁ ଅନୁଗୋଳ, ଐଶ୍ୱର୍ଯ୍ୟା ସାମନ୍ତଙ୍କୁ ବାଲେଶ୍ୱର, ବିନାୟକ ମିଶ୍ରଙ୍କୁ ପଦମପୁର, ଅମ୍ଳାନ ଦାସଙ୍କୁ ବାଙ୍କୀ, ଅଭିଷେକ ବେହେରାଙ୍କୁ ଢେଙ୍କାନାଳ, ପ୍ରତିଚୀ ତନୟା ମହାନ୍ତିଙ୍କୁ ଜଗତ୍‌ସିଂହପୁର, ପ୍ରହ୍ଲାଦ କାଶଲାଙ୍କୁ ବାଲିଗୁଡ଼ା, ସ୍ୱାଧୀନ କୁମାର ମନ୍ତ୍ରୀଙ୍କୁ ଆନନ୍ଦପୁର, ସାର୍ଥକ ଅଭିନନ୍ଦନ ରାୟଙ୍କୁ ଚମ୍ପୁଆ, ଅବିନାଶ ପାଣିଙ୍କୁ ଉଦଳା, ସଂଯୁକ୍ତା କୁଲୁଙ୍କୁ ସମ୍ବଲପୁର ସଦର ମହକୁମାରେ ଅବସ୍ଥାପିତ କରାଯାଇଛି। ସେହିପରି ସ୍ୱାଗତିକା ବେହେରାଙ୍କୁ ସହକାରୀ ସୂଚନା ଅଧିକାରୀ ପଢ଼ିଆରୀ ପାଠାଗାର, କଟକ, ଆଲୋକ ମହାନ୍ତି ଓ ସନ୍ଦୀପ କୁମାର ବଳଙ୍କୁ ଯଥାକ୍ରମେ କେନ୍ଦ୍ରାପଡ଼ା ଓ ନୂଆପଡ଼ା ଜିଲାର ଭାରପ୍ରାପ୍ତ ଡିଆଇପିଆରଓ ଭାବେ ଅବସ୍ଥାପିତ କରାଯାଇଛି। ସରୋଜ ସାହୁ (ପିଆରଓ,ଏଲ୍‌ଆର), ସ୍ୱାତିସ୍ନିଗ୍ଧା ସୁଆର, ତନୁଜା ମହାନ୍ତି, ରୋଜାଲିନ୍ ସାହୁ ଏବଂ ସୁଶ୍ରୀ ସଙ୍ଗୀତା ମହାରଣା, ପିଆରଓ(ଗ୍ରୁପ୍ ଅଫ୍ ଡିପାର୍ଟମେଣ୍ଟସ୍) ଭାବେ ଖୋର୍ଦ୍ଧା ଜିଲା (ରାଜ୍ୟ ସଦର ମହକୁମା,ଭୁବନେଶ୍ୱର) ରେ କାର୍ଯ୍ୟ କରିବେ। ଖାଲିଥିବା ଏହିସବୁ ପଦବୀ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ ଜରିଆରେ ଚୟନ ପରେ ପ୍ରାର୍ଥୀମାନଙ୍କୁ ବିଭିନ୍ନ ସ୍ଥାନରେ ଅବସ୍ଥାପିତ କରିବା ନେଇ ମେ' ୩୦ ତାରିଖରେ କାଉନସେଲିଂ କରାଯାଇଥିଲା।




## ଆବଶ୍ୟକ

ପଦବୀ:ରାଜମିସ୍ତ୍ରୀ, ସେଣ୍ଟ୍ରିଙ୍ଗ ମିସ୍ତ୍ରୀ
ମାସିକ ଦରମା-୧୫,୦୦୦/- (including food)
ହେଲ୍ପର-ମାସିକ ଦରମା-୧୦,୦୦୦/- (including food) (ରହିବା ମାଗଣା)
ସ୍ଥାନ-ଅନୁଗୁଳ
କଳକାରଖାନାରେ ଶ୍ରମିକ ଯୋଗାଉଥିବା ବ୍ୟକ୍ତି ଯୋଗାଯୋଗ କରିବାକୁ ଅନୁରୋଧ ।
ଯୋଗାଯୋଗ: ୬୩୭୧୧୫୮୧୯୪/୭୭୩୫୫୭୨୫୫୦

## Urgently Required

Salon & Spa therapist, Manager & House Keeping staff for Bhubaneswar Center.
Only Female Candidate can Contact for details.
9178760530
9178760540

## URGENT REQUIRED

**FOR BMS PROJECTS**

Senior Accountant - 1 Post : 10-12 Yrs. Experience
Junior Accountant - 1 Post : 4-6 Yrs. Experience
Civil Engineer - 1 Post : 8-10 Yrs. Experience in (Road, Bridge & Building Work & Billing)

**FOR BMS FULES**

Sales Executive - 1 Post : Eligibility: 5-6 Yrs. Sales Experience, Computer Knowledge must.

Interest Candidate Please Send Their Resume in
bmsprojectsmrg@gmail.com, Contact No.: 7978913328
At: BMS Projects, Subhash Chowk, Malkangiri

## WANTED

ଧରିତ୍ରୀ DHARITRI Oriya daily is looking for

**MARKETING EXECUTIVES**

**Roles and Responsibilities:-**

- Required young and enthusiastic individuals to join our dynamic media marketing team.
- Capable to aggressively chase sales targets
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

**Requirements:-**

- Bachelor's degree in Marketing, Communications or Business Administration.
- Freshers are welcome to apply; previous internship or relevant coursework in marketing is a plus.
- Excellent Marketing, negotiation and analytical skills.
- Effective communication skills & punctuality.

Apply immediately to : recruitment@dharitri.com
Attractive salary commensurate with experience

# ସାମାଜିକ ଗଣମାଧ୍ୟମରେ କେନ୍ଦ୍ର ବାଲ୍ ପୁରସ୍କାର ବିଜେତାଙ୍କ ନାମ

### ଘୋଷଣା ପୂର୍ବରୁ ନାଁ ପ୍ରଘଟ

ଭୁବନେଶ୍ୱର,୨୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଚଳିତ ବର୍ଷର କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଦିଆଯାଉଥିବା ବାଲ୍ ପୁରସ୍କାର ବିଜେତାଙ୍କ ନାମ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ପୁରସ୍କାର ଘୋଷଣା ହେବା ପୂର୍ବରୁ ଏହା କିପରି ପ୍ରଘଟ ହେଲା ତାହା ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ମହଲରେ ଆଲୋଚନାର ବିଷୟ ହୋଇଛି। ଓଡ଼ିଶାରୁ ଡ. ସୁନାମଣି ରାଉତ ଚଳିତ ବର୍ଷର ଏହି ପୁରସ୍କାର ପାଉଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ପୋଷ୍ଟରେ ଚଳିତ ବର୍ଷର ଜୁରୀ ସଦସ୍ୟ ଭାବେ ଭୂପେନ ମହାପାତ୍ର ଓ ମହେଶ୍ୱର ମହାନ୍ତି ରହିଥିବା ନେଇ ମଧ୍ୟ ଉଲ୍ଲେଖ କରାଯାଇଛି। ବିଧିବଦ୍ଧ ସୂଚନା ନ ଆସିବା ଆଗରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବା ନେଇ ଅନେକ ସାହିତ୍ୟିକ ପ୍ରଶ୍ନ କରିଛନ୍ତି। ଏ ନେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି, ମୁଁ ଏ ଘଟଣା ବିଷୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବଙ୍କୁ ଚିଠି ଲେଖିଛି। ଏଥିସହ ଓଡ଼ିଆ ଭାଷା ପରାମର୍ଶଦାତା ବୋର୍ଡର ଆବାହକଙ୍କୁ ମଧ୍ୟ ଅବଗତ କରାଇଛି। ଆନୁଷ୍ଠାନିକ ଭାବେ ପୁରସ୍କାର ଘୋଷଣା ହେବା ପୂର୍ବରୁ ଓଡ଼ିଆ ଭାଷାରେ ବାଲ୍ ପୁରସ୍କାର ଏବଂ ଜୁରି ସଦସ୍ୟଙ୍କ ନାମ ସାମାଜିକ ଗଣମାଧ୍ୟମରେ ପ୍ରଘଟ ଗ୍ରହଣୀୟ ନୁହେଁ। ଯଦି ଫେସ୍‌ବୁକରେ କରାଯାଇଥିବା ପୋଷ୍ଟ ସତ ହୁଏ, ଏହାକୁ ବାତିଲ କରିବା ଏକାଡେମୀ ପାଇଁ ସମ୍ମାନଜନକ ହେବ। ଏହି ବିଷୟଟି ଅତ୍ୟନ୍ତ ଗମ୍ଭୀର। ଜରୁରୀ କାର୍ଯ୍ୟାନୁଷ୍ଠାନ ସହ ଏକାଡେମୀର ପ୍ରତିଷ୍ଠା ବଜାୟ ରଖି ଉପଯୁକ୍ତ ପଦକ୍ଷେପ ନିଆଯାଉ। ଭବିଷ୍ୟତରେ ଏକାଡେମୀ ଦ୍ୱାରା ପରିଚାଳିତ ପୁରସ୍କାର ଚୟନ ପାଇଁ ଜୁରି ଭାବରେ କାର୍ଯ୍ୟ କରିବାକୁ ମୁଁ ଇଚ୍ଛୁକ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ– ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। —ଶ୍ରୀଅରବିନ୍ଦ

# ବିଶେଷ କିଛି ହେବ ନାହିଁ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇଛନ୍ତି। ଜୋ ବାଇଡେନ୍ ଆମେରିକାର ରାଷ୍ଟ୍ରପତି ହେବା ପରେ ମୋଦିଙ୍କର ଏହା ଦ୍ୱିତୀୟ ଗସ୍ତ। ଅପରପକ୍ଷେ ମୋଦି କ୍ଷମତାକୁ ଆସିବା ପରେ ଏହା ତାଙ୍କର ୮ମ ଆମେରିକା ଗସ୍ତ। ସେ ଆମେରିକା କଂଗ୍ରେସକୁ ସମ୍ବୋଧିତ କରିବେ ଓ ଭାରତୀୟ ସମୁଦାୟଙ୍କୁ ବି ଉଦ୍‌ବୋଧନ ଦେବେ। ଏହି ଗସ୍ତ ବାଣିଜ୍ୟ, ଜ୍ଞାନକୌଶଳ ଓ ସାମରିକ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ କରିବ ବୋଲି କୁହାଯାଉଛି। ତେବେ ସାମ୍ପ୍ରତିକ ଭୂରାଜନୈତିକ ସ୍ଥିତିକୁ ଲକ୍ଷ୍ୟକଲେ ମୋଦିଙ୍କର ଏବକାର ଗସ୍ତ ପଛରେ ଆଉ କିଛି କାରଣ ଥିବା ମନେହୁଏ। ପ୍ରଥମରେ ଏବକାର ସ୍ଥିତିକୁ ଦେଖିଲେ ଚାଇନାର ଆର୍ଥିକ ଓ ସାମରିକ ପ୍ରଭାବକୁ ଆମେରିକା ଅଟକାଇବା ପାଇଁ ଲାଗିପଡ଼ିଛି ଓ ଏଥିପାଇଁ ଭାରତକୁ ତା'ର ସହଯୋଗୀ ଭାବେ ନେବାକୁ ଚେଷ୍ଟା ଜାରି ରଖିଛି। ଭାରତ ଆମେରିକାରୁ ଅଧିକ ଅସ୍ତ୍ରଶସ୍ତ୍ର ଆମଦାନୀ କରୁଛି। ସାମରିକ କ୍ଷେତ୍ରକୁ ବିଚାରକୁ ନେଲେ ଏବେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନା ଓ ଆମେରିକା ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏଥିପାଇଁ ଆମେରିକା ଭାରତ ଉପରେ ଗୁରୁତ୍ୱ ଦେବା ବୁଝିହେଉଛି। ଅନ୍ୟପକ୍ଷରେ ଲଦାଖ ଅଞ୍ଚଳରେ ଚାଇନାର ବିସ୍ତାରବାଦୀ ଆଭିମୁଖ୍ୟକୁ ଭାରତ ସମ୍ମୁଖୀନ ହେବା ପାଇଁ ଆମେରିକାର ସହଯୋଗ ଆଶା କରୁଛି, କିନ୍ତୁ ବାଇଡେନ ଏହି ସଂଘର୍ଷ ସମ୍ପର୍କରେ ଏଯାବତ ମୁହଁ ଖୋଲିନାହାନ୍ତି। ସାମରିକ ମେଣ୍ଟ ଦୃଷ୍ଟିକୋଣରୁ ଦେଖିଲେ କ୍ୱାଡ୍ ମେଣ୍ଟରେ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସହ ଭାରତ ସାମିଲ ହୋଇଛି ଏବଂ ଆମେରିକା ସହିତ ଅଧିକ ଯୁଦ୍ଧାଭ୍ୟାସ କରିସାରିଛି। କିନ୍ତୁ ଭାରତ ସହ ରଣନୀତିକ ସମ୍ପର୍କ ଦୃଢ କରିବାରେ ଆମେରିକାର ଉକ୍ତ ପ୍ରୟାସ ଭାରତକୁ ନିରାଶ କରିବ ବୋଲି ବହୁ ପର୍ଯ୍ୟବେକ୍ଷକ ବିଶ୍ୱାସ କରୁଛନ୍ତି। ଆମେରିକାର ଦୋଧାରିଆ ନୀତି ଯୋଗୁ ଭାରତ କେବେ ତା'ର ଏକ ଭଲ ବନ୍ଧୁ ହୋଇପାରିବ ନାହିଁ ବୋଲି ଏହି ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। ପାକିସ୍ତାନ କ୍ଷେତ୍ରରେ ଏଭଳି ନୀତି ମଧ୍ୟ ସ୍ପଷ୍ଟ ହୋଇଛି। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଥିବା ସମୟରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ଯୋଗୁ ପାକିସ୍ତାନ ଉପରେ କଟକଣା ଲଗାଇଥିଲେ। କିନ୍ତୁ ବାଇଡେନ ପ୍ରଶାସନ ତାହା ଦୂରକରି ପାକିସ୍ତାନର ଋଣ ଖିଲାପୀ କେତେକାଂଶରେ ଦୂର କରିବା ସହ ତାଙ୍କୁ ଏଫ୍-୧୬ ଯୁଦ୍ଧ ବିମାନର ଅତ୍ୟାଧୁନିକୀକରଣ ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛନ୍ତି। ଏଣୁ ପାକିସ୍ତାନ ହେଉ କି ଚାଇନା, ଏମାନଙ୍କ ସହ ଯୁଦ୍ଧ ପରିସ୍ଥିତି ଉପୁଜିଲେ ଆମେରିକାର ସାହାଯ୍ୟ ଭାରତ ପାଇବା ଆଶା କ୍ଷୀଣ।

> **ଉଭୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ୨୦୨୪ରେ ନିଜର ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ଉଭୟଙ୍କ ପାଇଁ ପୁନର୍ବାର ଜିତିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଥିବାରୁ ଉଭୟ ନେତା ଏବେ ଦୁଇଦେଶ ମଧ୍ୟରେ ସୁସମ୍ପର୍କର ନାଟକ ରଚାଇବା ମଧ୍ୟ ସ୍ୱାଭାବିକ।**

ସବୁଠୁ ବଡ଼ କଥା ହେଉଛି ଭାରତର ପାରମ୍ପରିକ ବନ୍ଧୁ ଭାବେ ରୁଷିଆ ବେଶ୍ ଜଣାଶୁଣା। କିନ୍ତୁ ରୁଷିଆ ସହ ଭାରତର ସମ୍ପର୍କ ନିକଟ ଅତୀତରୁ ବିପରୀତ ଦିଗରେ ଗତି କରୁଥିବା ମନେହେଉଛି। ରୁଷିଆ ସହିତ ସମ୍ପର୍କକୁ ପ୍ରତିରକ୍ଷା ଓ ଶକ୍ତି ମଧ୍ୟରେ ସୀମିତ ରଖି ଆମେରିକା ସହ ଭାରତ ହୁଏତ ଏକ ବହୁମୁଖୀ ବ୍ୟବସାୟିକ ଢାଞ୍ଚା ଗଢିବାକୁ ଚେଷ୍ଟା କରୁଛି। ତେବେ ଆମେରିକା ସହିତ ବାଣିଜ୍ୟ ବେପାରର ସମ୍ପର୍କ କେବେହେଲେ ଭାରତ ପାଇଁ ପ୍ରତିରକ୍ଷା ଦିଗରେ ସହାୟକ ହେବ ନାହିଁ। ଏହା ଆଜିର କଥା ନୁହେଁ, ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବିଷୟରେ ଭାରତୀୟମାନେ ସଜାଗ ଅଛନ୍ତି। ଆଜିର ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଭାରତ ତାହାର ଗୋଷ୍ଠୀ ନିରପେକ୍ଷ ଭୂମିକା ଛାଡ଼ି ଯେଉଁଭଳି ଭାବେ କାର୍ଯ୍ୟ କରିବାକୁ ଚାହୁଁଛି ସେଥିରେ ସମ୍ଭବତଃ ଉଭୟ ରୁଷିଆ ଓ ଆମେରିକା ତାହାଠାରୁ ଦୂରେଇଯିବେ। ଅବଶ୍ୟ ଉଭୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ୨୦୨୪ରେ ନିଜର ନିର୍ବାଚନ ଲଢିବାକୁ ପ୍ରସ୍ତୁତ ହେଉଛନ୍ତି। ଉଭୟଙ୍କ ପାଇଁ ପୁନର୍ବାର ଜିତିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଥିବାରୁ ଉଭୟ ନେତା ଏବେ ଦୁଇଦେଶ ମଧ୍ୟରେ ସୁସମ୍ପର୍କର ନାଟକ ରଚାଇବା ମଧ୍ୟ ସ୍ୱାଭାବିକ। ଅର୍ଥାତ୍ ଏହି ଗସ୍ତରୁ କୌଣସି ପ୍ରକାର ଆଖିଦୃଶିଆ ଲାଭ ପାଇଁ ଭାରତ ଅପେକ୍ଷା କରିବା ଅନୁଚିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 8 | | | 5 | 9 | 4 |
| | | | | | | | 1 | |
| | 3 | | | 4 | 6 | | | 7 |
| | | | | 6 | | 3 | | |
| 9 | 4 | | | | 5 | 8 | 2 | |
| | | | 1 | | | | | |
| | | 1 | 9 | | | | | |
| | 8 | | | 3 | | | | |
| 3 | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 5 | 1 | 9 | 4 | 7 | 6 |
| 4 | 1 | 7 | 3 | 6 | 2 | 8 | 9 | 5 |
| 9 | 6 | 5 | 8 | 4 | 7 | 2 | 3 | 1 |
| 2 | 3 | 9 | 6 | 7 | 8 | 1 | 5 | 4 |
| 5 | 8 | 4 | 9 | 2 | 1 | 3 | 6 | 7 |
| 6 | 7 | 1 | 4 | 3 | 5 | 9 | 8 | 2 |
| 3 | 9 | 6 | 2 | 5 | 4 | 7 | 1 | 8 |
| 1 | 4 | 8 | 7 | 9 | 6 | 5 | 2 | 3 |
| 7 | 5 | 2 | 1 | 8 | 3 | 6 | 4 | 9 |

ଗତକାଲିର ଉତ୍ତର

# ପ୍ରଳୟର ଆରମ୍ଭ ଆଶଙ୍କା



ସହଦେବ ସାହୁ

ପୃଥିବୀରେ ତାପ ବୃଦ୍ଧି ଯୋଗୁ ୨୦୨୮ ବେଳକୁ ମଣିଷ ପାଇଁ ଜୀବନ ଅସହ୍ୟ ହେବ, ତାପ ବୃଦ୍ଧି ରୋକାଯାଇ ନ ପାରିଲେ ୨୦୩୦ ବେଳକୁ ବାୟବୀୟ ପ୍ରଳୟର ସୂତ୍ରପାତ ହେବ। 'ଜର୍ନାଲ ଅଫ୍ ମ୍ୟାଥ୍‌ମେଟିକାଲ୍ ବାୟୋଲଜି'ରେ ୨୦୧୫ରେ ଗୋଟିଏ ପ୍ରବନ୍ଧ ପ୍ରକାଶ ପାଇଥିଲା ଯେ, ଯଦି ମହାସାଗରମାନଙ୍କରେ ଉଷ୍ଣତା ବଢ଼ିଚାଲେ ୨୧୦୦ ବେଳକୁ ଏତେ ଗରମ ହୋଇଥିବ ଯେ, ଫାଇଟୋପ୍ଲାଙ୍କଟନ୍‌ମାନଙ୍କ ଭାଶେଷଣ (ଫଟୋସିନ୍ଥସିସ୍) ପ୍ରକ୍ରିୟା ଗୋଳମାଳିଆ ହୋଇଯିବ, ଅମ୍ଳଜାନ ଉତ୍ପାଦନ ବନ୍ଦ ହୋଇଯିବ। (ବୈଜ୍ଞାନିକମାନଙ୍କ ହିସାବ ଯେ ପୃଥିବୀରେ ଅମ୍ଳଜାନର ଦୁଇ ତୃତୀୟାଂଶ ଫାଇଟୋପ୍ଲାଙ୍କଟନ୍‌ଠାରୁ ଆସୁଛି)। ତା' ମାନେ ଆଉ ୭୭ ବର୍ଷ ପରେ ପୃଥିବୀ ପ୍ରାଣୀଶୂନ୍ୟ ହୋଇଯିବ: ଅନ୍ୟ ପ୍ରାଣୀମାନଙ୍କୁ ଇତର ଅଥବା 'ଗଡ୍ ହାଜ୍ କ୍ରିଏଟେଡ୍ ମାନ୍ ଇନ୍ ହିଜ୍ ଓନ୍ ଇମେଜ୍' ବୋଲି କହୁଥିବା ମଣିଷ ୨୦୩୦ ବେଳକୁ ପରିବେଶଠାରୁ ଚେଙ୍ଖେ (ଚେତାବନୀ) ପାଇଯାଇଥିବ! ବାୟୁମଣ୍ଡଳରେ ଶତାଂଶ ହିସାବରେ ଅମ୍ଳଜାନ ଯେତିକି କମିଯିବ, ଅଙ୍ଗାରକାମ୍ଳ ତା' ସ୍ଥାନ ପୂରଣ କରିବ ତ ମଣିଷର ମତିଭ୍ରମ ହେବ, ବୁଦ୍ଧିଭ୍ରମତା ଆସିବ! ବାୟୁମଣ୍ଡଳର ଲକ୍ଷେ ଭାଗରୁ ଶହେ ଭାଗକୁ ଅମ୍ଳଜାନ କମିଗଲେ (ଯାହା କି ୨୧୦୦ ବେଳକୁ ହୋଇଯାଇଥିବ ଯଦି ଉପସ୍ଥିତ ହାରରେ ତାପ ବଢ଼ିଚାଲେ) ଆମର କଗ୍ନିଟିଭ୍ ଏବିଲିଟି (ଯୁକ୍ତିଯୁକ୍ତ ଚିନ୍ତା କରିବାର ଶକ୍ତି) କମିଯାଏ – ମଣିଷ ତା'ର ଭାବିବା ଶକ୍ତି ହରାଏ, ବିପଦର ସାମ୍ନା କରିପାରେ ନାହିଁ। ଉଦାହରଣ ସ୍ୱରୂପ କହିବା ଯେ, ଓଡ଼ିଶା ଲୋକେ ଦିଲ୍ଲୀ କଥା ଭାବି ପାରିବେ ନାହିଁ କି ଦିଲ୍ଲୀ ଲୋକେ ଓଡ଼ିଶା କଥା ଚିନ୍ତାକୁ ନେଇପାରିବେ ନାହିଁ।

ତାପ ଗୋଟିଏ ଡିଗ୍ରୀ ବଢ଼ିଲା ବେଳକୁ ବର୍ଷା ଏକତୃତୀୟାଂଶ କମିଯାଏ। ଶସ୍ୟ ଉତ୍ପାଦନ କମିବାର ଅନ୍ୟ କାରଣ ମଧ୍ୟ ଆସେ। ୨୦୧୮ ଜୁନ୍‌ରେ ଆମେରିକା ଯୁକ୍ତରାଷ୍ଟ୍ରରେ ଗବେଷକମାନେ ଦେଖିଲେ ଯେ ୨ ଡିଗ୍ରୀ ସେଲ୍‌ସିଅସ୍ ତାପ ବଢ଼ିଲେ ମକା ଉତ୍ପାଦନ ୧୮% କମିଯାଉଛି, କାରଣ ପରାଗସଙ୍ଗମ କାଳରେ ଗୋଟିଏ ସପ୍ତାହ କାଳ ଉଚ୍ଚ ତାପ ରହିଲେ ପରାଗସଙ୍ଗମ ଘଟେ ନାହିଁ। ମକାର ଗୁଣ ହେଲା– ଥରେ ମାତ୍ର ପରାଗସଙ୍ଗମ ଘଟେ, ଗୋଟିଏ ମଉକାରେ କୋଟି କୋଟି ମକା ମଞ୍ଜି ନିଷିକ୍ତ ହୋଇଥାଏ। ଶୁଷ୍କ ଜଳବାୟୁରେ ବଢୁଥିବା ବାଜରା ବି ନିଷ୍ଫଳା ହୁଏ, କାରଣ ବେଶି ଗରମ ପବନ ପାଇଲେ ବାଜରା କାଣ୍ଡରେ ବାଷ୍ପ-ଚାପ କମିଯାଏ ତ ପତ୍ର ଭିତରେ ଥିବା ଜଳୀୟ ବାଷ୍ପ ଓ ପତ୍ର ବାହାରର ବାୟୁର ଶୁଷ୍କତା ମଧ୍ୟରେ ପାର୍ଥକ୍ୟ ବଢ଼ିଯାଏ। ତେଣୁ ବାଜରା ଗଛ ବାୟୁମଣ୍ଡଳକୁ ବେଶି ଜଳୀୟ ବାଷ୍ପ ଛାଡ଼େ, ବାଜରା ଶସ୍ୟ ମାଡ଼ ଖାଇଯାଏ। ବାଜରାଠାରୁ ବେଶି ଶୁଖିଲା ପାଗରେ ବଢ଼ିବାର ଶସ୍ୟ ନାହିଁ– ପୃଥିବୀର ତାପ ୨ ଡିଗ୍ରୀ ବଢ଼ିଗଲେ ବାଜରା ଉତ୍ପାଦନ ୧୭% କମିଯାଏ, ୫ ଡିଗ୍ରୀ ସେଲସିଅସ୍ ବଢ଼ିଗଲେ ଉତ୍ପାଦନ ୬୦% କମିଯାଏ ବୋଲି ଯୁକ୍ତରାଷ୍ଟ୍ରର ଗବେଷକମାନେ କହିଛନ୍ତି। ଆଉ ଆମ ଧାନ କଥା କ'ଣ କହିବା! ୨ ଡିଗ୍ରୀ ସେଲ୍‌ସିଅସ ବଢ଼ିଗଲେ ଧାନ ଉତ୍ପାଦନ ୨୦% କମିଯାଏ। ତାପବୃଦ୍ଧି ରୋକା ନଗଲେ ଖାଦ୍ୟ କମ୍ ମିଳିବ ତ ୨୧୦୦ ବେଳକୁ ପୃଥିବୀରେ ୭୫% ମଣିଷ ଖାଦ୍ୟାଭାବ ଯୋଗୁ ନଷ୍ଟ ହୋଇଯିବେ। ଯାହା ରହିବେ ସେମାନେ ନୂଆ ରୋଗରେ ମରିଯିବେ। ୨୦୧୬ରେ ସାଇବେରିଆରେ ଆର୍କଟିକ ସର୍କଲ ଉପରକୁ ଏକ ତାପ-ଢେଉ ପ୍ରବାହିତ ହୋଇ ଦୀର୍ଘକାଳ ବରଫ ହୋଇ ରହିଥିବା ଏକ ଭୂଖଣ୍ଡକୁ (ଯାହାକୁ ବୈଜ୍ଞାନିକମାନେ ପର୍ମାଫ୍ରଷ୍ଟ କହନ୍ତି) ତରଳାଇଦେଲା। ତା' ଭିତରୁ ପୋତି ହୋଇ ରହିଥିବା ଏକ ରେନ୍‌ଡିଅର୍‌ର ଶବ ମିଳିଲା, ତାକୁ ଗବେଷକମାନେ ଅନୁଧ୍ୟାନ କରି ଜାଣିଲେ ଯେ ପ୍ରାୟ ଦଶ ହଜାର ବର୍ଷ ତଳେ ୨୦୦୦ ପାଖାପାଖି ରେନ୍‌ଡିଅର୍‌ର ଏକ ଗୋଠ ଆନ୍ଥ୍ରାକ୍ସ ରୋଗରେ ମରିଛନ୍ତି। କିଛି ଲୋକ ବି ସଂକ୍ରମିତ ହୋଇଛନ୍ତି ବୋଲି ଏକ ଖୋଳା ହୋଇଥିବା ୧୨ ବର୍ଷୀୟ ପୁଅର ଶବରୁ ଜାଣିଲେ। ଆନ୍ଥ୍ରାକ୍ସ ରୋଗର ଜୀବାଣୁ ନିକଟସ୍ଥ ଜଳାଶୟ ଓ ମାଟିରେ ବ୍ୟାପୀ ଯାଇଥିବ ଓ ପର୍ମାଫ୍ରଷ୍ଟରେ ପୋତି ହୋଇ ରହିଥିବ। ପର୍ମାଫ୍ରଷ୍ଟ ଏକ ପ୍ରକାଣ୍ଡକାୟ ରେଫ୍ରିଜରେଟର ଭଳି କାମ କରେ। ପ୍ରାଚୀନ କାଳର ଜୀବାଣୁ, ଭାଇରସ୍ ଆଦି ତା' ଭିତରେ ଶବ ହୋଇ ରହିଥାଇପାରନ୍ତି। ପର୍ମାଫ୍ରଷ୍ଟ ଭିତରେ ଅମ୍ଳଜାନ ନ ଥାଏ, ସେଠି ଅନ୍ଧାର ହିଁ ଅନ୍ଧାର। ଏମିତି ଏକ ପର୍ମାଫ୍ରେଷ୍ଟରୁ ବୈଜ୍ଞାନିକମାନେ ୮୦ ଲକ୍ଷ ବର୍ଷ ତଳର କେତେକ ବ୍ୟାକ୍ଟେରିଆ ଶବ ପାଇ ବୈଜ୍ଞାନିକମାନେ ଦେଖିଲେ ଯେ ତହିଁରେ ସ୍ୱାନିସ୍ ଫ୍ଲୁ ଭାଇରସ୍, ବସନ୍ତ ଓ ବୁବୋନିକ୍ ପ୍ଲେଗ୍ ଆଦିର ରୋଗକାରୀ ଟୁକୁରା ରହିଛି। ତେଣୁ ମେରୁ ଅଞ୍ଚଳର ବରଫଖଣ୍ଡ ତରଳିଲେ ବହୁତ ଅଜଣା ଜୀବାଣୁ ଓ ଭୂତାଣୁ ବାହାରି ଆସି ପର୍ମାଫ୍ରଷ୍ଟରୁ ଆସି ନୂଆ ନୂଆ ରୋଗ ଆଣି ମଣିଷଜୀବନକୁ ଲିଭାଇ ଦେଇପାରନ୍ତି।



ବରଫ ଖଣ୍ଡ ତରଳିବାର ଅନ୍ୟ ପରିଣାମ ବି ଅଛି। ପର୍ମାଫ୍ରଷ୍ଟର ଓଜନ ଭୂପୃଷ୍ଠକୁ ଚାପି ରଖିଛି। ତା' ତରଳିଗଲେ ଚାପ ଉଭେଇଯିବ, ତଳର ଭୂମି ଉପରକୁ ଫୁଲି ଉଠିବ ତ ପାଖଆଖରେ ଭୂକମ୍ପ ସୃଷ୍ଟି ହେବ, ଯେମିତି ଏବେ ଗ୍ରୀନ୍‌ଲାଣ୍ଡ ଓ ଆଲାସ୍କାରେ ଭୂମିକମ୍ପ ହେଉଛି। ଅପରପକ୍ଷରେ ପାଖର ସମୁଦ୍ରରେ ମିଶୁଥିବା ଜଳରାଶିର ଓଜନ ମହାସାଗର ତଳକୁ ବଙ୍କେଇଦିଏ, ତେଣୁ ଭୂଖଣ୍ଡ ଚଳନ କ୍ରିୟା (ଟେକ୍ଟୋନିକ୍ ମୁଭ୍‌ମେଣ୍ଟ) ତ୍ୱରାନ୍ୱିତ ହୁଏ, ତରଳ ଲାଭାର ପ୍ରବାହକ୍ରିୟା ଜୋର୍‌ରେ ହୁଏ, ସମୁଦ୍ର ତଳ ଭୁଶୁଡ଼ି ପଡ଼େ, ସୁନାମି ଆସେ, ଏମିତି କେତେ ଅଘଟଣ ଘଟେ! ଗତ ବରଫ ଯୁଗ ଅପସରି ଗଲା ବେଳେ ପ୍ରାୟ ୮୦୦୦ ବର୍ଷ ତଳେ ନରୱେ ଉପକୂଳରୁ ଗ୍ରୀନ୍‌ଲାଣ୍ଡଯାଏ ଉପକୂଳର (ପ୍ରାୟ ଓଡ଼ିଶା ଆକାରର) ଭୂଖଣ୍ଡରେ ଜୀବସତ୍ତା ରହିଲା ନାହିଁ। ବିଲାତ ସହିତ ଯେଉଁ ଭୂଖଣ୍ଡ ହଲାଣ୍ଡ, ଡେନ୍‌ମାର୍କ ଓ ଜର୍ମାନୀକୁ ଯୋଡୁଥିଲା ତା' ଉଭେଇଗଲା। ସେତେବେଳର ଢେଉ ସେଟ୍‌ଲାଣ୍ଡ ପାଖରେ ପହଞ୍ଚିଲାବେଳକୁ ୬୫ ଫୁଟ୍ ଉଚ୍ଚ ହୋଇଥିଲା।

ବଡ଼ ଢେଉ ଆସିବ ବା ବସନ୍ତ ଜୀବାଣୁ ଡେଇଁପାରେ ଏ ଆଶଙ୍କାଠାରୁ ବେଶି ଚିନ୍ତା ଯେ ୨୦୫୦ ବେଳକୁ ଖାଦ୍ୟଶସ୍ୟରେ ଯଥେଷ୍ଟ ପ୍ରୋଟିନ୍ ମିଳିବ ନାହିଁ। ଅଙ୍ଗାରକାମ୍ଳ ସ୍ତରର ବୃଦ୍ଧି ସଙ୍ଗେ ସଙ୍ଗେ ଶସ୍ୟଗୁଡ଼ିକରେ ପ୍ରୋଟିନ୍ ପରିମାଣ ହ୍ରାସ ହେବାରେ ଲାଗିଛି, କୃଷି ବିଜ୍ଞାନୀମାନେ କହିଲେଣି, କ୍ୟାଲ୍‌ସିୟମ୍ ଓ ଲୌହ ଭଳି ଖଣିଜ ଦ୍ରବ୍ୟମାନ ବି ୮% କମିଯାଇଥିବ। ଉଦ୍ଭିଦ ଉପରେ ନିର୍ଭର କରୁଥିବା ନିରାମିଷାଶୀମାନେ ବହୁ ପରିମାଣରେ ପୁଷ୍ଟିହୀନତା ରୋଗରେ ପଡ଼ିବେ। ଭାରତୀୟଙ୍କ ଭିତରୁ ୫% ବା ୭ କୋଟି ଲୋକ କୁପୁଷ୍ଟିଜନିତ ରୋଗରେ ପଡ଼ିବେ, କଙ୍କାଳସାର ପିଲାଙ୍କ ଅକାଳମୃତ୍ୟୁ ଘଟିବ। ମିନେରାଲ୍ ଭାବରେ ଯେଉଁ ଜିଙ୍କ୍ ମା' ଓ ସନ୍ତାନର ସ୍ୱାସ୍ଥ୍ୟ ପାଇଁ ଅତି ଦରକାରୀ ତା'ର ଅଭାବ ଘଟିବ, ଏହା ପୃଥିବୀସାରା ୧୪ କୋଟି ଲୋକଙ୍କୁ ବିପଦରେ ପକାଇବ। ଆମେ ଜୈବିକ ତଥା ଭୌତିକ ପରିସ୍ଥିତିକୁ ଏପରି ବଦଳାଇ ଦେଉଛୁ ଯେ ଖାଦ୍ୟ ବ୍ୟବସ୍ଥାରେ ଏଭଳି ଆଶ୍ଚର୍ଯ୍ୟଜନକ ପରିଣାମ ଦେଖିବାକୁ ମିଳୁଛି, ଖାଦ୍ୟ କମ୍‌ରୁ କମ୍ ପୁଷ୍ଟିକର ହେବା ସାଙ୍ଗକୁ କୀଟମାନଙ୍କ ଉତ୍ପାତ ବଢ଼ିବ। ତାପ ବଢ଼ିଲେ ଆଫିଡ୍ ଓ ବୋରର୍ ଭଳି କୀଟଙ୍କ ଭୋକ ବଢ଼େ, ସେମାନେ ବେଶି ଖାଆନ୍ତି, ସେମାନଙ୍କ ପ୍ରଜନନ ପ୍ରକ୍ରିୟା ବୃଦ୍ଧି ପାଏ। ତାପ-ବୃଦ୍ଧି ଓ କୀଟ-ଉତ୍ପାତ ଚାଲୁ ରହିଲେ ୨୦୩୦ ବେଳକୁ ତିନୋଟି ମୁଖ୍ୟ ଶସ୍ୟର ଉତ୍ପାଦନ କମିଯିବ– ଗହମ ୪୬%, ମକା ୩୨% ଓ ଧାନ ୧୯%। ଆମ ଦିଗ୍‌ବଳୟରେ ଏବେ ଦିଶିଲାଣି ଏକ କଣ୍ଢେଇନାଚ– ନିଦାଘ ବାସହରା ଭୋକିଲା ଓ କୁପୋଷଣଭୋଗୀ ମଣିଷର ଧାଡିର!

sahadevas@yahoo.com

# କର୍ତ୍ତବ୍ୟ ନିଷ୍ପାଦନର ନିଦର୍ଶନ



ଡ. ଭାରତ ଭୂଷଣ ରଥ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିଚୟରେ ଓଡ଼ିଶା ବିଶ୍ୱରେ ପରିଚିତ। ଶ୍ରୀଜଗନ୍ନାଥଙ୍କ ପାଖରେ ଭକ୍ତି ରଖିଥିବା ଭକ୍ତକୁ ପ୍ରଭୁ ନିଜର ବାହୁଚ୍ଛାୟା ତଳେ ଆଶ୍ରୟ ଦେଇଛନ୍ତି। ତେବେ ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ସେବା ଏବଂ ଶ୍ରୀମନ୍ଦିରର ପରମ୍ପରାରୁ ଆମକୁ ଅନେକ କିଛି ଶିଖିବାର ଅଛି। ଭଗବାନ ଜଗନ୍ନାଥ ସ୍ୱୟଂ ବିଷ୍ଣୁ ବୋଲି ଶାସ୍ତ୍ର ମତ ଦିଅନ୍ତି। ବିଷ୍ଣୁଙ୍କର ଦଶ ପ୍ରମୁଖ ଅବତାର। ପ୍ରତ୍ୟେକଟି ଅବତାର ସେ ଭକ୍ତମାନଙ୍କ ସୁରକ୍ଷା ପାଇଁ ଗ୍ରହଣ କରିଥା'ନ୍ତି। ଗୀତାରେ ପ୍ରଭୁ କହିଛନ୍ତି, ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। ତେଣୁ ସେ ବିଭିନ୍ନ ଅବତାର ଗ୍ରହଣକରି କେତେବେଳେ ପୃଥିବୀର ଉଦ୍ଧାର କରିଛନ୍ତି। ସେହି ମହାପ୍ରଭୁଙ୍କୁ ସତ୍ୟଯୁଗର ନୃସିଂହ, ତ୍ରେତୟାର ଶ୍ରୀରାମ ଏବଂ ଦ୍ୱାପରର ଶ୍ରୀକୃଷ୍ଣ ଭାବରେ ଆମେ ଅଭିହିତ କରୁ। ଭଗବାନ ନୃସିଂହ ପ୍ରହଲ୍ଲାଦ ଭଳି ଭକ୍ତକୁ କୋଳେଇ ନେଇଛନ୍ତି। ରାକ୍ଷସ ପ୍ରବୃତ୍ତିଯୁକ୍ତ ହିରଣ୍ୟକଶିପୁର ବକ୍ଷ ବିଦାରଣ କରିଛନ୍ତି। ଏହି ନ୍ୟାୟରେ ପ୍ରଭୁଙ୍କର ପତିତପାବନୀ ଯାତ୍ରା ହେଉଛି ପତିତମାନଙ୍କର ଉଦ୍ଧାରର ଯାତ୍ରା। ପତିତ ଶବ୍ଦର ଅନେକ ଅର୍ଥ ମଧ୍ୟରୁ ଗୋଟିଏ ପ୍ରମୁଖ ଅର୍ଥ ହେଲା ବଳଶାଳୀ ବ୍ୟକ୍ତିମାନଙ୍କ ଦ୍ୱାରା ଯିଏ ଶୋଷିତ ତଥା ନିର୍ଯାତିତ। ସେହିଭଳି ବ୍ୟକ୍ତି ଭଗବାନଙ୍କୁ ଭକ୍ତି କରି ବିଶେଷ ଭାବରେ ଉପକୃତ ହୁଅନ୍ତି ଯଥା ଭକ୍ତ ପ୍ରହଲ୍ଲାଦ। ପତିତ ଶବ୍ଦଟି କୁକର୍ମ ଏବଂ ନିଚ କର୍ମ କରିଥିବା ବ୍ୟକ୍ତି ପାଇଁ ମଧ୍ୟ ପ୍ରୟୋଗ ହୁଏ। ଯେଉଁ ବ୍ୟକ୍ତି ଅସାମାଜିକ କର୍ମକରି ସମାଜରେ ଭୟଭ୍ରାନ୍ତି ସୃଷ୍ଟିକରେ ସେ ପତିତ। ସେଭଳି ଅନେକ ପାପୀ ସମାଜ ଦ୍ୱାରା ଘୃଣ୍ୟ ହୋଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରନ୍ତି ନାହିଁ। ସମୟକ୍ରମରେ ସେମାନେ ପରିବର୍ତ୍ତନ ହୁଅନ୍ତି ଏବଂ ସମାଜର ମୁଖ୍ୟ ସ୍ରୋତକୁ ଆସିବା ପାଇଁ ମାର୍ଗ ଖୋଜନ୍ତି। ସେହିଭଳି ଅନେକ ପତିତ ମହାପ୍ରଭୁଙ୍କର ଚରଣାଶ୍ରିତ ହୁଅନ୍ତି ଏବଂ ମହାପ୍ରଭୁ ପତିତପାବନୀ ଯାତ୍ରାରେ ତାଙ୍କୁ ଦର୍ଶନ ଦେଇ ଆଶ୍ୱସ୍ତ କରନ୍ତି।

ଏହି ଯାତ୍ରାର ଅନ୍ୟ ଏକ ନାମ ଜନ୍ମବେଦି ଯାତ୍ରା। ତେବେ ଏହି ନାମକରଣ ପଛରେ ମଧ୍ୟ ଏକ ବିଶେଷ ଉଦ୍ଦେଶ୍ୟ ରହିଛି। ଆମେ ଜାଣୁ ପ୍ରଭୁ ଶ୍ରୀରାମ ଯେବେ ଲଙ୍କା ବିଜୟ କଲେ କନିଷ୍ଠ ଭ୍ରାତା ଲକ୍ଷ୍ମଣ କହିଥିଲେ ହେ ଭ୍ରାତା! ଏହି ସ୍ୱର୍ଣ୍ଣଲଙ୍କା ବର୍ତ୍ତମାନ ଆପଣଙ୍କ ହସ୍ତଗତ। ଆମ୍ଭର ରାଜ୍ୟ ଅଯୋଧ୍ୟା ଅପେକ୍ଷା ଲଙ୍କା ରାଜ୍ୟ ସମୁନ୍ନତ ଏବଂ ନାନା ରତ୍ନ ବୈଭବ ବିମଣ୍ଡିତ। ତେଣୁ ଆପଣ ଲଙ୍କାରେ ରହି ଏହି ସ୍ୱର୍ଣ୍ଣ ରାଜ୍ୟକୁ ଶାସନ କରନ୍ତୁ। ଶ୍ରୀରାମ ଉପଦେଶ ଦେଇ କହିଥିଲେ, ଅପି ସ୍ୱର୍ଣ୍ଣମୟୀ ଲଙ୍କା ନ ମେ ରୋଚତେ ଲକ୍ଷ୍ମଣ! ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ। ଅର୍ଥାତ୍ ହେ ଲକ୍ଷ୍ମଣ! ଲଙ୍କା ସ୍ୱର୍ଣ୍ଣ ଖଚିତ ହେଲେ ମଧ୍ୟ ଏଠାରେ ମୋର ମନ ଲାଗୁନାହିଁ। ମୋର ମା' ଏବଂ ମାତୃଭୂମି ସର୍ବଦା ମୋ ପାଇଁ ସ୍ୱର୍ଗଠାରୁ ମଧ୍ୟ ଶ୍ରେଷ୍ଠ। ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥ ତାହା ହିଁ ଶିକ୍ଷା ଦେଉଛନ୍ତି। ବର୍ଷ ଯାକର ୩୬୫ ଦିନ ଶ୍ରୀମନ୍ଦିରରେ ନିତ୍ୟ ଉତ୍ସବ ପରିପାଳିତ ହେଲେ ମଧ୍ୟ ମହାପ୍ରଭୁଙ୍କୁ ତାହା ଆକର୍ଷିତ କରିପାରୁନାହିଁ। ଅଥଚ ଛେଚାକଚା ଖାଇ ସୁଦ୍ଧା ମହାପ୍ରଭୁ ନିଜର ଜନ୍ମଭୂମିକୁ ଯାଇ ପରମସୁଖ ପ୍ରାପ୍ତ ହେଉଛନ୍ତି। ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ମହାପ୍ରଭୁ ନିଜର ଜନ୍ମଭୂମିକୁ ଛାଡ଼ି ପାରୁନାହାନ୍ତି। ଠିକ୍ ସେହିଭଳି ଭଗବାନ ଶ୍ରୀକୃଷ୍ଣ ଦ୍ୱାରକାପୁରୀର ରାଜା ହୋଇଥିଲେ ମଧ୍ୟ ଗୋପଦାଣ୍ଡର ବାଲିଖେଳ ପ୍ରତି ତାଙ୍କର ପ୍ରବଳ ଦୁର୍ବଳତା ରହିଥିଲା। ଭଗବାନ କୃଷ୍ଣ ଦ୍ୱାରକାର ରାଜା ଭାବରେ ସମାଜରେ ଯେତିକି ପରିଚୟ ପାଇନାହାନ୍ତି ତା'ଠାରୁ ଅଧିକ ପରିଚୟ ପାଇଛନ୍ତି ଯଶୋଦା ମାତାଙ୍କର ରଙ୍କୁଣୀ ଧନ ଭାବରେ, ଗୋପ ବାଳକ ଭାବରେ, ଯମୁନା ନଦୀର ଗଭୀର ଜଳରେ କ୍ରୀଡ଼ାରତ ଗୋପାଳ ଭାବରେ, ବୃନ୍ଦାବନର ଲୀଳାପୁରୁଷ ଭାବରେ ତଥା ଗୋସମ୍ପଦର ସୁରକ୍ଷା ପାଇଁ ଗୋବର୍ଦ୍ଧନଧାରୀ ଭାବରେ। ଏହା ଶିକ୍ଷା ଦେଉଛି କୃଷ୍ଣ ଅବତାରରେ ଶ୍ରୀକୃଷ୍ଣ ନିଜ ଜନ୍ମଭୂମି ଏବଂ ଜନନୀଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ପ୍ରଦାନ କରିଛନ୍ତି। ଆଜି ଶ୍ରୀଜଗ ।ନ୍ନାଥ ମଧ୍ୟ ତାହା ହିଁ କରୁଛନ୍ତି ; ପ୍ରତିବର୍ଷ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ନିଜର ଜନ୍ମଭୂମିର ଉନ୍ନତି କରିବା ସହ ମାତୃ ସ୍ୱରୂପିଣୀ ଗୁଣ୍ଡିଚା ରାଣୀଙ୍କୁ ସମ୍ମାନ ଦେଉଛନ୍ତି। ଏହା ଶିକ୍ଷା ଦେଉଛି ଯଦି ସ୍ୱୟଂ ଭଗବାନ ଜନନୀ ଏବଂ ଜନ୍ମଭୂମିର ସମ୍ମାନ ରକ୍ଷା କରୁଛନ୍ତି ତେବେ ମାନବ ଏଥିରୁ ବାଦ୍ ପଡ଼ିବ କେମିତି? ତେଣୁ ମାନବ ଯେତେ ବଡ଼ ପଦପଦବୀରେ ଥାଉ ନା କାହିଁକି, ଯେତେ ଅସୁବିଧାରେ ଥାଉ ନା କାହିଁକି ନିଜର ବ୍ୟସ୍ତବହୁଳ କର୍ମମୟ ଜୀବନରୁ କିଛି ସମୟ ଆଗ୍ରହର ସହିତ ଜନନୀ ଏବଂ ଜନ୍ମଭୂମି ପାଇଁ ସମର୍ପଣ କରୁ। ଏହା ଆମ୍ଭର ପରମ କର୍ତ୍ତବ୍ୟ। ଉପରୋକ୍ତ କର୍ତ୍ତବ୍ୟ ସମ୍ପାଦନ କରୁଥିବାରୁ ଭଗବାନ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଯେଉଁଭଳି ଲୋକପ୍ରିୟ ହୋଇପାରିଛି ସେହିଭଳି ଯେଉଁବ୍ୟକ୍ତି ନିଜ ଜୀବନରେ ଉପରୋକ୍ତ କର୍ତ୍ତବ୍ୟ ସମ୍ପାଦନ କରୁଥିବେ ସେ ନିଶ୍ଚୟ ଜନପ୍ରିୟ ହୋଇ ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ଭଗବାନ୍‌ଙ୍କର କୃପାପାତ୍ର ହେବେ।



ଭଗବାନ୍ ଶ୍ରୀରାମ ତଥା ଶ୍ରୀକୃଷ୍ଣ ରାଜପଦବୀକୁ ଅଭିମଣ୍ଡିତ କରିଥିଲେ। ଅଖଣ୍ଡ କ୍ଷମତା ଏବଂ ସମସ୍ତ ରାଜବୈଭବ ତାଙ୍କ ପାଖରେ ଥାଇ ମଧ୍ୟ ଉଭୟ ଜନତାଙ୍କ ସହିତ ହିଁ ସମୟ ବିତାଉଥିଲେ। ଉଭୟ ଶ୍ରୀରାମ ଏବଂ ଶ୍ରୀକୃଷ୍ଣ ରାଜକୀୟ ସ୍ୱଭାବଠାରୁ ବହୁ ଦୂରରେ ରହି ଜନସେବାରେ ବ୍ରତୀ ଥିଲେ। ଠିକ୍ ସେହିଭଳି ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ଭକ୍ତମାନଙ୍କର ଦୁଃଖ ବୁଝିବା ସହିତ ସପ୍ତାହବ୍ୟାପୀ ଯାତ୍ରା କରି ଭକ୍ତମାନଙ୍କ ପାଖକୁ ଯାଆନ୍ତି। ପ୍ରଭୁ ସେହି ଭକ୍ତମାନଙ୍କ ପାଖକୁ ଯାଆନ୍ତି ଯେଉଁ ଭକ୍ତମାନଙ୍କ ମଧ୍ୟରେ ଅନେକ ଥାଆନ୍ତି ପତିତ, ଦୁଃଖୀ ତଥା ବୟସର ଅପରାହ୍ଣର ଦୁର୍ବଳତା ହେତୁ ଶ୍ରୀମନ୍ଦିରକୁ ଯାଇ ନ ପାରୁଥିବା ଭକ୍ତ। ଏହି ଯାତ୍ରା ରାଜନୀତିର ଏକ ଚରମ ନିଦର୍ଶନ। ପ୍ରଭୁ ଶିକ୍ଷା ଦେଉଛନ୍ତି ଯେଉଁ ରାଜନେତା ଜନତାଙ୍କର ସୁଖଦୁଃଖକୁ ବୁଝେ ତାକୁ ହିଁ ଜନତା ଶ୍ରେଷ୍ଠ ରାଜନେତାର ସମ୍ମାନ ଦେବେ। ଆଜି ସେଇଥିପାଇଁ ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ପଦକୁ ମଣ୍ଡନ କରିଛନ୍ତି। ଜୀବନର ସୃଷ୍ଟି ନୁହେଁ ପଦପଦବୀ, ସୁଖ, ସାମ୍ରାଜ୍ୟ ତଥା ଆନନ୍ଦ ସାଗରରେ ମଜ୍ଜିରହିବା ପାଇଁ ପରନ୍ତୁ ଜୀବନର ସୃଷ୍ଟି ସଂସାରରେ ନିଜର କର୍ତ୍ତବ୍ୟ ନିଷ୍ପାଦନ କରିବାପାଇଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଏହି କର୍ତ୍ତବ୍ୟ ନିଷ୍ପାଦନର ଚରମ ନିଦର୍ଶନ।

ଉପ ନିର୍ଦ୍ଦେଶକ, ଦୂରଶିକ୍ଷା ବିଭାଗ
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି,
ଆନ୍ଧ୍ରପ୍ରଦେଶ
ମୋ- ୮୮୯୭୪୨୬୨୪୩

## ଏଇ ଭାରତରେ

ପିତାଙ୍କ ଚାକିରିରେ ବଦଳି ଯୋଗୁ ଦେଶର ବିଭିନ୍ନ ସ୍ଥାନରେ ରହୁଥିଲେ ଦୁଇ ଭଉଣୀ ତନ୍ୟା ଏବଂ ସୁଜାତା। ସେମାନେ ଦେଶର ବିଭିନ୍ନ ଅଞ୍ଚଳର ସଂସ୍କୃତି, ପରମ୍ପରା ଓ ପୋଷାକ ଉପରେ ଅଭିଜ୍ଞତା ହାସଲ କରିବାର ସୁଯୋଗ ପାଇଥିଲେ। ୨୦୧୪ରେ ତନ୍ୟା କନ୍‌ସଲ୍‌ଟାଣ୍ଟ ଭାବେ ଓ ସୁଜାତା ଆଇଆଇଟି ମୁମ୍ବାଇରେ ପିଏଚ୍.ଡି. କରୁଥିଲେ। ଏହି ସମୟରେ କିଛି ନୂତନତ୍ୱ ସୃଷ୍ଟି କରି ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ପରେ ଦୁଇ ବର୍ଷ ପୋଷାକ ଉପରେ ଗବେଷଣା କରି ଶାଢ଼ି ବ୍ରାଣ୍ଡ 'ସୂତା' ଆରମ୍ଭ କରିଥିଲେ। ଫ୍ୟାଶନ କ୍ଷେତ୍ରରେ କୌଣସି ଅଭିଜ୍ଞତା ନ ଥାଇ ବି ସେମାନେ ହଜିଯାଉଥିବା କଳାକୁ ଶାଢ଼ି ମାଧ୍ୟମରେ ବଞ୍ଚାଇ ରଖିବାକୁ ବିଭିନ୍ନ ବର୍ଗର ବୁଣାକାର ଓ ଚିତ୍ରକରମାନଙ୍କୁ ଏଥିରେ ସାମିଲ କଲେ। ଏହି ଶାଢ଼ି ଡିଜାଇନ ସେମାନଙ୍କୁ ଆକର୍ଷିତ କରିପାରିଥିଲା। ଏବେ ଏହି କାର୍ଯ୍ୟରେ ସେ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଓଡ଼ିଶା, ତେଲଙ୍ଗାନା ଆଦି ରାଜ୍ୟରେ ୧୬ ହଜାର ବୁଣାକାରଙ୍କୁ ଏହି କାର୍ଯ୍ୟରେ ଲଗାଇଛନ୍ତି। ୧୫୦ ପରିବାରକୁ ପୂର୍ଣ୍ଣକାଳୀନ ରୋଜଗାର ଦେବାରେ ସକ୍ଷମ ହୋଇପାରିଛନ୍ତି। ଏବେ ତାଙ୍କ ବ୍ୟବସାୟିକ କାରବାର ୫୦ କୋଟିକୁ ଟପିଗଲାଣି। ଏହି ଦୁଇ ଭଉଣୀଙ୍କୁ ସମସ୍ତେ କହୁଛନ୍ତି 'ସୂତା ଭଉଣୀ'।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁନ୍ ୧୯୯୮

- ବିହାର ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ ବ୍ୟକ୍ତିମାନଙ୍କ ବାସଭବନ ଓ କାର୍ଯ୍ୟାଳୟ ଉପରେ ଚଢ଼ାଉ କରି ସିବିଆଇର ଅଫିସରମାନେ ଏକାଧିକ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିଛନ୍ତି।
- ରାଜ୍ୟର ବିଦ୍ୟୁତ୍ ସଂସ୍କାରରେ ସନ୍ତୋଷ ପ୍ରକାଶ କରି ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ୩୫୦ ନିୟୁତ ଡଲାର ଅର୍ଥ ସହାୟତା ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି।
- ଦଳବିରୋଧୀ କାର୍ଯ୍ୟ କରିବା, ଦଳ ତଥା ସଭାପତିଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ଓ ଦଳୀୟ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ବିଜେଡିରୁ ୫ ବିଧାୟକ ସସ୍‌ପେଣ୍ଡ।

## ପାଠକ ଶ୍ରେଷ୍ଠ ବିଚାରକ

### ଔଷଧର ବ୍ୟାପକ ନକଲ

ମହାଶୟ,

ଗ୍ରାମାଞ୍ଚଳ ଓ ସହରରେ ବହୁଳ ମାତ୍ରାରେ ବିଭିନ୍ନ କମ୍ପାନୀର ଆୟୁର୍ବେଦ ଓ ହୋମପ୍ୟାଥିକ ମେଡିସିନ ଷ୍ଟୋର ଅଛି। ଏଠାରେ ଆୟୁର୍ବେଦ ଓ ହୋମିଓପ୍ୟାଥିକ ଔଷଧ ଯଥେଷ୍ଟ ପରିମାଣରେ ମହଜୁଦ। ଉକ୍ତ ମେଡିସିନ କେତେ ପରିମାଣରେ ଗୁଣମାନ? ମେଡିସିନଗୁଡ଼ିକୁ କେଉଁ କମ୍ପାନୀ ତିଆରି କରୁଛନ୍ତି, ରୋଗପ୍ରତିଷେଧକ ଔଷଧଗୁଡ଼ିକର ଯାଞ୍ଚ ଓ ପରୀକ୍ଷା ନିରୀକ୍ଷା କେଉଁ ଲାବୋରେଟୋରିରେ ହେଉଛି? ଦୁଃଖର କଥା, ସରକାରଙ୍କ ପାଖରେ ଏହାର କୌଣସି ହିସାବ ନାହିଁ। ଏହା ବ୍ୟତୀତ ଆୟୁର୍ବେଦ ଓ ହୋମିଓପ୍ୟାଥିକର ଯେତେ ଡାକ୍ତର ଅଛନ୍ତି, ସେମାନଙ୍କର ଡାକ୍ତରୀ ଶିକ୍ଷାଗତ ଯୋଗ୍ୟତା କେତେ? ଡାକ୍ତର ବାବୁ ଓ ଉକ୍ତ ମେଡିସିନର ଆଇନସମ୍ମତ ନୀତିନିୟମ, ପ୍ରମାଣପତ୍ର ଅଛି କି ନାହିଁ ତଦନ୍ତ ହେଲେ ବହୁ ରହସ୍ୟ ଲୋକଲୋଚନକୁ ଆସିବ। ରାଜ୍ୟ ସରକାର, ଭିଜିଲାନ୍ସ ଡିପାର୍ଟମେଣ୍ଟ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

**– ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଇଚ୍ଛଇ ମରଣ ମୋର
ଅହରହ ଏ ଜଗତେ ଯେହ୍ନୁ,
ତାହାରି ସେବାର ଲାଗି
ରକତ ନିଗାଡ଼ି ଦିଏଁ ଦେହୁଁ।
(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଘୋଷଯାତ୍ରା





ପୁରୀ ବଡ଼ଦାଣ୍ଡରେ ତିନି ରଥ ଟାଣିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼।









ଶ୍ରୀକ୍ଷେତ୍ରରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଉଛି।



ପୁରୀ: ପ୍ରତିଷ୍ଠା ପରେ ରଥରେ ଦଧିନଉତି ଓ ଧ୍ୱଜା ସଂଯୋଗ କରାଯାଉଛି।



ଶ୍ରୀକ୍ଷେତ୍ରରେ ରଥ ଦେବତାଙ୍କୁ ରଥ ଉପରେ ସ୍ଥାପନ ପାଇଁ ନିଆଯାଉଛି।



ଶ୍ରୀମନ୍ଦିରକୁ ଫୁଲରେ ସଜାଯାଇଛି।



ଶ୍ରୀମନ୍ଦିର ସମ୍ମୁଖରେ ଜଣେ ହନୁମାନ ବେଶଧାରୀ।



ରଥ ଉପରେ ଛେରାପହଁରା କରୁଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ।



ପୁରୀ ଶ୍ରୀମନ୍ଦିର ସମ୍ମୁଖ ତିନି ରଥ ଆଗରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ବଡ଼ଦାଣ୍ଡରେ ରଥାରୂଢ଼ ବିଗ୍ରହଙ୍କୁ ପ୍ରଣାମ କରୁଛନ୍ତି।



ପୁରୀ ରଥଯାତ୍ରାରେ ଯୋଗଦେଇଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପା ନେତା ସମ୍ବିତ ପାତ୍ର।



ରଥଯାତ୍ରା ଦେଖିବାକୁ ଆସିଥିବା ମନ୍ତ୍ରୀ, ବିଧାୟକ, ନେତା ଓ ଅଧିକାରୀ।



ଭୁବନେଶ୍ୱର ଇସ୍କନ୍ ମନ୍ଦିରରେ ଅନୁଷ୍ଠିତ ରଥଯାତ୍ରା।



ମହାପ୍ରଭୁଙ୍କ ଅନ୍ୟତମ ଲୀଳାକ୍ଷେତ୍ର କାଙ୍କଣଶିଖରୀସ୍ଥିତ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚିଲିକାରେ ଡଙ୍ଗାରେ ଅନୁଷ୍ଠିତ ରଥଯାତ୍ରା।



କଟକ ଦୋଳମୁଣ୍ଡାଇରେ ରଥାରୂଢ଼ ତିନି ଠାକୁର।



କୋରାପୁଟ ଶବର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି କରାଯାଉଛି।



ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ୍‌ର ପାଟାଳି ଶ୍ରୀକ୍ଷେତ୍ରରେ ଠାକୁରଙ୍କୁ ପହଣ୍ଡି କରାଯାଉଛି।

# ସଙ୍ଗୀତ ହିଁ ଜୀବନ

## ଆଜି ବିଶ୍ୱ ସଙ୍ଗୀତ ଦିବସ

**ଗୀତ ଶୁଣିବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି। ଗୀତ ଶୁଣିବା ମାତ୍ରେ କାହାର ପାଦ ନାଚି ଉଠେ ତ' କାହାର ମନ ନାଚି ଉଠେ। ପ୍ରତିବର୍ଷ ଭଳି ଏବର୍ଷ ଜୁନ୍ ୨୧ ତାରିଖକୁ ବିଶ୍ୱ ସଙ୍ଗୀତ ଦିବସ ଭାବେ ପାଳନ କରାଯାଉଛି। ସଙ୍ଗୀତ କ୍ଷେତ୍ର ସହ ଜଡ଼ିତ କଣ୍ଠଶିଳ୍ପୀ, ସଙ୍ଗୀତକାର ସମସ୍ତଙ୍କ ମନରେ ଏହି ଦିବସକୁ ନେଇ ବେଶ୍ ଉତ୍ସାହ ଓ ଉଦ୍ଦୀପନା। ଶ୍ରୋତାଙ୍କ ଭଲ ପାଇବା ସାଉଁଟିବା ପାଇଁ ବର୍ଷସାରା କାମ କରୁଥିବାବେଳେ ଏହି ଦିନଟି ନିଜ ପ୍ରଶଂସକଙ୍କ ପାଇଁ ସମର୍ପି ଦେବାକୁ ଚାହାନ୍ତି ସେମାନେ। ଏମିତି କିଛି କଣ୍ଠଶିଳ୍ପୀ ଏବଂ ସଙ୍ଗୀତକାରଙ୍କ ମତକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ପ୍ରସ୍ତୁତି...**

### ସଙ୍ଗୀତ ବିନା ବଞ୍ଚିପାରିବି ନାହିଁ



ମଣିଷ ନିଃଶ୍ୱାସ ବିନା ଯେପରି ବଞ୍ଚିପାରେ ନାହିଁ, ମୁଁ ସେପରି ସଙ୍ଗୀତ ବିନା ବଞ୍ଚିପାରିବି ନାହିଁ। ବିଶ୍ୱ ସଙ୍ଗୀତ ଦିବସ ଅବସରରେ ମୋତେ ଓ ମୋ ଗୀତକୁ ଭଲ ପାଉଥିବା ସବୁ ଶ୍ରୋତାଙ୍କୁ ଶୁଭେଚ୍ଛା ଜଣେଇବି। ଗୋଟିଏ ଦିନ ନୁହେଁ, ମୋର ପ୍ରତ୍ୟେକଟି ଦିନ ସଙ୍ଗୀତ ପାଇଁ ଉତ୍ସର୍ଗୀକୃତ। ଦୁନିଆର ସବୁ ଲୋକ ସଙ୍ଗୀତ କଳାକୁ ଭଲ ପାଆନ୍ତି। ଏମିତି ଏକ କଳା ମୋ ଭିତରେ ରହିଥିବାରୁ ମୁଁ ଈଶ୍ୱରଙ୍କ ପାଖରେ ଋଣୀ। ଶ୍ରୋତାଙ୍କୁ ଭଲ ଗୀତ ଦେବା ପାଇଁ ସବୁବେଳେ ଚେଷ୍ଟା କରୁଛି। ଗଣେଶ ପୂଜା ଓ ଦଶହରାରେ ବହୁତ ଭଲ ଭଲ ଗୀତ ଆସିବ।

**– ଦୀପ୍ତିରେଖା ପାଢ଼ୀ, କଣ୍ଠଶିଳ୍ପୀ**

### ସ୍ୱତନ୍ତ୍ରତା ବଜାୟ ଜରୁରୀ



ସଙ୍ଗୀତ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସଙ୍ଗୀତ ବିନା ଜୀବନ ସମ୍ଭବ ନୁହେଁ। ମୋ ପାଇଁ ଗୀତ ସବୁକିଛି। ସଙ୍ଗୀତ କ୍ଷେତ୍ରରେ ଆଗକୁ ବଢ଼ିବାକୁ ହେଲେ କଠିନ ପରିଶ୍ରମ, ଦୃଢ଼ ମନୋବଳ ଆବଶ୍ୟକ। ପ୍ରତ୍ୟେକ କଣ୍ଠଶିଳ୍ପୀ ନିଜ ନିଜ ସ୍ଥାନରେ ସ୍ୱତନ୍ତ୍ର। ସ୍ୱତନ୍ତ୍ରତା ବଜାୟ ରଖିଲେ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇଥାଏ। ସଙ୍ଗୀତ କ୍ଷେତ୍ରରେ ନୂଆ ନୂଆ ପରୀକ୍ଷା କରିବା ଜରୁରୀ, ମାତ୍ର ନିଜର ଅସ୍ତିତ୍ୱ ହରାଇଦେବା ଉଚିତ୍ ନୁହେଁ। ଜଣେ କଣ୍ଠଶିଳ୍ପୀ ପାଇଁ ତାଙ୍କ ପ୍ରଶଂସକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ବିଶ୍ୱ ସଙ୍ଗୀତ ଦିବସ ଅବସରରେ ସମସ୍ତ ଶ୍ରୋତାଙ୍କ ଭଲପାଇବା ଆଶା କରୁଛି।

**– ଅବିନାଶ ଦାଶ, କଣ୍ଠଶିଳ୍ପୀ**

### ସଙ୍ଗୀତର ଯାତ୍ରା ବହୁତ ଲମ୍ବା



ଜୁନ୍ ୨୧ ବିଶ୍ୱ ସଙ୍ଗୀତ ଦିବସରେ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ମୁଁ କଣ୍ଠଦାନ କରିଥିବା 'ଜଗନ୍ନାଥ ଅଷ୍ଟକମ୍' ମୁକ୍ତିଲାଭ କରିବାକୁ ଯାଉଛି। ସେଥିପାଇଁ ଖୁସି ଦ୍ୱିଗୁଣିତ ହୋଇଛି। ସଙ୍ଗୀତ କ୍ଷେତ୍ରରେ ନୂଆ ନୂଆ ପରୀକ୍ଷା କରିବାକୁ ମୁଁ ଭଲପାଏ। ଶ୍ରୋତାଙ୍କ ଭଲପାଇବା ମଧ୍ୟ ଅନୁରୂପ ଭାବେ ପାଇଆସିଛି। ତେଣୁ ଏହି ଦିବସରେ ସବୁ ପ୍ରଶଂସକଙ୍କୁ ଶୁଭେଚ୍ଛା ଜଣାଇବାକୁ ଚାହିଁବି। ସଙ୍ଗୀତର ଯାତ୍ରା ବହୁତ ଲମ୍ବା, ସେମାନେ ମୋ ସହିତ ରହିବେ ବୋଲି ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛି।

**–ଅଭିଜିତ୍ ମିଶ୍ର, କଣ୍ଠଶିଳ୍ପୀ**

### ଗୀତ ଶୁଣିବା ଏକପ୍ରକାର ଯୋଗ



ସମୟ ବଦଳିବା ସହ ଶ୍ରୋତାଙ୍କ ରୁଚି ବଦଳୁଛି। ତଦନୁଯାୟୀ ନୂଆ ନୂଆ ଗୀତ ପ୍ରସ୍ତୁତ କରାଯାଉଛି। ଓଡ଼ିଆ ଗୀତ ବହୁତ ସମୃଦ୍ଧ। ସମସ୍ତଙ୍କୁ ଅନୁରୋଧ କରିବି ଅଧିକରୁ ଅଧିକ ଓଡ଼ିଆ ଗୀତ ଶୁଣନ୍ତୁ। ଗୀତ ଶୁଣିବା ଏକପ୍ରକାର ଯୋଗ ବୋଲି କହିପାରିବା। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହେ। ତେଣୁ ଦିନକ ପାଇଁ ନୁହେଁ ବରଂ ପ୍ରତିଦିନ କିଛି କିଛି ଗୀତ ଶୁଣିବାର ଆବଶ୍ୟକତା ରହିଛି। ନିୟମିତ ଗୀତ ଶୁଣିବା ଦ୍ୱାରା ଅବସାଦ ଦୂର ହୁଏ। ତେଣୁ ଗୀତ ମାଧ୍ୟମରେ ଲୋକଙ୍କ ଅବସାଦ ଦୂର କରିପାରୁଥିବାରୁ ଆତ୍ମସନ୍ତୋଷ ମିଳେ। କହିଦେ ଥରେ ଆଇ ଲଭ୍ ୟୁ, କାଇଁଚ ମାଳି ଆଦି ଭିନ୍ନ ଭିନ୍ନ ପ୍ରୋଜେକ୍ଟ ଉପରେ କାମ ଚାଲିଛି। ଶ୍ରୋତାଙ୍କୁ ନିଶ୍ଚୟ ପସନ୍ଦ ଆସିବ।

**– ଅରୁଣ ମନ୍ତ୍ରୀ, ସଙ୍ଗୀତ ନିର୍ଦ୍ଦେଶକ**

### ନିୟମିତ ଗୀତ ଶୁଣୁଥିବା ଲୋକ ଶାନ୍ତ



ସମଗ୍ର ବିଶ୍ୱକୁ କୁଟୁମ୍ବ ଭାବେ ବାନ୍ଧି ରଖିବା ପାଇଁ ଏକ ଭଲ ମାଧ୍ୟମ ହେଉଛି ସଙ୍ଗୀତ। ଏହି ବର୍ଷ ବିଶ୍ୱ ସଙ୍ଗୀତ ଦିବସ ଅବସରରେ ସଙ୍ଗୀତ ମାଧ୍ୟମରେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବାକୁ ଚାହିଁବି। ବିଶ୍ୱରେ ପ୍ରକୃତି କୋପ କିପରି କମ୍ ହୋଇପାରିବ ତାହା ସଙ୍ଗୀତ ମାଧ୍ୟମରେ ଜଣାଇବି। ଅତ୍ୟଧିକ ତାପମାତ୍ରା ବୃଦ୍ଧି ବା ବନ୍ୟାବାତ୍ୟା ଭଳି ବିପର୍ଯ୍ୟୟ ନ ଆସୁ ବୋଲି ପ୍ରାର୍ଥନା କରିବି। ନିୟମିତ ଗୀତ ଶୁଣୁଥିବା ଲୋକ ସର୍ବଦା ଶାନ୍ତ ରୁହନ୍ତି। ତେଣୁ ସମସ୍ତଙ୍କୁ ଗୀତ ଶୁଣିବାକୁ ଏବଂ କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ଅନୁରୋଧ କରିବି।

**– ପ୍ରଶାନ୍ତ ପାଢ଼ୀ, ସଙ୍ଗୀତକାର**

ଉପସ୍ଥାପନା– ଅନୁରାଧା ମହାରଣା, ଭୁବନେଶ୍ୱର

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ଶ୍ରୀବିହାର ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ, କେଲୁଚରଣ ପାର୍କ, ଡମଣା, ସକାଳ ୫ଟା ୩୦।
- ପତଞ୍ଜଳୀ ଯୋଗ ସମିତି ପକ୍ଷରୁ ୯ମ ଆନ୍ତର୍ଜାତିକ ଯୋଗ ଦିବସ, କସ୍ତୁରବା ଶିକ୍ଷାଶ୍ରମ ଗ୍ରାଉଣ୍ଡ, ସକାଳ ୫ଟା ୩୦।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଗ୍ୟାଲେରି ଆର୍ଟିଷ୍ଟମାଇଣ୍ଡ୍ଜ ପକ୍ଷରୁ ପ୍ରଦର୍ଶନୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୂର୍ବାହ୍ନ ୧୧ଟା ୩୦।
- ବିଶ୍ୱ ସଙ୍ଗୀତ ଦିବସ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ, ଆସୋସିଏଶନ ସମ୍ମିଳନୀ କକ୍ଷ, ସକାଳ ୬ଟା ୧୫ମିନିଟ୍।
- ବାଲିସାହି ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ, ବାଲିସାହି, ମଧୁପାଟଣା, ଅପରାହ୍ନ ୪ଟା।



ରଥଯାତ୍ରା ଅବସରରେ ନିଜ ଜନ୍ମଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ସପରିବାର ନୂଆଦିଲ୍ଲୀ ହଜ୍‌ଖାସ୍ ଭିଲେଜସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରି ବାହାରୁଛନ୍ତି।

# ଜନ୍ମଦିନରେ ମହାପ୍ରଭୁଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୨୦।୬(ଅନୁରାଧା ମହାରଣା)

ନୂଆଦିଲ୍ଲୀର ହଜ୍‌ଖାସ୍ ଭିଲେଜସ୍ଥିତ ଜଗନ୍ନାଥ ମନ୍ଦିରଠାରେ ୪୫ତମ ରଥଯାତ୍ରା ଉତ୍ସବ ପାଳନ କରାଯାଇଛି। ଭୋର ୫ଟାରେ ମଙ୍ଗଳ ଆଳତି କରାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସକାଳ ସାଢ଼େ ୬ଟାରେ ଝିଅ ଇତିଶ୍ରୀ ଓ ପରିବାରବର୍ଗଙ୍କ ସହ ଏଠାରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ରାଷ୍ଟ୍ରପତିଙ୍କ ୬୫ତମ ଜନ୍ମଦିନ ହୋଇଥିବାରୁ ସେ ଏଠାରେ ପୂଜାର୍ଚ୍ଚନା କରିଥିଲେ। ରାଷ୍ଟ୍ରପତିଙ୍କୁ ମନ୍ଦିର ପରିଚାଳନା କମିଟି ନୀଳାଚଳ ସେବା ସଂଘ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ପାଛୋଟି ନେଇଥିଲେ। ଭକ୍ତଙ୍କ ଗହଣରେ ମଧ୍ୟାହ୍ନ ୧୨ଟାରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ୨୦ ଫୁଟ ଉଚ୍ଚ ରଥରେ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିଥିଲେ। ଦିନ ୧୨ଟା ୪୫ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିଲ୍ଲୀର ଉପ ରାଜ୍ୟପାଳ ବିନୟ କୁମାର ସାକ୍ସେନା ଛେରାପହଁରା କରିଥିଲେ।

### ଦିଲ୍ଲୀ ହଜ୍‌ଖାସ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା

ସମ୍ମାନିତ ଅତିଥି ଡିଡିଏ ଉପାଧ୍ୟକ୍ଷ ଶୁଭାଶିଷ ପଣ୍ଡା କର୍ପୁର ଚନ୍ଦନ ଛିଞ୍ଚିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମୃଦୁଳା ପ୍ରଧାନ ଉପସ୍ଥିତ ଥିଲେ। ଅପରାହ୍ନ ୨ଟା ୩୦ରେ ରଥ ଟଣା ଆରମ୍ଭ ହୋଇଥିଲା। ୪୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ରଥକୁ ହଜ୍‌ଖାସ୍ ଭିଲେଜ ରୋଡ୍‌ରେ ମୁଖ୍ୟ ରାସ୍ତା ଶ୍ରୀ ଅରବିନ୍ଦ ମାର୍ଗକୁ ନେଇ ଅଢେଇ କିମି ଦୂର ଅନ୍‌ସାରୀ ନଗରରେ ପହଞ୍ଚାଇଥିଲେ। ସେଠାରୁ ସନ୍ଧ୍ୟା ସୁଦ୍ଧା ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ରଥ ଉପରେ ବିରାଜମାନ ରହି ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପୁନର୍ବାର ପହଣ୍ଡି କରାଯାଇ ଠାକୁରଙ୍କୁ ମନ୍ଦିର ପରିସର ମାଉସୀମା ଘରକୁ ନିଆଯାଇଥିଲା। ଧାରା ବିବରଣୀ ଲକ୍ଷ୍ମୀ ନାରାୟଣ ବେବର୍ତ୍ତା, ସୁଜାତା ତ୍ରିପାଠୀ ଓ ପ୍ରଫେସର ଭଗିରଥ ଝା ପ୍ରଦାନ କରିଥିଲେ।

# ଖବରଦାତାଙ୍କୁ ସେବାୟତଙ୍କ ଆକ୍ରମଣ

ପୁରୀ,୨୦।୬(ଅଜିତ ମହାନ୍ତି)

ଶ୍ରୀକ୍ଷେତ୍ର ରଥଯାତ୍ରାରେ ଖବର ସଂଗ୍ରହ ସମୟରେ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟିର ୨ଜଣ ସେବାୟତ ସଦସ୍ୟ ଆକ୍ରମଣ କରିଥିବା ନେଇ ପୁରୀ ସାମ୍ବାଦିକ ସଂଘ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, କିଛି ବଙ୍ଗୀୟ ପର୍ଯ୍ୟଟକ ବିନା ପାସ୍‌ରେ ସେବାୟତଙ୍କୁ ଟଙ୍କା ଦେଇ ରଥ ଆଉଟଡୋର କର୍ଡନ୍ ନିକଟରେ ହୋଇଥିବା ଅସ୍ଥାୟୀ ଟେଣ୍ଟରେ ବସିଥିବା ନେଇ ଅଭିଯୋଗ ଆସିଥିଲା। ତେବେ ଏ ନେଇ ଖବରଦାତା ଚିତ୍ତରଞ୍ଜନ ମହାନ୍ତି ଓ ଚନ୍ଦ୍ରଶେଖର ପାତ୍ର ସେଠାରେ ଖବର ସଂଗ୍ରହ କରୁଥିବା ସମୟରେ ପରିଚାଳନା କମିଟିର ୨ ସେବାୟତ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପୋଲିସ ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଧ୍ୟ ଏହି ଘଟଣାରେ ହସ୍ତକ୍ଷେପ କରନ୍ତୁ ବୋଲି ସାମ୍ବାଦିକ ସଂଘ ଦାବି କରିଛି।

# ଭକ୍ତ ଦାସିଆ ପୀଠରେ ଶ୍ରୀଜଗନ୍ନାଥଙ୍କ ତୁଳସୀ ବେଶ

ପିପିଲି,୨୦।୬
(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)



ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁଠାରେ ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ପୀଠସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀମନ୍ଦିର ନୀତି ଅନୁସାରେ ଶ୍ରୀଗୁଣ୍ଡିଚାର ବିଶେଷ କାର୍ଯ୍ୟକ୍ରମ ପାଳିତ ହୋଇଛି। ମୁଖ୍ୟ ପୂଜକ ଶ୍ରୀଲକ୍ଷ୍ମୀଧର ପାଢୀ, ସହାୟକ ପୂଜକ ଲକ୍ଷ୍ମୀଧର ଦୀକ୍ଷିତଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଘଣ୍ଟ, ଘଣ୍ଟା, କାହାଳୀ ଓ ନାମ ସଂକୀର୍ତ୍ତନ ମଧ୍ୟରେ ଏକ ସ୍ୱତନ୍ତ୍ର ବିମାନକୁ ପହଣ୍ଡି କରି ନିଆଯାଇଥିଲା। ପରେ ବିଭିନ୍ନ ଫୁଲ ଓ ତୁଳସୀରେ ମହାପ୍ରଭୁଙ୍କ ବେଶ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ମଙ୍ଗଳ ଆଳତି, ମଧ୍ୟାହ୍ନ ଧୂପ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ.ଘନଶ୍ୟାମ ସ୍ୱାଇଁ, ବରିଷ୍ଠ ଟ୍ରଷ୍ଟି ଅର୍ଜୁନ ଚରଣ ସାମଲ, ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ କୁମାର ସାହୁ, ଆଞ୍ଚଳିକ କମିଟି ସଦସ୍ୟ ଚିତ୍ତରଞ୍ଜନ ସେନାପତି, ସ୍ୱୟଂପ୍ରକାଶ ପରିଡ଼ା, ପବିତ୍ର କୁମାର ମଲ୍ଲିକ, ଅକ୍ଷୟ କୁମାର ବେହେରା, ବଟକୃଷ୍ଣ ବିଶ୍ୱାଳ, ଲକ୍ଷ୍ମୀଧର ସାହୁ, ପ୍ରଫୁଲ୍ଲ ବିଶ୍ୱାଳ ପ୍ରଭୃତି ପରିଚାଳନା କରିଥିଲେ। ଅପରାହ୍ନରେ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇ ଠାକୁରଙ୍କୁ ରତ୍ନ ସିଂହାସନରେ ବିରାଜିତ କରାଯାଇଥିଲା।

### ପ୍ରଶାନ୍ତ ପଟ୍ଟନାୟକ ପାଇବେ ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ

**କଟକ,୨୦।୬ (କାର୍ତ୍ତିକ ସାହୁ):** ସାରସ୍ୱତ ସ୍ରଷ୍ଟା ତଥା ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକଙ୍କୁ ଚଳିତ ବର୍ଷର ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ ପ୍ରଦାନ କରାଯିବ। ଇଷ୍ଟର୍ନ ଟାଇମ୍ସ, ଅମୃତ ବଜାର ପତ୍ରିକା, ଦୈନିକ କଳିଙ୍ଗ, ହିନ୍ଦୁସ୍ଥାନ ସମାଚାର, ଇଣ୍ଡିଆ ଟିଭି ଆଦିରେ ସେ କାର୍ଯ୍ୟ କରି ସାମ୍ବାଦିକତା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି। ଅନ୍ଧକାରର କାବ୍ୟ, ପୁନଶ୍ଚ ଅନ୍ଧାର, ରାବଣ ପୋଡ଼ି, ଶ୍ରୀ ଲଛମନ ଉବାଚ ଆଦି ସାରସ୍ୱତ କୃତିର ସେ ହେଉଛନ୍ତି ସ୍ରଷ୍ଟା। ଉତ୍କଳ ସାହିତ୍ୟ ସମାଜ ଓ ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୫ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ପଟ୍ଟନାୟକଙ୍କ ୩୬ତମ ବାର୍ଷିକ ସ୍ମୃତି ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପଟ୍ଟନାୟକଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ ବୋଲି ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଓ ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦର ସମ୍ପାଦକ ବିଜୟ କୁମାର ପଢ଼ିହାରୀ ଜଣାଇଛନ୍ତି।

# ଯୋଗ ପାଇଁ ଲୋକଙ୍କ ଆଗ୍ରହ ବଢ଼ୁଛି

ଭୁବନେଶ୍ୱର,୨୦।୬(ଶର୍ମିଷ୍ଠା ପାଣିଗ୍ରାହୀ)



ନିଜକୁ ସୁସ୍ଥ, ସୁନ୍ଦର ରଖିବାକୁ ସମସ୍ତେ ଚେଷ୍ଟା କରନ୍ତି। କିଏ ଯୋଗ କରନ୍ତି ତ ଆଉ କିଏ ଜିମ୍ ଯାଆନ୍ତି। ଯୋଗ କାହିଁ କେଉଁ ପୁରାତନ କାଳରୁ ଲୋକଙ୍କୁ ସୁସ୍ଥ ରଖିବାରେ ଏକ ବଡ଼ ଭୂମିକା ତୁଲାଇ ଆସିଛି। ଯୋଗ ଅଭ୍ୟାସ ଶରୀର ଓ ମନ ମଧ୍ୟରେ ସନ୍ତୁଳନ ସ୍ଥାପନ କରିଥାଏ। ଯୋଗ କେବଳ ଏକ ବ୍ୟାୟାମ ନୁହଁ, ନିଜ ସହିତ ବିଶ୍ୱ ଓ ପ୍ରକୃତିକୁ ଏକତ୍ର କରିବାର ଏକ ଭାବ। ଯୁବ ସମୟରୁ ବୃଦ୍ଧ ଯାଏ ଅନେକ ଯୋଗକୁ ସୁଖୀ ଜୀବନର ମନ୍ତ୍ର ଭାବେ ମାନିଥାନ୍ତି। ଏବେ ଯୋଗପ୍ରତି ଲୋକଙ୍କ ଆଗ୍ରହ ବଢ଼ୁଛି। ସକାଳୁ ରାଜଧାନୀର ବିଭିନ୍ନ ଯୋଗକେନ୍ଦ୍ର ଓ ପାର୍କରେ ଯୋଗ ପାଇଁ ଭିଡ଼ ବଢ଼ୁଛି। ସହରରେ ଦୀର୍ଘ ବର୍ଷ ଧରି କେତେକ ଯୋଗକେନ୍ଦ୍ର ଲୋକମାନଙ୍କୁ ଯୋଗ ଶିକ୍ଷା ଦେଉଛନ୍ତି। ବୁଧବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ୱତନ୍ତ୍ର ଉପସ୍ଥାପନା।

୩୬ବର୍ଷର ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ଭୁବନେଶ୍ୱରର ଏକ ପୁରାତନ ଯୋଗକେନ୍ଦ୍ର ଭାବେ ପରିଚିତ। ସକାଳ

### ଆଜି ଅନ୍ତର୍ଜାତୀୟ ଯୋଗ ଦିବସ

୫ଟା ୩୦ରୁ ୬ଟା ୪୫, ୭ଟାରୁ ୮ଟା ଓ ଅପରାହ୍ନ ୫ରୁ ସନ୍ଧ୍ୟା ୬ଟା ୩୫ ପର୍ଯ୍ୟନ୍ତ ୩ଟି ବ୍ୟାଚ୍‌ରେ ଯୋଗ ଶିକ୍ଷା ଦିଆଯାଉଛି। ଆସାନ, ପ୍ରାଣାୟମ, ଧ୍ୟାନ, ମୁଦ୍ରା, ଧାରଣା, ବନ୍ଧ, ଯୋଗନିଦ୍ରା ପ୍ରମୁଖ ଏଠାରେ ଶିଖାଯାଏ। ୧୦ଜଣ ଶିକ୍ଷକ ଯୋଗ ଶିକ୍ଷା ଦେଉଛନ୍ତି। ଏହାର ମୁଖ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ କହିଛନ୍ତି, ଯୋଗ ବହୁ ପୁରାତନ କାଳରୁ ରହି ଆସିଛି। ଏହା ନୂଆ ନୁହେଁ କି ପୁରୁଣା ମଧ୍ୟ ନୁହେଁ। ଯୋଗ ସହ ପ୍ରତିଯୋଗିତାରେ କେହି ସମକକ୍ଷ ହୋଇପାରିବେ ନାହିଁ। ଜିମ୍ କରି ଅନେକ ସମୟରେ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯୋଗ କରିବା ଦ୍ୱାରା କେବଳ ଦେହ ନୁହେଁ, ମନ ମଧ୍ୟ ଶାନ୍ତ ରହିଥାଏ। ମାନସିକ ସନ୍ତୁଳନ ବଜାୟ ରହିଥାଏ। ତେଣୁ ଯୋଗର ଆଦର ସଦାକାଳ ରହିଛି। ସେହିପରି ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀ ୧୦ବର୍ଷ ଧରି ରାଜଧାନୀରେ ପ୍ରତିବର୍ଷ ୩୩ ଯୋଗ ଶିକ୍ଷକଙ୍କୁ ତିଆରି କରୁଛି। ଏହାର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ପ୍ରଧାନ କହିଛନ୍ତି, ଶାରୀରିକ ସହ ମାନସିକ ଶାନ୍ତି ନିତାନ୍ତ ଗୁରୁତ୍ୱପୂର୍ଣ୍ଣ। ଯୋଗ ମନକୁ ନିୟନ୍ତ୍ରଣ ରଖିବା ସହ ଜୀବନରେ ଉନ୍ନତି କ୍ଷେତ୍ରରେ ବେଶ୍ ସହାୟକ ହୁଏ। ଯୋଗଶାସ୍ତ୍ରର ପରିସର ସବୁବେଳେ ସ୍ୱତନ୍ତ୍ର। ଯୋଗର ଆବଶ୍ୟକତା ଅନୁସାରେ ବିଶେଷ କରି ସ୍କୁଲ ସ୍ତରରୁ ଯୋଗ ଶିକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଆବଶ୍ୟକ। କଲେଜ ହେଉ କି ବିଶ୍ୱବିଦ୍ୟାଳୟ କି ଚାକିରି କ୍ଷେତ୍ର ସବୁଠି ଯୋଗ ଶିକ୍ଷାର ପରିସର ବ୍ୟାପକ କରାଯାଉ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ରିତୁଲ୍



@ ସ୍ୱରୂପ



@ ଅଜୟ



@ ଗାୟତ୍ରୀ



@ ପ୍ରସନ୍ନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ନିୟମିତ ଯୋଗାଭ୍ୟାସରୁ ଉପକାର ମିଳେ




ଭୁବନେଶ୍ୱର, ୨୦।୬ (ବନ୍ଦନା ସେଠୀ)

### ଯୋଗ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ

ଭାରତୀୟ ଯୋଗ ସଂସ୍ଥାନ ନୂଆଦିଲ୍ଲୀ ପକ୍ଷରୁ ପରଚାଳିତ ନିଶୁଳ୍କ ଯୋଗ ସାଧନା କେନ୍ଦ୍ରର ଷୋଡ଼ଶ ବାର୍ଷିକ ଉତ୍ସବ ମଙ୍ଗଳବାର ବିଜୁ ପଟ୍ଟନାୟକ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କିଟ୍ ଆଧ୍ୟାତ୍ମବାଦ ଓ ଯୋଗ ବିଜ୍ଞାନ ବିଦ୍ୟାଳୟର କାର୍ଯ୍ୟକାରୀ ଡିନ୍ ଡ. ସଂଜୟ କୁମାର ପଣ୍ଡା ଯୋଗଦେଇ କହିଲେ, ନିୟମିତ ଯୋଗାଭ୍ୟାସ କଲେ ଉପକାର ମିଳିଥାଏ। ଉତ୍ସବରେ ଭାରତୀୟ ଯୋଗ ସଂସ୍ଥାନର ଓଡ଼ିଶା ପ୍ରାନ୍ତ ମୁଖ୍ୟ ସୁରେଶ କୁମାର ମହାପାତ୍ର ଅଧ୍ୟକ୍ଷତା କରି ସଂସ୍ଥାନର ନିଶୁଳ୍କ ଯୋଗ ଶିକ୍ଷା ତଥା ସମାଜ ସେବା ବିଷୟରେ କହିଥିଲେ। ପ୍ରାନ୍ତ ସଦସ୍ୟ ଶରତଚନ୍ଦ୍ର ଛୋଟରାୟ, ଜିଲା ପ୍ରଧାନ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଜିଲା ମନ୍ତ୍ରୀ ଗୋପାଳ କୃଷ୍ଣ ବେହେରା, ଜିଲା ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ମୁଖ୍ୟ ରେବତି ବଲ୍ଲଭ ସାମନ୍ତରାୟ ବିବରଣୀ ପାଠ କରିଥିଲେ। ସାଧକ ଗୌରାଙ୍ଗ ଚରଣ ମହାନ୍ତି ଉତ୍ସବ ପରିଚାଳନାଓ ସାଧିକା ଗାୟତ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ଜୁନ, ୨୦୨୩

**ଆଚାର୍ଯ୍ୟ ବିହାରରେ ରଥଯାତ୍ରା**

ଭୁବନେଶ୍ୱର (ଶର୍ମିଷ୍ଠା ପାଣିଗ୍ରାହୀ) : ଆଚାର୍ଯ୍ୟବିହାରସ୍ଥିତ ମା' ଭୁବନେଶ୍ୱରୀ ମନ୍ଦିର ସମିତି ପକ୍ଷରୁ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମିତି ସମ୍ପାଦକ ଦେବେନ୍ଦ୍ର ନାଥ ଦାସ ଛେରା ପହଁରା କରିବା ପରେ ରଥ ଟଣା ହୋଇଥିଲା। ବିଧାୟକ ଅନନ୍ତ ନାରାୟଣ ଜେନା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇଥିଲେ। ଆଚାର୍ଯ୍ୟବିହାର ପରିଷଦ ସଭାପତି ଭାଗବତ ପ୍ରସାଦ ଦାସ, ଶିଶିର ମହାପାତ୍ର, ଶକ୍ତିରଞ୍ଜନ ପତି ରବିନାରାୟଣ କାନୁନ୍‌ଗୋ, ବିମଳ ଦାସ, ସିଦ୍ଧାର୍ଥ ଦାସ, ରବିନ୍ଦ୍ର ନାଥ ଦାସ, ଗଙ୍ଗାଧର ସାହୁ, ସତ୍ୟଜିତ ମହାନ୍ତି, ବିକାଶ ଦାସ, ଅନ୍ତର୍ଯ୍ୟାମୀ ବେହେରା, ପ୍ରତାପ ମହାପାତ୍ର, ଈଶ୍ୱରଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



# ରଥ, ପଥ, ଜଗନ୍ନାଥ

ଭୁବନେଶ୍ୱର,୨୦।୬(ଶର୍ମିଷ୍ଠା ପାଣିଗ୍ରାହୀ) – ସବୁ ଅପେକ୍ଷାର ଅନ୍ତ ଘଟିଛି। ରଥ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ଅପୂର୍ବ ଦର୍ଶନ ପାଇଛନ୍ତି ଭକ୍ତ। ମଙ୍ଗଳବାର ରଥରେ ଚଢ଼ି ଚତୁର୍ଦ୍ଧାମୂର୍ତ୍ତି ମାଉସୀଘରକୁ ୯ଦିନିଆ ରଥଯାତ୍ରାରେ ଯାଇଥିବାବେଳେ ଏଥିପାଇଁ ରାଜଧାନୀ ରଥ, ପଥ ଜଗନ୍ନାଥମୟ ହୋଇଯାଇଥିଲା। ଲକ୍ଷଲକ୍ଷ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନିରେ ସୃଷ୍ଟି ହୋଇଥିଲା ଭାବାବେଗ ପରିବେଶ। ଖରାକୁ ଖାତିର ନ ଥିଲା, କି ବୟସ ବାଧା ଦେଇ ନ ଥିଲା। ଆବାଳ ବୃଦ୍ଧ ବନିତା ସମସ୍ତେ ବିଶ୍ୱନିୟନ୍ତାଙ୍କୁ ପାଇ ଏକାକାର ହୋଇଯାଇଥିଲେ। ଚଳିତ ବର୍ଷ ଭୁବନେଶ୍ୱରରେ ୫୬ଟି ସ୍ଥାନରେ ରଥଯାତ୍ରା ପାଇଁ ସ୍ୱୀକୃତି ଦିଆଯାଇଥିବାବେଳେ ଶତାଧିକ ସ୍ଥାନରେ ରଥଗଡ଼ିଛି। ସବୁଠି ନୀତିକାନ୍ତିଠାରୁ ଆରମ୍ଭ କରି ପହଣ୍ଡି ବିଜେ, ରଥଟଣା ପର୍ଯ୍ୟନ୍ତ ସବୁକିଛି ଶାନ୍ତିଶୃଙ୍ଖଳାରେ ସରିଛି। ବିଶେଷକରି ସହରର ପ୍ରମୁଖ ସ୍ଥାନ ଇସ୍କନ ମନ୍ଦିର, କିସ୍ ଶ୍ରୀବାଣୀ କ୍ଷେତ୍ର, ବାଣୀକ୍ଷେତ୍ର ବାଣୀବିହାର, ଆର୍‌ଏମ୍‌ଆର୍‌ସି ଜଗନ୍ନାଥ ମନ୍ଦିର ସମେତ ପୁରୁଣା ଭୁବନେଶ୍ୱର, ବରମୁଣ୍ଡା, ୟୁନିଟ୍‌-୮, ଚନ୍ଦ୍ରଶେଖରପୁର, ଶୈଳଶ୍ରୀବିହାର, ପଟିଆ, ଭିଏସ୍‌ଏସ୍‌ନଗର, ରସୁଲଗଡ଼ ଆଦି ବିଭିନ୍ନ ଅଞ୍ଚଳରେ ରଥଯାତ୍ରା ହୋଇଛି।

## ରାଜଧାନୀରେ ରଥଯାତ୍ରା



## କିସ୍‌ରେ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ



କିସ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଛି। ପୂର୍ବାହ୍ନରେ ମଙ୍ଗଳ ଆରତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ସରିବା ପରେ କିଟ୍ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅପରାହ୍ନ ୩ଟା ୩୦ରେ ଛେରା ପହଁରା କରିଥିଲେ। ଅପରାହ୍ନ ୪ଟା ୩୦ରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ନବନିର୍ମିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ। ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରା ଦେଖିବା ଲାଗି ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଏଠାରେ ୯ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ। ୨୯ ତାରିଖରେ ସୁନାବେଶ, ୩୦ରେ ଅଧରପଣା ନୀତି ଓ ଜୁଲାଇ ୧ ଶନିବାର ଦିନ ଠାକୁର ନୀଳାଦ୍ରିବିଜେ କରିବେ। ଏଥିସହ ୨୧ ତାରିଖରୁ ୨୭ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର, ୨୯ ଓ ୩୦ ତାରିଖରେ ଜଗନ୍ନାଥ ମନ୍ଦିରରେ ଭଜନ ସମାରୋହର କାର୍ଯ୍ୟକ୍ରମ ରହିଛି।

## ଇସ୍କନରେ ସାଢ଼େ ୪ଟାରେ ଗଡ଼ିଲା ରଥ

୩୨ବର୍ଷରେ ପଦାର୍ପଣ କରିଥିବା ଇସ୍କନ ରଥଯାତ୍ରାରେ ସର୍ବାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ପହଣ୍ଡିବିଜେ କରାଯାଇ ମଧ୍ୟାହ୍ନ ୧୨ଟାରେ ଭୋଗ ଓ ଆରତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୨ଟାରେ ମନ୍ଦିର ସନ୍ନ୍ୟାସୀ ଗୋପୀନାଥ ମହାରାଜ ଛେରାପହଁରା କରିବା ପରେ ୪ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ୬ଟାରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ସନ୍ଧ୍ୟା ୭ଟାରେ ସନ୍ଧ୍ୟା ଆରତି କରାଯାଇଥିଲା। ୨୮ ତାରିଖ ବାହୁଡ଼ାଯାତ୍ରା ପାଇଁ ମଧ୍ୟ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ହୋଇଛି। ଅପରାହ୍ନ ୧୨ଟା ୩୦ରେ ପହଣ୍ଡିବିଜେ, ୨ଟା ୩୦ରେ ଛେରାପହଁରା ପରେ ୩ଟା ୩୦ରେ ରଥଟଣା ଆରମ୍ଭ ହେବ। ୩୦ ତାରିଖରେ ସୁନାବେଶ ସହିତ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ରହିଛି।

## ବାଣୀକ୍ଷେତ୍ରରେ ଛେରାପହଁରା କଲେ କୁଳପତି

ବାଣୀକ୍ଷେତ୍ର ବାଣୀବିହାରରେ ଶାନ୍ତିଶୃଙ୍ଖଳାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୨ଟାରେ ପ୍ରଥମେ ସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସହ ପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଶ୍ରୀଜୀଉଙ୍କ ରଥ ଉପରେ ଜଗନ୍ନାଥଙ୍କର ରୀତିନୀତି ଅନୁସାରେ ଛେରା ପହଁରା କରିଥିଲେ। ଅପରାହ୍ନ ୪ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ମହାପ୍ରଭୁଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା।



ୟୁନିଟ୍‌-୮ ଶ୍ରୀ ଜଗନ୍ନାଥ ମନ୍ଦିର।

## ଭିଏସ୍‌ଏସ୍ ନଗରରେ ରଥଯାତ୍ରା

ଭୁବନେଶ୍ୱରୀ ସେବା ସଂସ୍କୃତି ପରିଷଦ ପକ୍ଷରୁ ମଙ୍ଗଳବାର ଭିଏସ୍‌ଏସ୍ ନଗରଠାରେ ୧୬ତମ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ଜୟନ୍ତ ପରିଡ଼ା ଛେରା ପହଁରା କରିବା ପରେ ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସୁସଜ୍ଜିତ ରଥରେ ଡିଏଲ କଲୋନୀସ୍ଥିତ ଭୁବନେଶ୍ୱରୀ ମନ୍ଦିରରୁ ଯାତ୍ରା ଆରମ୍ଭ କରି ସନ୍ଧ୍ୟା ପୂର୍ବରୁ ଆଡ଼ପ ମଣ୍ଡପ ନିକଟରେ ପହଞ୍ଚିଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ପୂର୍ବତନ ବିଧାୟକ ପ୍ରୟଦର୍ଶି ମିଶ୍ର, ପ୍ରଶାନ୍ତ ଷଡ଼ଙ୍ଗୀ, ପ୍ରତାପ କୁମାର ନନ୍ଦ, ଦିଲୀପ ଦାଶଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।





ଭୁବନେଶ୍ୱର ଉପକଣ୍ଠ ବଇଁଚୁଆ ଗୁପ୍ତମଣି ମଠ ପକ୍ଷରୁ ରଥଯାତ୍ରା।



ବାଣୀବିହାର ପରିସରରେ ଅନୁଷ୍ଠିତ ରଥଯାତ୍ରା।



ଖଣ୍ଡଗିରି ଧର୍ମ ବିହାର



ନହରକଣ୍ଟା ଶ୍ରୀ ଜଗନ୍ନାଥ ମନ୍ଦିର ପକ୍ଷରୁ ଅନୁଷ୍ଠିତ ରଥଯାତ୍ରାରେ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣୁଛନ୍ତି।



ରସୁଲଗଡ଼ ଗ୍ରାମ ଜଗନ୍ନାଥ ମନ୍ଦିର ପୂଜା କମିଟି।



ପଟିଆ

## ଏକାମ୍ର ମେଗା ପ୍ରକଳ୍ପକୁ ବିରୋଧ

ପୁରୁଣା ଭୁବନେଶ୍ୱର,୨୦।୬
(ସୁବାସ ଚନ୍ଦ୍ର ପ୍ରଧାନ)

ନିକଟରେ ରାଜ୍ୟ ସରକାର ଏକାମ୍ର ମେଗା ପ୍ରକଳ୍ପ ପାଇଁ ପୁନଃ ଭୂମି ପୂଜନ ଏବଂ ହୋମ ଯଜ୍ଞ ଆଦି ପାଇଁ ତାରିଖ ନିର୍ଦ୍ଧାରଣ କରିଛନ୍ତି। ଏହାକୁ ଏକାମ୍ର ବିକାଶ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ମଞ୍ଚ ସଭାପତି ରଶ୍ମି ମହାପାତ୍ରଙ୍କ ନେତୃତ୍ୱରେ ଗତ ସୋମବାର ଏକ ପ୍ରତିନିଧିଦଳ ଭୁବନେଶ୍ୱର ଉପଜିଲାପାଳଙ୍କ ନିକଟରେ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ଆଇନ ଏପର୍ଯ୍ୟନ୍ତ ଲାଗୁ ହୋଇପାରିଲା ନାହିଁ। ଲିଙ୍ଗରାଜ ମହାପ୍ରଭୁଙ୍କ ଜମି ବଦଳରେ ଠାକୁରଙ୍କ ଖାତାକୁ କ୍ଷତିପୂରଣ ମିଳିପାରୁନାହିଁ। ଏହି ସମସ୍ୟା ସମାଧାନ ହୋଇ ନ ଥିବା ବେଳେ ସରକାର ଦ୍ୱିତୀୟଥର ଏହି ୯୦୦କୋଟି ଟଙ୍କାର ମେଗା ପ୍ରକଳ୍ପକୁ କିଭଳି ପୁନଃ ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏହି ପ୍ରକଳ୍ପ ପାଇଁ ପୂର୍ବରୁ ଶତାଧିକ ଜମି ଅଧିଗ୍ରହଣରେ ସାମିଲ ହୋଇଥିବାବେଳେ ଅଦ୍ୟାବଧି ଏହାର ପ୍ରକ୍ରିୟା ଶେଷ ହୋଇନାହିଁ। ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ମଧ୍ୟ ଥଇଥାନ କରାଯାଇନାହିଁ ବୋଲି ମଞ୍ଚ ସଭାପତି ମହାପାତ୍ର କହିଛନ୍ତି। ପ୍ରତିନିଧି ଦଳରେ ସରୋଜ ମିଶ୍ର, ଗୋପାଳ ମକଦମ, କ୍ଷୀରୋଧ ବେହେରା, ମନୋଜ ରଥ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ଆଜି ହେବ ବିଏମ୍‌ସି ଷ୍ଟାଣ୍ଡିଂ କମିଟି ନିର୍ବାଚନ

ଭୁବନେଶ୍ୱର, ୨୦।୬ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଷ୍ଟାଣ୍ଡିଂ କମିଟି ନିର୍ବାଚନ ବୁଧବାର ଅନୁଷ୍ଠିତ ହେବ। ପୂର୍ବରୁ ବାରମ୍ବାର ତାରିଖ ଘୋଷଣା ହେଉଥିଲେ ବି ନିର୍ବାଚନ ହୋଇ ପାରି ନ ଥିଲା। ତେବେ ବୁଧବାର କମିଟି ନିର୍ବାଚନ ହେବା ନେଇ ସ୍ପଷ୍ଟ ହୋଇଥିବାବେଳେ ଏହାକୁ ନେଇ ବିବାଦ ଥମିବାର ନାଁ ଧରୁନି। ବିଏମ୍‌ସିରେ ମୋଟ୍ ୧୦ଟି ଷ୍ଟାଣ୍ଡିଂ କମିଟି ଥିବାବେଳେ ଗୋଟିଏ କମିଟିର ଅଧ୍ୟକ୍ଷ ମେୟର ନିଜେ ରହିଛନ୍ତି। ତାଙ୍କୁ ଛାଡି ଆଉ ୯ଟି କମିଟିର ନିର୍ବାଚନ ବୁଧବାର କରାଯିବ।

**ଏଷ୍ଟାବ୍ଲିଶ୍‌ମେଣ୍ଟ କମିଟି ନିର୍ବାଚନ ହେବା ନେଇ ଆଶଙ୍କା**

ମାତ୍ର ଏଷ୍ଟାବ୍ଲିଶ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ନିର୍ବାଚନ ହେବ କି ନାହିଁ ତାକୁ ନେଇ ସନ୍ଦେହ ଉପୁଜିଛି। ନିର୍ବାଚନରେ ଅଧ୍ୟକ୍ଷ ପଦ ପାଇଁ କମିଟିର ପୂର୍ବତନ ଅଧ୍ୟକ୍ଷ କୁମାରେନ୍ଦ୍ର ମହାପାତ୍ର କିମ୍ବା କୌଣସି ସଦସ୍ୟ ନାମାଙ୍କନ ଭରିବେ ନାହିଁ ବୋଲି ସୂଚନା ଦେଇଛନ୍ତି। କମିଟିର ଅଧ୍ୟକ୍ଷ ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଲାଗି ରହିଥିବା ଅଡୁଆ ତୁଟୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଷ୍ଟାଣ୍ଡିଂ କମିଟିର କାର୍ଯ୍ୟକାଳ ସରିବା ପରେ ପ୍ରାୟ ୨ଥର ନିର୍ବାଚନ କରାଯିବା ନେଇ ବିଏମ୍‌ସି ବିଜ୍ଞପ୍ତି ଜାରି କରିଥିଲା। ମେ ୨୫ରେ ନିର୍ବାଚନ କରାଯିବ ବୋଲି ପ୍ରଥମେ ଘୋଷଣା କରାଯାଇଥିଲା। ପରେ ନିର୍ବାଚନ ଲାଗି ସମସ୍ତ ସଦସ୍ୟ ଉପସ୍ଥିତ ନ ଥିବା ଦର୍ଶାଇ ୩୦ ତାରିଖ ଦିନ ନିର୍ବାଚନ କରାଯିବ ବୋଲି ଘୋଷଣା କରାଯାଇଥିଲା। ପୁଣି ଉପରୋକ୍ତ ତାରିଖରେ ସ୍ଥାନୀୟ ବିଧାୟକ ଉପସ୍ଥିତ ନ ଥିବା ଦର୍ଶାଇ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା। ଫଳରେ ବିଏମ୍‌ସି ଇତିହାସରେ ପ୍ରଥମଥର ପାଇଁ ଗତ ମାସର କର୍ପୋରେଶନ ବିନା ଷ୍ଟାଣ୍ଡିଂ କମିଟି ବୈଠକରେ ହୋଇଥିଲା।

## ସୁନାଦେଇ ମନ୍ଦିରରୁ ଚୋରି

ଭୁବନେଶ୍ୱର, ୨୦।୬(ସତ୍ୟଜିତ୍ ରାଉତ)

ଶହୀଦନଗର ଥାନା ଅନ୍ତର୍ଗତ ନିକୋ ପାର୍କ ନିକଟ ତିନି ମୁଣ୍ଡିଆ ଛକ ନିକଟରେ ଥିବା ସୁନାଦେଇ ମନ୍ଦିରରୁ ଚୋରି ହୋଇଛି। ମନ୍ଦିର ତାଲା କାଟି ଦୁର୍ବୃତ୍ତ ମା'ଙ୍କ ରୁପା ମୁକୁଟ, ଆଖି ପତା, ନାକ, ୨୭ଟି ଚିତା ଓ ପୂଜା ସାମଗ୍ରୀ ଆଦି ନେଇଯାଇଛନ୍ତି। ଏସବୁର ମୂଲ୍ୟ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ମନ୍ଦିର କମିଟି ପକ୍ଷରୁ ମଙ୍ଗଳବାର ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା (ନଂ.୨୩୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ପୂଜକ ମହେନ୍ଦ୍ର କୁମାର ଦାସ ମନ୍ଦିରକୁ ଯାଇଥିଲେ। ଗେଟ୍ ଖୋଲିବା ପରେ ମନ୍ଦିରର ତାଲା କଟା ଯାଇଥିବା ଜାଣିବାକୁ ପାଇଥିଲେ। ପରେ ମନ୍ଦିର ଭିତରୁ ଚୋରି ହୋଇଥିବା ଦେଖି କମିଟି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଆଖପାଖର ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି। ତେବେ ବିଳମ୍ବିତ ରାତିରେ ଏହି ଚୋରି ହୋଇଥିବା ପୋଲିସ ସନ୍ଦେହ କରୁଛି।

## ଯୁବକଙ୍କ ଆତ୍ମହତ୍ୟା

ଜଟଣୀ,୨୦।୬(ରବୀନ୍ଦ୍ର ନାଥ ମହାକୁଡ଼): ଜଟଣୀ ଥାନା ଅଧୀନ ଶ୍ରୀରାମ ନଗର ଅଞ୍ଚଳରେ ମଙ୍ଗଳବାର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ପ୍ରବିନ କୁମାର ପାତ୍ର(୧୯)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଘରେ କେହି ନ ଥିବା ବେଳେ ପ୍ରବିନ ବେକରେ ଦୌଡ଼ି ଲଗାଇ ଝୁଲି ପଡ଼ିଥିଲେ। ପରେ ପରିବାରଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୦/୨୩)ରୁଜୁକରି ଅଧିକ ତଦନ୍ତ ଚଳାଇଛି।



ଜଟଣୀ କୁଦିଆରିସ୍ଥିତ ପତିତପାବନଦେବ ବିଗ୍ରହଙ୍କୁ ପହଣ୍ଡିରେ ନିଆଯାଉଛି।



ବାଣପୁରରେ ଆୟୋଜିତ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଜଟଣୀ ବ୍ଲକ କଣ୍ଟିଆ ଗ୍ରାମରେ ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।

# ଭକ୍ତିରେ ବିହ୍ୱଳ ଶ୍ରଦ୍ଧାଳୁ

ଖୋର୍ଦ୍ଧା,୨୦।୬ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜାଗୁଲିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ)ଙ୍କ ଘୋଷ ଯାତ୍ରାରେ ମଙ୍ଗଳବାର ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀଅନନ୍ତ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ), ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଗୋଟିଏ ରଥରେ ରଥାରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଦେବଦୁର୍ଲଭ ଦେବ ଦର୍ଶନ ଲାଗି ଜାଗୁଲିପାଟଣା ଲୋକାରଣ୍ୟ ହୋଇପଡ଼ିଥିଲା। ଘଣ୍ଟ, କାହାଳୀ, ମୃଦଙ୍ଗ, ହୁଳହୁଳି, ଜୟ ଜୟକାରରେ କମ୍ପିଥିଲା ପରିବେଶ। ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ସନ୍ଧ୍ୟା ୬ଟା ସୁଦ୍ଧା ଠାକୁର ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ।

ଭୋର ୪ଟାରେ ଦ୍ୱାରଫିଟା, ୫ଟାରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇ ଠାକୁରମାନଙ୍କ ବେଶଲାଗି ହୋଇଥିଲା। ସକାଳ ୯ଟାରେ ବୈଦିକ ରୀତିରେ ରଥ ପ୍ରତିଷ୍ଠା ହୋଇଥିଲା। ଅପରାହ୍ନ ସାଢେ ୧ଟାରେ ମହାପ୍ରଭୁଙ୍କ ଆଜ୍ଞାମାଳ ରଥରେ ବିଜେ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ୨ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ଧାଡି ପହଣ୍ଡିରେ ଶ୍ରୀସୁଦର୍ଶନ ଆସି ରଥରେ ବିଜେ କରିଥିଲେ। ପରେ ବଡ଼ଠାକୁର, ଦେବୀ ସୁଭଦ୍ରା ରଥାରୂଢ଼ ହେବା ପରେ କାଳିଆ ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଭକ୍ତଙ୍କ ଗହଣରେ ଝୁଲି ଝୁଲି ଅଟ୍ଟିଆ ଠାକୁର ରଥରେ ବିଜେ କରିଥିଲେ। ରଥରେ ଠାକୁରଙ୍କୁ ରୁନ୍ଧାଯାଇ ନୀତି ବଢିଥିଲା। ଅପରାହ୍ନ ସାଢେ ୩ଟାରେ ଛେରାପହଁରା ନୀତି ଲାଗି ମନ୍ଦିର କମିଟି ପକ୍ଷରୁ ପୂର୍ବତନ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପାଟ୍ଟଶାଣୀ ମହାରାଜ ବେଶରେ ପହଞ୍ଚି ଛେରାପହଁରା ନୀତି ସହ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ସାରଥି ଏବଂ ଘୋଡ଼ା ଯୋଚାଯାଇ ଚାରମାଳ ଫିଟାଯାଇଥିଲା। ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବହୁ ଭକ୍ତ ରଥରେ ଚଢ଼ି ମହାପ୍ରଭୁଙ୍କ ସାନିଧ୍ୟ ଲାଭ କରିଥିଲେ। ରଥଯାତ୍ରାରେ ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲା ପୋଲିସ ପକ୍ଷରୁ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏକାଧିକ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ରଥ ପରିଚାଳନା କରିଥିଲେ। ଗ୍ରାମ୍ୟ କମିଟି ପକ୍ଷରୁ ଏକାଧିକ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ। ଜିଲା ସ୍କାଉଟ ଆଣ୍ଡ ଗାଇଡ୍‌ସ ପକ୍ଷରୁ ଏକାଧିକ ଛାତ୍ରୀଛାତ୍ର ରଥ ଚାରିପଟକୁ କର୍ଡନ ସହ ସେବା ଯୋଗାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନାକେନ୍ଦ୍ର କରାଯାଇଥିଲା। ରଥଯାତ୍ରାରେ ବିଭିନ୍ନ ଦୋକାନ ବଜାର ପସରା ମେଳିଥିଲା।



ଦେବୀ ସୁଭଦ୍ରାଙ୍କୁ ପହଣ୍ଡିରେ ନିଆଯାଉଛି।

## ତୃତୀୟାଦେବଙ୍କ ରଥଯାତ୍ରା

ବୋଲଗଡ଼,୨୦।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଞ୍ଚଳର ତୃତୀୟାଦେବ (ଜଗନ୍ନାଥ)ଙ୍କ ମନ୍ଦିର ସମ୍ମୁଖ ରଥଖଳାରୁ ଗୋଟିଏ ରଥରେ ତିନିଠାକୁର ବିଜେ କରି ଶ୍ରଦ୍ଧାଳୁଙ୍କ ଗହଣରେ ଶୋଭାଯାତ୍ରାରେ ଯାଇ ବସ୍‌ଷ୍ଟାଣ୍ଡ ବଜାରସ୍ଥିତ ଗୁଣ୍ଡିଚା ଘର (ନନ୍ଦିଘୋଷ ଭବନ) ନିକଟରେ ପହଞ୍ଚିଥିଲେ। ସମସ୍ତ ନୀତିକାନ୍ତି ସମ୍ପନ୍ନ ହେବା ପରେ ପୂର୍ବାହ୍ନ ୧୦ଟାରେ ଠାକୁରମାନଙ୍କୁ ଗୋଟିପହଣ୍ଡିରେ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ୪ଟାରେ ରଣପୁର ଚୈତନ୍ୟ ଦେବ ମଠର ମହନ୍ତ ପର୍ଶୁରାମ ଦାସ ମହାରାଜ ଛେରାପହଁରା କରିବା ପରେ ଶ୍ରଦ୍ଧାଳୁମାନେ ରଥ ଟାଣିବା ଆରମ୍ଭ କରିଥିଲେ। ରଥର ସାରଥି ଭାବେ ଡାହୁକ ଈଶ୍ୱର ଚନ୍ଦ୍ର ମହାପାତ୍ର ବିଭିନ୍ନ ବୋଲି ମାଧ୍ୟମରେ ଶ୍ରଦ୍ଧାଳୁଙ୍କୁ ରଥ ଆଗକୁ ଟାଣିନେବା ପାଇଁ ପ୍ରୋତ୍ସାହିତ କରିଥିଲେ। ପୂଜାପଣ୍ଡା ସୂର୍ଯ୍ୟମଣି ପରମଗୁରୁ, ବୈକୁଣ୍ଠ ମହାପାତ୍ର, ନୀହାର ରଞ୍ଜନ ପରମଗୁରୁ ପ୍ରମୁଖ ସମସ୍ତ ନୀତି ନିର୍ବାହ କରିଥିଲେ। ମାର୍ଫତଦାର କାନ୍ତିଲାଲ ମହାପାତ୍ର ସହଯୋଗ କରିଥିଲେ। ରଥଯାତ୍ରା ପରିଚାଳନା କମିଟିର ସଭାପତି କୃଷ୍ଣମୋହନ ପାଲଟାସିଂହ, ସମ୍ପାଦକ ରବୀନ୍ଦ୍ର ପରିଡ଼ାଙ୍କ ସମେତ ସଦସ୍ୟମାନେ କାର୍ଯ୍ୟ ତଦାରଖ କରିଥିଲେ। ପଞ୍ଚାୟତ ପକ୍ଷରୁ ପିଇବା ପାଣି ଓ ଆଶୀର୍ବାଦ ଫାଉଣ୍ଡେଶନ ପକ୍ଷରୁ ଦହିପଣା ବଣ୍ଟନ କରାଯାଇଥିଲା। ବିଦ୍ୟୁତ୍ ଓ ଅଗ୍ନିଶମ ବିଭାଗ, ବ୍ଲକ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା।



ତୃତୀୟଦେବଙ୍କ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଲବଣଗିରି ଚତୁର୍ଦ୍ଧାମୂର୍ତ୍ତି ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।

## ଗୁଣ୍ଡିଚା ମନ୍ଦିରରେ ପତିତପାବନ ଦେବ

ନିରାକାରପୁର,୨୦।୬(ମାନସ ଚନ୍ଦ୍ର ପଟ୍ଟନାୟକ): ଓଳସିଂହର ବିଜେ ଶ୍ରୀପତିତପାବନ ଦେବଙ୍କ ଷଷ୍ଠ ଘୋଷଯାତ୍ରା ଅବସରରେ ମଙ୍ଗଳବାର ଅପରାହ୍ନ ୧ଟାରେ ରୀତିନୀତି ଅନୁଯାୟୀ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀଙ୍କ ଦ୍ୱାରା ରଥ ପ୍ରତିଷ୍ଠା କରାଯାଇଥିଲା। ୨ଟାରେ ଶ୍ରୀଜୀଉଙ୍କ ପହଣ୍ଡି କରାଯାଇଥିଲା। ଭକ୍ତଙ୍କ ଗହଣରେ ଗ୍ରାମର ଦେବରାଜ ବରିଶଲ ଛେରାପହଁରା କରିଥିଲେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ପତିତପାବନଙ୍କ ରଥକୁ ଭକ୍ତମାନେ ଟାଣିବା ସହ ଗ୍ରାମ ପରିକ୍ରମା କରି ସନ୍ଧ୍ୟା ୬ଟାରେ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ଜନ୍ମେଶ୍ୱର ବୈରିଗଞ୍ଜନଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ରିତମ୍ଭର କରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ମନ୍ଦିର କମିଟି ପକ୍ଷରୁ ପତିତପାବନ ଦେବଙ୍କ ରଥଯାତ୍ରା ଉଦ୍ଦେଶ୍ୟରେ ଧାରା ବିବରଣୀ ପ୍ରଦାନ କରାଯାଇଥିଲା।



ପତିତପାବନ ରଥକୁ ଶ୍ରଦ୍ଧାଳୁମାନେ ଟାଣି ଟାଣି ନେଉଛନ୍ତି।

## ଗଡ଼ଖୋର୍ଦ୍ଧାରେ ଗଡ଼ିଲା ରଥ

ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଖୋର୍ଦ୍ଧାଗଡ଼ରେ ଚଳିତବର୍ଷ ରଥଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ତିନିଠାକୁର ରଥାରୂଢ଼ ହୋଇ ରତ୍ନବେଦୀ ଛାଡି ଗଡ଼ଠାରେ ଅସ୍ଥାୟୀ ଭାବେ ଆୟୋଜିତ ଗୁଣ୍ଡିଚା ମଣ୍ଡପରେ ଠାକୁରମାନେ ବିଜେ କରିଥିଲେ। କୁନିକୁନି ପିଲାଙ୍କଠାରୁ ଆବାଳବୃଦ୍ଧବନିତା ଶ୍ରଦ୍ଧା ପୂର୍ବକ ମହାପ୍ରଭୁଙ୍କୁ ରଥକୁ ଟାଣି ନେଉଥିଲେ। ସମସ୍ତଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ରହିଥିଲା। ମଙ୍ଗଳବାର ମନ୍ଦିରରେ ସମସ୍ତ ଦେବନୀତି ସରିବା ପରେ ପୂର୍ବାହ୍ନ ୧୧ଟାରେ ରଥ ପ୍ରତିଷ୍ଠା ହୋଇ ଅପରାହ୍ନ ୩ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀଜୀଉମାନେ ଗୋଟିଏ ରଥରେ ବିଜେ କରିଥିଲେ। ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ ଛେରାପହଁରା କରିଥିଲେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ଦୀର୍ଘ ୨କିମି ବ୍ୟାପ୍ତ ଗଡ଼ ନିକଟରେ ସନ୍ଧ୍ୟା ୬ଟା ସୁଦ୍ଧା ରଥ ପହଞ୍ଚିଥିଲା। ନବଦିନ ବ୍ୟାପୀ ଠାକୁରମାନଙ୍କ ସମସ୍ତ ନୀତିକାନ୍ତି ସହ ଦୈନିକ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କମିଟି ଉପସଭାପତି ଅଜିତ୍ ପଟ୍ଟନାୟକ କହିଛନ୍ତି।

## ଚରଣ ଚକାଦେବ, ରଙ୍ଗନାଥ ଦେବଙ୍କ ଘୋଷଯାତ୍ରା

ବାଣପୁର(ଶଙ୍କର ବସ୍ତି)/ ଗମ୍ଭାରୀମୁଣ୍ଡା, ୨୦।୬ (ଦିଲୀପ ସ୍ୱାଇଁ): ବାଣପୁରର ଆରାଧ ଦେବ ରଙ୍ଗନାଥ ଦେବ ଓ ବଢହନ୍ତୁଆଡ଼ର ଚରଣ ଚକାଦେବଙ୍କ ପୀଠରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଙ୍ଗନାଥଙ୍କ ପୀଠରେ ସକାଳ ଧୂପ ଓ ଭୋଗ ଲାଗି ପରେ ତିନି ଠାକୁରଙ୍କୁ ପହଣ୍ଡି କରାଯାଇଥିଲା। ରଥରେ ପାରିକୁଦ ରାଜା ସନ୍ତୋଷ ଚନ୍ଦ୍ର ଦେଓଙ୍କ ଦ୍ୱାରା ଛେରାପହଁରା ପରେ ଅପରାହ୍ନ ୪ଟାରେ ତିନି ରଥ ମାଉସୀମା' ଘର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଅନୁରୂପଭାବେ ଚକାଦେବଙ୍କ ରଥରେ ଭାଟପଡା ରାଜା ମାନବେନ୍ଦ୍ର ମହାରଥା ଛେରାପହଁରା କରିଥିଲେ। ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଚିଲିକା ଜଳରାଶିରେ ଘୋଷଯାତ୍ରା

ବାଲୁଗାଁ,୨୦।୬ (ସଂଗ୍ରାମ ପାଇକରାୟ)

### ଦୁଇଟି ଡଙ୍ଗାରେ ଚତୁର୍ଦ୍ଧା ବିଗ୍ରହ

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ନଈରୀ ଗ୍ରାମ ନିକଟ ଚିଲିକା ହ୍ରଦ ମଧ୍ୟରେ ଥିବା କାଙ୍କଣ ଶିଖରୀସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କ ରଥଯାତ୍ରା ଚିଲିକା ଜଳରାଶିରେ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ଡଙ୍ଗାରେ ଚତୁର୍ଦ୍ଧା ବିଗ୍ରହଙ୍କ ରଥଯାତ୍ରା ହୋଇଥିଲା। ପରମ୍ପରା ଅନୁଯାୟୀ ପୂର୍ବାହ୍ନରେ ତିନି ଠାକୁରଙ୍କୁ ଚିଲିକା ହ୍ରଦରେ ସ୍ୱତନ୍ତ୍ରଭାବେ ଡଙ୍ଗାରେ ପ୍ରସ୍ତୁତ ହୋଇଥିବା ରଥରେ ବିରାଜମାନ କରାଯାଇଥିଲା । ଏହା ପରେ କାଙ୍କଣ ଶିଖରୀ ଜଗନ୍ନାଥ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ହାଡୁବନ୍ଧୁ ପଟ୍ଟନାୟକଙ୍କ ଦ୍ୱାରା ଉକ୍ତ ରଥରେ ଛେରାପହଁରା କରାଯାଇଥିଲା। ପରେ ଚିଲିକା ହ୍ରଦର ନୀଳ ଜଳରାଶିରେ ଠାକୁରମାନଙ୍କୁ ପରିକ୍ରମା କରାଯାଇ ନୀତିକାନ୍ତି ଅନୁଯାୟୀ ରଥଯାତ୍ରା କାର୍ଯ୍ୟ ସମାପନ ହୋଇଥିଲା। ଘଣ୍ଟ, କାହାଳୀ, ମୃଦଙ୍ଗ, ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇଉଠିଥିଲା। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ୧୭୩୧ ମସିହାରେ ମୋଗଲ ସାମ୍ରାଜ୍ୟର ରାଜୁତି କାଳରେ ପୁରୀସ୍ଥିତ ଶ୍ରୀମନ୍ଦିର ଉପରେ ତକି ଖାଁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ମହାପ୍ରଭୁଙ୍କୁ ଦେଉଳରୁ ନେଇ ଚିଲିକା ହ୍ରଦ ମଧ୍ୟରେ ଥିବା ଏହି କାଙ୍କଣ ଶିଖରୀରେ ଲୁକ୍‌କାୟିତ ଭାବେ ରଖାଯାଇଥିଲା। ଉକ୍ତ ସମୟରେ ସେଠାରେ ଫଳୁଥିବା କାଙ୍କଡ଼ ମହାପ୍ରଭୁଙ୍କୁ ଭୋଗ ଲାଗି କରାଯାଉଥିଲା। ସେହି ଦିନଠାରୁ ଏହି ସ୍ଥଳକୁ କାଙ୍କଣ ଶିଖରୀ ଭାବେ ନାମିତ କରାଯାଇଛି।

## ଭକ୍ତ ଟାଣିଲେ ରଥ

ଟାଙ୍ଗୀ,୨୦।୬(ରଘୁନାଥ ସାହୁ)

ଟାଙ୍ଗୀ, ଭୂଷଣ୍ଡପୁର ଓ କୁହୁଡି ଅଞ୍ଚଳରେ ମଙ୍ଗଳବାର ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ରଥଯାତ୍ରାରେ ରଥ ପ୍ରତିଷ୍ଠା ପରେ ତିନି ଠାକୁରଙ୍କ ସମେତ ପ୍ରଭୁ ସୁଦର୍ଶନଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭାରତ ଭୂଷଣ ଜଗଦେବ ମଧୁମଙ୍ଗଳ ପଡିଆଠାରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ପହଞ୍ଚି ପାରମ୍ପରିକ ରୀତିନୀତି ଅନୁଯାୟୀ ଛେରାପହଁରା କରିଥିଲେ। ପରେ ରଥ ଟଣା ହୋଇଥିଲା। ଅନୁରୂପଭାବେ ନୀଳାମ୍ବୁ ପାଦଦେଶରେ ଅବସ୍ଥିତ ଦାରୁବ୍ରହ୍ମ କମିଟି ଭୂଷଣ୍ଡପୁର ପଞ୍ଚାୟତ ଓ ବାଲିପାଟପୁର ପଞ୍ଚାୟତ ମିଳିତ ସହାୟତାରେ ଦାରୁବ୍ରହ୍ମ କମିଟି ରଥଯାତ୍ରା ଦ୍ୱାରା ଚଳିତବର୍ଷ ୯ମ ବାର୍ଷିକ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ପିଲାଙ୍କ କାନ୍‌ଭାସରେ ମହାପ୍ରଭୁଙ୍କ ରଥଯାତ୍ରା

ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)

ରଥାରୂଢ଼ ଶ୍ରୀବିଗ୍ରହଙ୍କ ଦର୍ଶନ ଲାଗି ମଙ୍ଗଳବାର ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସିଗ୍‌ମା ପବ୍ଲିକ୍ ସ୍କୁଲର କୁନି ଛାତ୍ରୀଛାତ୍ର ରଙ୍ଗତୂଳୀରେ ମହାପ୍ରଭୁଙ୍କ ରଥଯାତ୍ରା, ବିଭିନ୍ନ ବେଶ, ମହାପ୍ରଭୁଙ୍କ ଚିତ୍ରାଙ୍କନ କରି ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ପିଲାଙ୍କ ହାତର ସ୍ପର୍ଶରେ ଜୀବନ୍ତ ହୋଇ ଉଠିଛି ଘୋଷଯାତ୍ରାର ଦୃଶ୍ୟପଟ। କିଏ ତିନି ରଥରେ ଠାକୁରଙ୍କୁ ବସାଇ ରଥ ଟାଣିବା ଦୃଶ୍ୟ ଆଙ୍କିଛି ତ' ଆଉ କିଏ ତିନି ରଥରେ ଠାକୁରଙ୍କୁ ବସାଇ ସୁନ୍ଦର ଛବି ଆଙ୍କି ଜଗନ୍ନାଥଙ୍କ ଆଶିଷ ଭିକ୍ଷା କରୁଛନ୍ତି। ପିଲାମାନଙ୍କ ଛବିକୁ 'ମୋ ହାତରେ ଆଙ୍କିଛି ଜଗନ୍ନାଥ ଶୀର୍ଷକ ଆର୍ଟ ଗ୍ୟାଲେରି'ରେ ସ୍ଥାନ ଦିଆଯାଇ ବାହୁଡ଼ା ପର୍ଯ୍ୟନ୍ତ ପ୍ରଦର୍ଶନ କରାଯିବ। ଛାତ୍ରୀଛାତ୍ରଙ୍କ ଏଭଳି ପ୍ରୟାସକୁ ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଦିଗ୍‌ଦର୍ଶନ ଦେଇ ଉତ୍ସାହିତ କରିଛନ୍ତି। ପିଲାମାନଙ୍କ ଏହି ଛବିକୁ ସୋସିଆଲ ମିଡିଆରେ ପ୍ରଦର୍ଶନ ପାଇଁ ସ୍କୁଲ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସମସ୍ତ ଚିତ୍ର ସ୍କୁଲରେ ଆର୍ଟ ଗ୍ୟାଲେରିରେ ପ୍ରଦର୍ଶିତ କରାଯାଇଛି।



## ୪୫ହଜାର ଟଙ୍କା ନେଇଗଲେ ଦୁର୍ବୃତ୍ତ

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ନିକଟ ଏକ ଦୋକାନ ପାଖରେ ଜଣେ ସାଇକେଲରେ ୪୫ହଜାର ଟଙ୍କା ଥିବା ବ୍ୟାଗ ରଖିଥିବାବେଳେ ୨ଜଣ ଦୁର୍ବୃତ୍ତ ଆସି ଟଙ୍କା ଭର୍ତ୍ତି ବ୍ୟାଗକୁ ଚୋରି କରି ନେଇଯାଇଥିଲେ। ଏ ନେଇ କଣାସ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ରବି ପ୍ରଧାନ ସୋମବାର ସ୍ଥାନୀୟ ଷ୍ଟେଟ ବ୍ୟାଙ୍କରୁ ୪୫ହଜାର ଟଙ୍କା ଉଠାଇଥିଲେ। ପରେ ଟଙ୍କା ଭର୍ତ୍ତି ବ୍ୟାଗକୁ ସାଇକେଲରେ ରଖି ବ୍ୟାଙ୍କ ନିକଟସ୍ଥ ଏକ ପାନ ଦୋକାନକୁ ଯାଇଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଦୁଇଜଣ ଯୁବକ ହଠାତ୍ ଏକ ବାଇକ୍‌ରେ ଆସି ଟଙ୍କା ବ୍ୟାଗଟିକୁ ଚୋରି କରି ନେଇ ଦ୍ରୁତଗତିରେ ପଳାଇଯାଇଥିଲେ। ଏ ନେଇ ରବି ଥାନାର ଦ୍ୱାରସ୍ଥ ହୋଇଥିଲେ।




୨୦।୬।୨୦୨୩

| ୧,୧୬,୪୮୨ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ନୀତିକାନ୍ତି ମଧ୍ୟରେ ରଥଯାତ୍ରା ସମ୍ପନ୍ନ

ଡେଲାଙ୍ଗ,୨୦।୬(ରଶ୍ମିରଞ୍ଜନ ପ୍ରଧାନ)- ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଟୋଲାପଡ଼ା ଗ୍ରାମରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ମଙ୍ଗଳବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅପରାହ୍ନ ୪ଟା ୩୦ ସମୟରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହେଉଥିବାବେଳେ ସନ୍ତୋଷ ପୃଷ୍ଟି ଛେରାପହଁରା କରିଥିଲେ। ପୂଜକ ରାମକୃଷ୍ଣ ଦାଶ ଓ ସହଯୋଗୀ ଗଗନା ମହାପାତ୍ର ଠାକୁରଙ୍କ ନୀତିକାନ୍ତି ଓ ପୂଜାର୍ଚ୍ଚନା କରିଥିଲେ। ଭକ୍ତ ୧ କି.ମି. ପର୍ଯ୍ୟନ୍ତ ରଥ ଟାଣି ପୋଖଲ ଗୁଣ୍ଡିଚା ବାଡିରେ ପହଞ୍ଚାଇଥିଲେ। ସୁବାସ ଚନ୍ଦ୍ର ପୃଷ୍ଟି, ଦିପୁନା ସାହୁ, ମଙ୍ଗନ ନାୟକ ଥିଲେ। କଲ୍ୟାଣପୁର ଗ୍ରାମରେ ପଠାଣି ପ୍ରଧାନ ଛେରାପହଁରା କରିଥିବାବେଳେ ବାବାଜି ଦାସ ପୂଜାର୍ଚ୍ଚନା କରିଥିଲେ। ଗୋଟିଏ ରଥରେ ଚତୁର୍ଦ୍ଧା ମୂର୍ତ୍ତି ବିରାଜମାନ କରି କଲ୍ୟାଣପୁର ଗାଦିବ୍ରହ୍ମ ପୀଠରୁ ବଜାରସ୍ଥିତ ଗୁଣ୍ଡିଚା ବାଡ଼ିରେ ପହଞ୍ଚିଥିଲେ। ମନ୍ଦିର କମିଟି ସଦସ୍ୟ ବାସୁଦେବ ମିଶ୍ର ଛେରାପହଁରା କରିଥିଲେ। ମନ୍ଦିର ପୂଜକ ବିଜୟ ମିଶ୍ର ନୀତିକାନ୍ତି ଓ ପୂଜାର୍ଚ୍ଚନା କରିଥିବାବେଳେ ବିରେନ ମିଶ୍ର, ମଦନ ମିଶ୍ର, ବିକ୍ରମ କେଶରୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### ଶୃଙ୍ଖଳାର ସହ ଘୋଷଯାତ୍ରା

କଣାସ,୨୦।୬(ବିଭୂତି ଭୂଷଣ ତ୍ରିପାଠୀ)- କଣାସର ଦୋକନ୍ଦା ଗ୍ରାମର ଜଗନ୍ନାଥ ମନ୍ଦିରରୁ ରଥରେ ଚତୁର୍ଦ୍ଧାବିଗ୍ରହଙ୍କୁ ପହଣ୍ଡି କରାଯାଇ ରଥରେ ବସାଯିବାପରେ ଦଳବେହେରା ନିରଞ୍ଜନ ପଶ୍ଚିମକବାଟ ରୀତିନୀତି ଅନୁଯାୟୀ ଛେରାପହଁରା କରିବାପରେ ଶୃଙ୍ଖଳାର ସହ ରଥଟଣା ହୋଇଥିଲା। ଗୋଲାବଜାର, କଣାସ ବସ୍‌ଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, ବାଲିଘାଇ



ଛକ, ବିଭିନ୍ନ ବଜାର, ସାହି ଦେଇ ସିରେଇ ଗ୍ରାମ ଅତିକ୍ରମକରି ଜଙ୍ଘାରରେ ପ୍ରତିଷ୍ଠିତ ଗୁଣ୍ଡିଚାମନ୍ଦିରେ ସନ୍ଧ୍ୟା ପୂର୍ବରୁ ପହଞ୍ଚିଯାଇଥିଲେ। ଏପରିକି ଗାଁ ଗହଳିରେ ଛୋଟ ପିଲାମାନେ କାଗଜରେ ରଥ ନିର୍ମାଣ କରି ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ର ରଖି ଘଣ୍ଟବଜାଇ ରଥ ଟାଣୁଥିବା ଦେଖାଯାଇଥିଲା।

### ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର ପରେ ପରିବାରକୁ ହସ୍ତାନ୍ତର କଲା ପୋଲିସ

ଗୋପ,୨୦।୬(ଭାରତୀ ଭୂଷଣ ଉପାଧ୍ୟାୟ)- ଦୀର୍ଘଦିନ ଧରି ନିଖୋଜ ଥିବା ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନାରୁଆ ଗ୍ରାମର ରଞ୍ଜିତ୍ ସ୍ୱାଇଁ (୪୪)ଙ୍କୁ ଗୋପ ପୋଲିସ ମଙ୍ଗଳବାର ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ହଜିଥିବା ବାପାଙ୍କୁ ଦୀର୍ଘ ଦିନ ପରେ ପାଇ ପୁଅ ଅତ୍ୟନ୍ତ ଖୁସି ହୋଇଥିବାବେଳେ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକ ଗୋପ ପୋଲିସକୁ ବେଶ୍ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ରଞ୍ଜିତ୍ କୌଣସି କାରଣରୁ ନିଖୋଜ ହୋଇଯାଇଥିଲେ। ପରିବାର ସଦସ୍ୟ ବିଭିନ୍ନ ସ୍ଥାନ ସହ ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି କରିଥିଲେ ମଧ ନ ପାଇବାରୁ ଶେଷରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ମଙ୍ଗଳବାର ଏକ ଅଜଣା ବ୍ୟକ୍ତି ବୁଲୁଥିବା ଖବରପାଇ ଗୋପ ଥାନା ଏସ୍‌ଆଇ ଲାଇକା ମହାରଣା ସଙ୍ଗେସଙ୍ଗେ ଥାନା ଏଏସ୍‌ଆଇ ଭାସ୍କର ମାଣିଆ, ଜହୁର୍ ଖାଁଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ବ୍ୟକ୍ତିଙ୍କୁ ଥାନାକୁ ଆଣିଥିଲେ। ତାଙ୍କୁ ପଚରାଉଚରା ପରେ ତାଙ୍କ ପରିଚୟ ମିଳିପାରିଥିଲା।

# ମନ ଛୁଇଁଲା ୧୫ରୁ ଊର୍ଦ୍ଧ୍ୱ କୁନି ରଥ

ପୁରୀ,୨୦।୬(ଅଜିତ ମହାନ୍ତି)

ଘୋଷଯାତ୍ରା ଅବସରରେ ସମଗ୍ର ଶ୍ରୀକ୍ଷେତ୍ର ହୋଇଉଠିଥିଲା ଶ୍ରୀଜଗନ୍ନାଥ ମୟ। ଭକ୍ତ ଏବଂ ଭଗବାନଙ୍କ ମିଳନ ହୋଇଥିଲା। ତେବେ ରଥଯାତ୍ରାର ଅନ୍ୟତମ ଆର୍କଷଣ ଥିଲା କୁନି ରଥ। ମହାପ୍ରଭୁଙ୍କ ଘୋଷଯାତ୍ରରେ ଚତୁର୍ଦ୍ଧାବିଗ୍ରହଙ୍କ ତିନୋଟି ବଡ଼ ରଥୁ ଭକ୍ତମାନେ୍ ଟାଣି ଟାଣି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟକୁ ନେଇଥିଲେ। ମହାପ୍ରଭୁଙ୍କ ବଡ଼ ରଥ ମଧ୍ୟରେ ବେଶ୍ ଆର୍କଷଣର କେନ୍ଦ୍ରବିନ୍ଦୁ ଥିଲା ଛୋଟ ରଥ। ପ୍ରତିବର୍ଷ ରଥଯାତ୍ରାରେ ପୁରୀର ବିଭିନ୍ନ ସାହିରୁ ଛୋଟ ନନ୍ଦିଘୋଷ ରଥ ବାହାରିଥାଏ। ଯାହାକୁ ଦେଖିବା ପାଇଁ ପିଲାଙ୍କ ମଧ୍ୟରେ ବେଶ୍ ଆଗ୍ରହ ଥାଏ। ରଥ ପଛରେ କୁନି ରଥକୁ ଭିଡ଼ି ନେଉଥିଲେ ଭକ୍ତ ଓ କୁନି କୁନି ପିଲା। ପୁରୀ ବଡଦାଣ୍ଡରେ ୧୫ରୁ ଅଧିକ କୁନି ରଥ ଗଡୁଥିବା ଦେଖିବାକୁ ମିଳିଥିଲା। ଏହି କୁନି ରଥ ମଧ୍ୟରୁ କିଛି ରଥ ନଅ ଦିନ ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିରରେ ରହି ବାହୁଡା ଦିନ ନିଜ ସାହି ତଥା ଘରକୁ ଫେରୁଥିବା ବେଳେ କିଛି ରଥ ଗୁଣ୍ଡିଚାଦିନ ବଡ଼ଦାଣ୍ଡରେ ବୁଲି ଘରକୁ ଫେରି ପୁଣି ବାହୁଡା ଦିନ ବଡ଼ଦାଣ୍ଡରେ ଗଡିଥାଏ।



### ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୃତ୍ୟ ପରିବେଷଣ

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ନୃତ୍ୟ ଏବଂ ସଙ୍ଗୀତ ପ୍ରିୟ। ତେଣୁ ମହାପ୍ରଭୁଙ୍କ ବିଭିନ୍ନ ଯାତ୍ରାରେ ମହାପ୍ରଭୁଙ୍କ ସମ୍ମୁଖରେ ଭକ୍ତମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥାନ୍ତି। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ହେଉ ଅବା ସ୍ନାନଯାତ୍ରା ଅବା ଶ୍ରୀଗୁଣ୍ଡିଚା ଯାତ୍ରା ଶ୍ରୀକ୍ଷେତ୍ରର ନୃତ୍ୟଶିଳ୍ପୀମାନେ ମହାପ୍ରଭୁଙ୍କ ନିକଟରେ ନୃତ୍ୟ ପରିବେଷଣ କରିଥାନ୍ତି। ରଥଯାତ୍ରାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଥିଲା। ଖାଲି ଶ୍ରୀକ୍ଷେତ୍ର କାହିଁକି ଦେଶ ବିଦେଶରୁ ଅନେକ ଶିଳ୍ପୀ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୃତ୍ୟ ପରିବେଷଣ କରିଥିଲେ। ଶିଳ୍ପୀମାନେ ଗୋଟିପୁଅ, ମାହାରୀ, ଓଡ଼ିଶୀ ଆଦି ନୃତ୍ୟ ପରିବେଷଣ କରିଥିଲେ। ଭକ୍ତି ଭାବର ଠାକୁର ହେଉଛନ୍ତି କାଳିଆ ଠାକୁର। ଅନେକ ଲୋକ ବିଭିନ୍ନ ବେଶରେ ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରି ଭକ୍ତି ଜଣାଇଥିଲେ। କିଏ ହନୁମାନ ବେଶରେ ପୁଣି କିଏ ଶିବ, ସୁଦାମା ବେଶରେ ନୃତ୍ୟ କରୁଥିବାବେଳେ କିଛି ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟ ନାମ ସଂକୀର୍ତ୍ତନ କରି ବେଶ୍ ଆତ୍ମସନ୍ତୋଷ ଲାଭ କରୁଥିବା ଦେଖିବାକୁ ମିଳିଥିଲା।



### ରୋଗୀ, ଆହତଙ୍କ ପାଇଁ ଗ୍ରୀନ୍ କରିଡର

ରଥଯାତ୍ରକୁ ଆସୁଥିବା ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କୁ ସାହାଯ୍ୟ ଯୋଗାଇଦେବା ନିମନ୍ତେ ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଗ୍ରୀନ କରିଡର କରାଯାଇଥିଲା। ଗହଳି ମଧ୍ୟରେ ଭକ୍ତମାନେ ଅଚେତ ହୋଇଗଲେ କିମ୍ବା କୌଣସି ଦୁର୍ଘଟଣା ଘଟିଲେ ଯେପରି ଆମ୍ବୁଲାନ୍ସ ରୋଗୀଙ୍କୁ ନେଇ ସୁବିଧାରେ ମେଡିକାଲ ଯାଇପାରିବ, ସେଥିପାଇଁ ଏହି ଗ୍ରୀନ କରିଡର ନିର୍ମାଣ କରାଯାଇଥିଲା। ବିଭିନ୍ନ ସେଚ୍ଛାସେବୀମାନେ ବଡ଼ଦାଣ୍ଡରେ ହାତକୁ ହାତ ଧରି ମାନବଶୃଙ୍ଖଳ ନିର୍ମାଣ କରି ଠିଆ ହୋଇଥିଲେ। ଆମ୍ବୁଲାନ୍ସ ରୋଗୀଙ୍କୁ ନେବା ଆଣିବା ସମୟରେ ସ୍ୱେଚ୍ଛାସେବୀମାନେ ଗାଡି ଯିବା ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରୁଥିଲେ। ଫଳରେ ଯାତ୍ରୀମାନଙ୍କ ଯିବାଆସିବାରେ କୌଣସି ଅସୁବିଧା ହୋଇ ନଥିଲା। ଏପରି ଗ୍ରୀନ୍ କରିଡରକୁ ସମସ୍ତ କ୍ଷେତ୍ରରୁ ପ୍ରଶଂସା କରାଯାଇଥିଲା।

### ରଥ ଦଉଡ଼ି ଛୁଇଁବା ପାଇଁ ଭକ୍ତଙ୍କ ଆଗ୍ରହ

ପ୍ରବଳ ଖରା ଏବଂ ଗୁଳୁଗୁଳି ସତ୍ତ୍ୱେ ଭକ୍ତମାନେ ଘଣ୍ଟାଘଣ୍ଟା ଧରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ତେବେ ରଥ ଟଣା ହେବା ବେଳକୁ ରଥ ଦଉଡି ଟାଣିବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ରଥ ଦଉଡି ଛୁଇଁବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରତିଯୋଗିତା ପ୍ରାୟ ଦେଖିବାକୁ ମିଳିଥିଲା।

### ଜାପାନୀ ଭକ୍ତ ଜାଣିଲେ ରଥ ବିଷୟରେ

ମହାପ୍ରଭୁଙ୍କ ଘୋଷଯାତ୍ରାରେ ଦେଶ ତଥା ବିଦେଶରୁ ଅନେକ ଭକ୍ତ ସାମିଲ ହୋଇଥିଲେ। ତେବେ ଏହି ଭକ୍ତଙ୍କ ମଧ୍ୟରେ ବେଶ୍ ଆକର୍ଷଣ ସାଜିଥିଲେ ସୁଦୂର ଜାପାନରୁ ଆସିଥିବା ଭକ୍ତ। ମହାପ୍ରଭୁଙ୍କ ଭକ୍ତିରେ ବେଶ୍ ମଜ୍ଜି ଉତ୍ସାହର ସହ ମହାପ୍ରଭୁଙ୍କ ଯାତ୍ରାରେ ସାମିଲ ହୋଇଥିଲେ ଏହି ଜାପାନୀ ଭକ୍ତମାନେ। ଇଣ୍ଡିଆ-ଜାପାନୀ ଫ୍ରେଣ୍ଡଶିପ୍ ସେଣ୍ଟରର ଅଧ୍ୟକ୍ଷ ଶ୍ରୀମନ୍ତ ଦାସଙ୍କ ନେତୃତ୍ୱରେ ୨୫ଜଣ ଜାପାନୀ ପର୍ଯ୍ୟଟକଙ୍କୁ ନେଇ ରଥଯାତ୍ରା ପାଳନ କରିଛନ୍ତି। ଜାପାନୀ ଭକ୍ତମାନଙ୍କୁ ରଥଯାତ୍ରାର ମହାପ୍ରଭୁଙ୍କ ବିଷୟରେ ସୂଚନା ଦିଆଯାଇଥିଲା। ପରେ ବଡ଼ ଦାଣ୍ଡରେ ଗଡୁଥିବା ଛୋଟ ରଥକୁ ଜାପାନୀ ଭକ୍ତମାନେ ଟାଣିଥିଲେ। ତେବେ ସେମାନେ ଓଡ଼ିଆ ସଂସ୍କୃତିକୁ ଦେଖି ବେଶ୍ ବିମୋହିତ ହୋଇପଡିଥିଲେ। ସେହିପରି ସେଣ୍ଟର ଅଧ୍ୟକ୍ଷ ଦାସ ଜାପାନୀ ଭାଷାରେ ପର୍ଯ୍ୟଟକମାନଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ମହାପ୍ରଭୁଙ୍କ ଘୋଷଯାତ୍ରାରେ ସାମିଲ ହୋଇ ଜାପାନୀ ଭକ୍ତମାନେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି।

### ରଥ ସମ୍ମୁଖରେ ଯୋଗ



ମହାପ୍ରଭୁଙ୍କ ଘୋଷଯାତ୍ରାରେ ଜଣେ ଯୋଗ କରୁଥିବା ଯୋଗୀଙ୍କୁ ଦେଖିବାକୁ ମିଳିଥିଲା। ପ୍ରବଳ ଖରାରେ ବାବାଜୀ ଜଣଙ୍କ ତିନି ରଥ ସମ୍ମୁଖରେ ବିଭିନ୍ନ ପ୍ରକାର ଯୋଗ ପ୍ରର୍ଦ୍ଦଶନ କରୁଥିଲେ। ଏନେଇ ସେ କହିଛନ୍ତି, ବୃନ୍ଦାବନରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଛି। ତାଙ୍କ ନାମ ବହ୍ମରୁଷି ଦାମୋଦର ଦାସ। ସେ ସତୀ ଅନୁସୟା ଆଶ୍ରମରୁ ଆସିଛନ୍ତି। ଯୋଗ ସର୍ବଦା ସନାତନ ଧର୍ମୀ ରହି ଆସିଛି। ରଥଯାତ୍ରାରେ ଅନେକ ଯୁବକ ଖରାରେ ଅଚେତ ହୋଇପଡୁଛନ୍ତି। ଯଦି ସେମାନେ ଯୋଗ କରୁଥାନ୍ତେ ତେବେ ସେମାନେ ସୁସ୍ଥ ରହୁନ୍ତେ। ତେଣୁ ସୁସ୍ଥ ରହିବା ପାଇଁ ଯୋଗ କରିବା ଆବଶ୍ୟକ।



### କର୍ଡନ ଭିତରେ ଅନେକ ପାସ୍‌ଧାରୀ

ପୁରୀ,୨୦।୬(ଅଜିତ ମହାନ୍ତି)

ମହାପ୍ରଭୁଙ୍କ ପହଣ୍ଡି ସମୟରେ କର୍ଡନ ଭିତରେ ମାଳ ମାଳ ପାସ୍‌ଧାରୀ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ଅଧିକାଂଶ ପାସ୍‌ଧାରୀ ବଙ୍ଗୀୟ ଭକ୍ତ ଥିବା ଜଣାପଡିଛି। ତେବେ କାମ ନ ଥାଇ ମଧ୍ୟ ଅନେକ ଲୋକ କେବଳ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ କର୍ଡନ ପାସ୍ ଧରି କର୍ଡନ ପରିସରରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ବଙ୍ଗୀୟ ଭକ୍ତଙ୍କୁ ଓ କାର୍ଯ୍ୟ ନଥିବା ଅଧିକାଂଶ ବ୍ୟକ୍ତିବିଶେଷଙ୍କୁ ପାସ୍ କିଏ ପ୍ରଦାନ କଲା। ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କର୍ଡନ ପରିସରରେ ବିନା କାରଣରେ ସଂଖ୍ୟାଧିକ ପାସ୍‌ଧାରୀ ରହିବା ଯୋଗୁ ଅନେକ ସମସ୍ୟା ହେଉଥିଲା। ମୁଖ୍ୟତଃ ଭକ୍ତମାନେ ଭଲ ଭାବରେ ମହାପ୍ରଭୁଙ୍କ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ସେହିପରି ଅନେକ କୁଜି ନେତା ମଧ୍ୟ ପାସ ହାତେଇ କର୍ଡନ ଭିତରେ ବୁଲୁଥିବା ଦେଖିବାକୁ ମିଳିଥିଲା। କର୍ଡନ ପରିସରରେ ଏତେ ସଂଖ୍ୟକ ଲୋକ ଥିବାରୁ ପାସ୍‌ର କଳାବଜାର କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

### ବଡ଼ଦାଣ୍ଡ ହେଲା ପ୍ଲାଷ୍ଟିକ ବୋତଲ, ଚପଲମୟ

ପୁରୀ,୨୦।୬(ଅଜିତ ମହାନ୍ତି)

ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଣି ବଣ୍ଟନ କରାଯାଉଥିବା ବେଳେ ବଡ଼ଦାଣ୍ଡରେ ବିଭିନ୍ନ କମ୍ପାନୀର ପ୍ଲାଷ୍ଟିକ ବୋତଲ ଗଡୁଥିବା ଦେଖିବାକୁ ମିଳିଥିଲା। ଭକ୍ତଙ୍କୁ ପାଣି ଟୋପାଏ ଯୋଗାଇ ଦେବା ନିମନ୍ତେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ପ୍ରଶାସନର ବିଭିନ୍ନ ବିଭାଗକୁ ପାଣି ବୋତଲ ଯୋଗାଇ ଦିଆଯାଇଥିଲା। ତେବେ ଅଧିକାଂଶ ଲୋକ ପାଣି ବୋତଲଗୁଡିକୁ ନେଇ ପାଣି ପିଇ ସାରି ରାସ୍ତାରେ ଏତେତେଣେ ପକାଇଥିଲେ। ଅପରପକ୍ଷେ ଅନେକ ଯୁବକ ଓ ଯୁବତୀ ଉକ୍ତ ପ୍ଲାଷ୍ଟିକ ବୋତଲଗୁଡ଼ିକୁ ଗୋଡ଼ରେ ଫୁଟ୍‌ବଲ ଭଳି ଖେଳୁଥିବା ଦେଖିବାକୁ ମିଳିଥିଲା। ସେହିପରି ପାଷ୍ଟିକ୍ ବୋତଲ ସହ ଅନେକ ଚପଲ ଛିଡି ପଡ଼ିଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଇଥିଲା। ତେବେ ରଥ ଗଡ଼ିବା ପରେ ମଧ୍ୟ ଅଧିକାଂଶ ସମୟ ଧରି ରାସ୍ତାରେ ବୋତଲ ଓ ଚପଲ ପଡ଼ିଥିବା ଦେଖିବାକୁ ମିଳିଥିଲା।

# ଟାହିଆ ଛିଡ଼ାଇ ନେଲେ ସେବାୟତ

ପୁରୀ,୨୦।୬(ଅଜିତ ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଭକ୍ତଙ୍କ ସମାବେଶରେ ସମ୍ପନ୍ନ ହୋଇଛି। ତେବେ ଚଳିତବର୍ଷ ଶ୍ରୀଗୁଣ୍ଡିଚା ଯାତ୍ରାରେ କିଛି ବିଶୃଙ୍ଖଳା ଦେଖିବାକୁ ମିଳିଛି। ଘୋଷଯାତ୍ରାରେ ମୁଖ୍ୟ ଆକର୍ଷଣ ସାଜିଥାଏ ଶ୍ରୀବିଗ୍ରହମାନଙ୍କ ଟାହିଆ। ଶ୍ରୀବିଗ୍ରହମାନେ ରଥ ଉପରକୁ ଆସିବା ସମୟରେ ଏବଂ ରଥ ଉପରୁ ଶ୍ରୀମନ୍ଦିର ଓ ଆଡ଼ପ ମଣ୍ଡପକୁ ବିଜେ କରିବା ସମୟରେ ମସ୍ତକରେ ସୁସଜ୍ଜିତ ଟାହିଆ ପରିଧାନ କରି ପହଣ୍ଡି ହୋଇଥାନ୍ତି। ଏହି ଟାହିଆ ରାଘବ ଦାଶ ମଠ ପକ୍ଷରୁ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ଟାହିଆର ସୁନ୍ଦରତା କାରଣରୁ ବିଗତ କିଛିବର୍ଷ ହେବ ଟାହିଆଗୁଡିକୁ ପହଣ୍ଡି ପରେ ଶ୍ରୀମନ୍ଦିର ପ୍ରଶାସନ ସଂରକ୍ଷିତ ଭାବେ ରଖିଆସୁଛି। ତେଣୁ ଶ୍ରୀବିଗ୍ରହମାନେ ରଥ ଉପରକୁ ଉଠିବା ପରେ ରଥରେ ଲୁଣ୍ଠା ହେବା ପୂର୍ବରୁ ସେବାୟତମାନେ ଟାହିଆକୁ ସୁରକ୍ଷିତ ଭାବେ ମହାପ୍ରଭୁଙ୍କ ମସ୍ତକରୁ କାଢି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଥାନ୍ତି। ତେବେ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ବଡ଼ ଠାକୁରଙ୍କ ଟାହିଆ ସୁରକ୍ଷିତ ଥିବାବେଳେ ମହାପ୍ରଭୁଙ୍କ ଟାହିଆକୁ ସେବକମାନେ ଛିଡାଇ ନେଇଥିବା ଦେଖିବାକୁ ମିଳିଥିଲା। ବଡ଼ଠାକୁରଙ୍କ ଟାହିଆ ପ୍ରାୟତଃ ସୁରକ୍ଷିତ ଥିବାବେଳେ ତାହାକୁ ସେବକମାନେ ସାରଥୀ ପଛରେ ଲଗାଇ ରଖିଥିଲେ। ମାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାହିଆକୁ ସେବାୟତମାନେ ଛିଡ଼ାଇ ନେଇଯାଇଥିଲେ। ଫଳରେ ମହାପ୍ରଭୁଙ୍କ ଟାହିଆଗୁଡିକ ସୁରକ୍ଷିତ ରହି ନଥିଲା। ପରେ ଉକ୍ତ ଟାହିଆକୁ ରଥ ନିକଟରେ ଥିବା ଭକ୍ତମାନେ ନିଜ ନିଜ ଭିତରେ ଛିଡାଛିଡି କରି ନେଇଯାଇଥିଲେ।

### ଠାକୁରଙ୍କୁ ବେଢ଼ି ରହିଲେ ସେବକ

ମହାପ୍ରଭୁଙ୍କ ରଥଯାତ୍ରା ଲକ୍ଷାଧିକ ଭକ୍ତଙ୍କ ସମାଗମରେ ଆରମ୍ଭ ହୋଇଛି। ରଥ ଉପରେ ମହାପ୍ରଭୁଙ୍କ ଅପୂର୍ବ ଦର୍ଶନର ଆଶାନେଇ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀ ଆସିଥିଲେ। ତେବେ ସେବାୟତମାନେ ଅଧିକାଂଶ ସମୟରେ ମହାପ୍ରଭୁଙ୍କ ସମ୍ମୁଖରେ ଠିଆ ହେବା ସହ ଚାରିପାଖରେ ବେଢ଼ି ରହିଥିବାରୁ ଭକ୍ତମାନେ ଭଲ ଭାବେ ଠାକୁରଙ୍କୁ ଦର୍ଶନ କରିପାରି ନ ଥିଲେ। ଠାକୁରଙ୍କୁ ରଥ ଉପରେ ଭଲଭାବେ ଦର୍ଶନ ନ କରି ଅନେକ ଭକ୍ତ ମନଦୁଃଖ କରିଥିଲେ।

### ସନ୍ଧ୍ୟାରେ ରଥ ଟଣାକୁ ଅସନ୍ତୋଷ

ମହାପ୍ରଭୁଙ୍କ ନୀତିନିର୍ଘଣ୍ଟର ଢେର ଆଗରୁ ରଥ ଟଣା ହେବା ସତ୍ତ୍ୱେ ଶରଧାବାଲିରେ ୨ଟି ରଥ ପହଞ୍ଚିପାରି ନାହିଁ। ରଥ ମୋଡ ନେବାରୁ ବା ଏକ ପାଖିଆ ହୋଇଯିବାରୁ ରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ପ୍ରଶାସନ ପକ୍ଷରୁ ଲାଇଟ ଲଗାଇ ରଥ ଟଣା ଯାଇଥିଲା। ଫଳରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଶରଧାବାଲିରେ ପହଞ୍ଚିଥିବା ବେଳେ ଦର୍ପଦଳନ ଓ ନନ୍ଦିଘୋଷ ରଥ ଅଧା ବାଟରେ ଅଟକିଗଲା। ତେବେ ସୂର୍ଯ୍ୟ ଅସ୍ତ ପରେ ତଥା ସନ୍ଧ୍ୟା ପରେ ପ୍ରଶାସନ ପକ୍ଷରୁ ଲାଇଟ ଲଗାଯାଇ ରଥ ଟଣା ଯିବାକୁ ଅନେକ ଜଗନ୍ନାଥ ପ୍ରେମୀ ନାପସନ୍ଦ କରିବା ସହ ଶାସ୍ତ୍ର ବିରୋଧୀ ବୋଲି କହିଛନ୍ତି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପରାମ୍ପରା ଅନୁସାରେ ସନ୍ଧ୍ୟା ପରେ କାର୍ଯ୍ୟ ହେବା କଥା ନୁହେଁ। ପ୍ରଶାସନ ଲାଇଟ ଲଗାଇ ରଥ ଭିଡିବା ପରମ୍ପରା ବିରୋଧୀ ଅଟେ।

# ଠାକୁର ଅଜା ଶ୍ରୀସିଦ୍ଧ ବଳରାମଙ୍କ ରଥଯାତ୍ରା

ସାକ୍ଷୀଗୋପାଳ,୨୦।୬
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଜା ରୂପେ ପରିଚିତ ସ୍ଥାନୀୟ ବକୁଳବନରେ ପୂଜା ପାଉଥିବା ଶ୍ରୀସିଦ୍ଧ ବଳରାମ ଦେବଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ ଦେବନୀତି ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ବାଲ ଭୋଗ ପରେ ମଧ୍ୟାହ୍ନରେ ଚକା ଛାଡ଼ ଖେଚୁଡ଼ି ଭୋଗ ଅନୁଷ୍ଠିତ ହୋଇଥିଲା। ଘଣ୍ଟ, ଘଣ୍ଟି, କାହାଳୀ, ମୃଦଙ୍ଗ ବାଦ୍ୟ ମଧ୍ୟରେ ଠାକୁରଙ୍କ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇ ଛେରାପହଁରା ନୀତି କରାଯାଇଥିଲା। ଶ୍ରଦ୍ଧାଳୁ ଓ ପିଲା ମିଶି ମନ୍ଦିର ନିକଟରୁ ରଥକୁ ଟାଣି ନେଇଥିଲେ। ଚନ୍ଦନ ମଣ୍ଡପରେ ଚନ୍ଦନ ଚକଡ଼ାରେ ଠାକୁର ବିରାଜମାନ କରିଥିଲେ। ସେବାୟତ ଦେବରାଜ ପଣ୍ଡା, ବ୍ରଜରାଜ ପଣ୍ଡା, ଶକ୍ତି ପ୍ରସାଦ ଓ ସ୍ମୃତି ପ୍ରକାଶଙ୍କ ସମେତ ଅନ୍ୟମାନେ ଠାକୁରଙ୍କ ପହଣ୍ଡି ବିଜେ ଆଦି ଦେବନୀତି ସମ୍ପାଦନ କରିଥିଲେ।



# ଆଧାତ୍ମିକ ପରିବେଶରେ ଗଡ଼ିଲା ରଥ

ନିମାପଡ଼ା,୨୦।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ତୁଳସୀପୁର ବ୍ରାହ୍ମଣ ଶାସନ ଗ୍ରାମରେ ରଥଯାତ୍ରା ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ନିଆରା ରଥଯାତ୍ରା ୬୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପାଳିତ ହୋଇଆସୁଛି। ଗ୍ରାମବାସୀ ପ୍ରାତଃରୁ ପ୍ରାଚୀ ନଦୀ କୂଳରେ ଥିବା ବଳେଶ୍ୱର ଗ୍ରାମରେ ପହଞ୍ଚିଥିଲେ। ସେଠାରେ ପୂଜାପାଇଁ ଆସୁଥିବା ପ୍ରଭୁ ଶ୍ରୀଗୁରୁଦେବ ଠାକୁରଙ୍କୁ ନବବସ୍ତ୍ର ପରିଧାନ କରାଇ ପୁଷ୍ପ, ଚନ୍ଦନ, ବିଭିନ୍ନ ଅଳଙ୍କାର ପିନ୍ଧାଇବା ପରେ ଠାକୁରଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା, ଅନ୍ନପ୍ରସାଦ ଭୋଗଲାଗି କରାଯାଇଥିଲା। ସୁସଜ୍ଜିତ ପାଲିଙ୍କିରେ ବାଜା, ବାଣ, ରୋଶଣି, ଶୋଭାଯାତ୍ରାରେ ଠାକୁରଙ୍କୁ ଆଣି ରଥାରୂଢ଼ କରିଥିଲେ। ରଘୁ ବେହେରାଙ୍କ ଡାହୁକ ଡାକ, ଘଣ୍ଟଘଣ୍ଟା, ମୃଦଙ୍ଗ, ଭେରୀ ତୂରୀ ବାଦ୍ୟରେ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ଏକ ଆଧାତ୍ମିକ ପରିବେଶରେ ଗାଁ ଦାଣ୍ଡରେ ଘରଘର ନାଦରେ ରଥ ଗଡ଼ିଥିଲା। ଠାକୁର ଭକ୍ତଙ୍କ ଦୁଆରେ ଭୋଗ ଖାଇ ମା' କନକଦୁର୍ଗାଙ୍କ ମନ୍ଦିରରେ ପହଞ୍ଚିଥିଲେ। ବାଟରେ ମାଉସୀ ମା' ଘର ଥିବା ଲଳିତମୋହନ ଶତପଥୀଙ୍କ ପରିବାର ପକ୍ଷରୁ ଠାକୁରଙ୍କ ନିକଟରେ ସନ୍ଧ୍ୟା ଆଳତି, ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ଗଙ୍ଗାଧର ପାଣି ନୀତିକାନ୍ତି ସମାପନ କରିଥିଲେ। ଗ୍ରାମ ମୁରବି ଅବନୀନ୍ଦ୍ର ତ୍ରିପାଠୀ, ରଜତ ତ୍ରିପାଠୀ, ବନବିହାରୀ ଦାଶ, ସନ୍ତୋଷ ଦାଶ, କୈଳାସ ତ୍ରିପାଠୀ, ହରେକୃଷ୍ଣ ଶତପଥୀ, ରଜନୀକାନ୍ତ ତ୍ରିପାଠୀ, ବିଶ୍ୱଜିତ୍ ତ୍ରିପାଠୀ, ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଥିଲେ। ଚାରିଛକ ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



# ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲେ ଚତୁର୍ଦ୍ଧାମୂର୍ତ୍ତି

ଗୋପ,୨୦।୬(ଭାରତୀ ଭୂଷଣ ଉପାଧ୍ୟାୟ)/କୋଣାର୍କ,(ଜ୍ୟୋତିରାଜ ମହାନ୍ତି)/ପିପିଲି,(ପ୍ରଭାତ ମହାପାତ୍ର)

ଗୋପ ବ୍ଲକ ଅଧୀନ ନାଗପୁର, ନୟାହାଟ ଓ ଡଭାର ଗ୍ରାମରେ ମଙ୍ଗଳବାର ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୋଲିସ ପକ୍ଷରୁ ଏନେଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରକାଶ ଯେ, ନାଗପୁର ଖରିଦା ସାହି ଗ୍ରାମରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରୀତିନୀତି ଅନୁଯାୟୀ, ସ୍ନାନ କରାଇବା ପରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା। ମହାପ୍ରଭୁଙ୍କୁ ପହଣ୍ଡି କରି ରଥକୁ ନିଆଯାଇଥିଲା। ସେହିପରି ନୟାହାଟସ୍ଥିତ ବାସୁଦେବ ମନ୍ଦିରରେ ପୂଜା ପାଉଥିବା ବାସୁଦେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରୀତିନୀତି ଅନୁଯାୟୀ, ସ୍ନାନ କରାଯିବା ପରେ ରଥାରୂଢ଼ କରାଯାଇ ଅନୁରୂପ ଭାବେ ଡଭାର ଗ୍ରାମରେ ରଥକୁ ନିଆଯାଇ ରଥଟଣା କାର୍ଯ୍ୟ ଶେଷ ହୋଇଥିଲା। ଏହି ତିନି ଗୋଟି ରଥଯାତ୍ରା ଶୃଙ୍ଖଳିତ ଭାବେ ହୋଇଥିବାବେଳେ ଗୋପ ଥାନା ଓ ନୟାହାଟ ଫାଣ୍ଡି ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ରଥଯାତ୍ରା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଭକ୍ତ ଏକାଠି ହୋଇଥିଲେ।

ଅର୍କକ୍ଷେତ୍ର କୋଣାର୍କରେ ମଙ୍ଗଳବାର ସକାଳୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ମଙ୍ଗଳ ଆଳତି, ମଇଲମ, ଭୋଗ ଲାଗି, ହୋମଯଜ୍ଞ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଆଦ୍ୟ ସେବକ ମହାରାଜ ଗୋପାଳଚନ୍ଦ୍ର ଛେରାପହଁରା ନୀତି ସମ୍ପାଦନ କରିଥିଲେ। ଅପରାହ୍ନ ୫ଟା ୨୦ ମିନିଟ୍‌ରେ ରଥଟଣା ଆରମ୍ଭ ହୋଇଥିଲା। ରଥଯାତ୍ରାରେ କୋଣାର୍କ ତଥା ଆଖପାଖ ଅଞ୍ଚଳର ୧୦ହଜାରରୁ ଊର୍ଦ୍ଧ୍ୱ ଜଗନ୍ନାଥପ୍ରେମୀଙ୍କ ସମାଗମ ହୋଇଥିଲା। କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କ ନେତୃତ୍ୱରେ ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ରାତ୍ର ୭ଟା ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ରାଉଳପାଟଣାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଥିଲା।

### ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା

ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଭାଗ ପକ୍ଷରୁ ନିରବଛିନ୍ନ ସେବା ଯୋଗାଇ ଦିଆଯାଇଥିଲା। କୋଣାର୍କସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମୁଖ୍ୟ ଟ୍ରଷ୍ଟି ଅମରେଶ୍ୱର ନାୟକ, ବୋର୍ଡର ସଦସ୍ୟ, ବୋର୍ଡ ପରିଚାଳକ ନିରଞ୍ଜନ ବାରିକ୍ ରଥଯାତ୍ରା କାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିଥିଲେ।

ପିପିଲି ପୌରାଞ୍ଚଳ ଅନ୍ତର୍ଗତ ଦରଜି ସାହିସ୍ଥିତ ପ୍ରଭୁ ଶ୍ରୀପତିତପାବନ ଦେବଙ୍କ ରଥଯାତ୍ରା ମଙ୍ଗଳବାର ସମାରୋହରେ ସମ୍ପନ୍ନ ହୋଇଛି। ସକାଳୁ ୩ ଦିଅଁଙ୍କ ମଙ୍ଗଳ ଆଳତି, ଖେଚୁଡ଼ି ଭୋଗ ଓ ବିଭିନ୍ନ ରୀତିନୀତି ସମ୍ପନ୍ନ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରାଯାଇଥିଲା। ଦଇତା ସେବକ ଜୟଦେବ ମହାପାତ୍ର, ଅକ୍ଷୟ ମହାପାତ୍ର ଓ ଚନ୍ଦନ ମହାପାତ୍ର ଠାକୁରଙ୍କ ବିଭିନ୍ନ ସେବାନୀତି କରିଥିଲେ। ପୂର୍ବତନ ପୌରାଧ୍ୟକ୍ଷ ଗୋକୁଳାନନ୍ଦ ମହାନ୍ତି ରଥ ଉପରେ ଛେରାପହଁରା କରିଥିଲେ। ଅପରାହ୍ନ ସାଢେ ୨ଟା ସମୟରେ ରଥଟଣା ଆରମ୍ଭ ହୋଇ ୫ଟାରେ ସରିଥିଲା। ଶତାଧିକ ଭକ୍ତ ରଥକୁ ଟାଣି ଟାଣି ନେଇଥିଲେ। ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ମା' ପଢ଼େଇଶୁଣି ଠାକୁରାଣୀଙ୍କ ମନ୍ଦିର ସଂଲଗ୍ନ ମାଉସୀ ମା'ଙ୍କ ମନ୍ଦିରକୁ ନିଆଯାଇଥିଲା। ପିପିଲି ରଥଯାତ୍ରା ପରିଚାଳନା କମିଟି ସଭାପତି ରମେଶଚନ୍ଦ୍ର ଶତପଥୀ, ଉପସଭାପତି ବାମଦେବ ମିଶ୍ର, ସମ୍ପାଦକ ପ୍ରଭାତ ମହାପାତ୍ର, ଉପଦେଷ୍ଟା ସୁଧୀର ମହାନ୍ତି, ସାମାଜିକ କର୍ମୀ ମନୋଜ ପ୍ରଧାନ, ମନ୍ଦିରର ଟ୍ରଷ୍ଟି ସୁରେଶଚନ୍ଦ୍ର ମହାପାତ୍ର, ମନ୍ଦିର ପରିଚାଳନା କମିଟି ମୁଖ୍ୟ ଉପଦେଷ୍ଟା ନୃସିଂହ ମହାପାତ୍ର, ପରିଚାଳନା କମିଟି ସଭାପତି ବବୁଲ ମହାପାତ୍ର ପ୍ରମୁଖ ଏହି ରଥଯାତ୍ରା ପରିଚାଳନା କରିଥିଲେ। ମନ୍ଦିରର ମୁଖ୍ୟ ସେବକ ଲକ୍ଷ୍ମୀଧର ପଣ୍ଡା ସମସ୍ତ ପୂଜାନୀତି ସମ୍ପାଦନ କରିଥିଲେ। ଗୁଣ୍ଡିଚା ମନ୍ଦିରରେ ୯ ଦିନ ବ୍ୟାପି ଶ୍ରୀଜୀଉଙ୍କ ସମସ୍ତ ରୀତିନୀତିକୁ ସ୍ଥାନୀୟ ଗଣପତି କ୍ଲବ ସଦସ୍ୟ ସମ୍ପାଦନ କରିବେ।

## ଉତ୍ତାପରୁ ରକ୍ଷା ପାଇବା ପାଇଁ ଚାରାରୋପଣ ଜରୁରୀ

କଣ୍ଢାପଡ଼ା,(ସୁର ନାରାୟଣ ସାହୁ): ଉତ୍ତାପରୁ ରକ୍ଷା ପାଇବା ପାଇଁ ଚାରାରୋପଣ ଜରୁରୀ। ତେଣୁ ଏଥିପ୍ରତି ପ୍ରତ୍ୟେକ ବ୍ୟକ୍ତି ଯତ୍ନବାନ୍ ହେବା ଉଚିତ୍ ବୋଲି କଣ୍ଢାପଡ଼ାଠାରେ ପୁଷ୍ପା ରାଇସ ପକ୍ଷରୁ ମଙ୍ଗଳବାର ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ନାଲ୍‌କୋର ପୂର୍ବତନ ନିର୍ଦ୍ଦେଶକ ତଥା ପୁଷ୍ପା ରାଇସ୍‌ର ମୁଖ୍ୟ ଉପଦେଷ୍ଟା ବୈଦ୍ୟ ନାରାୟଣ ସ୍ୱାଇଁ କହିଛନ୍ତି। ଏଥିରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ଶୁଭଦର୍ଶିନୀ ପାତ୍ର ଯୋଗଦେଇ ଚାରା ରୋପଣ କରିବା ସହ ଅନୁଷ୍ଠାନ ପରିସରରେ ଏକ ସଭାଗୃହ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ବ୍ୟବସ୍ଥାପକ ଅକ୍ଷୟ ମହାନ୍ତି କହିଥିଲେ। କାର୍ଯ୍ୟକ୍ରମରେ ପରିଚାଳକ ମନୋଜ ଦାସ, ସରସ୍ୱତୀ ପାତ୍ର ଯୋଗଦେଇଥିଲେ।


ରଥଯାତ୍ରା ଅବସରରେ ମଙ୍ଗଳବାର କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡିବିଜେ।


ରାଣୀହାଟସ୍ଥିତ ବଳଦେବଜୀଉ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

# ରଥରେ ଦର୍ଶନ ଦେଲେ ଶ୍ରୀଜୀଉ

କଟକ ଅଫିସ,୨୦।୬ (ସୁପ୍ରିୟା ପ୍ରିୟଦର୍ଶିନୀ)

ଲୀଳା ଦେଖାଇବାକୁ ଭକ୍ତଙ୍କ ଗହଣକୁ ଓହ୍ଲାଇଥିଲେ ମହାପ୍ରଭୁ। ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ଏକାଠି ହୋଇଥିଲେ ଭକ୍ତ ଓ ଭଗବାନ। ମାଉସୀ ମା' ହାତରୁ ପୋଡପିଠା ଖାଇବାକୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ ତିନି ଠାକୁର। ହୁଳହୁଳି, ଘଣ୍ଟଘଣ୍ଟା ଶଙ୍ଖଧ୍ୱନିରେ ମଙ୍ଗଳବାର ପ୍ରକମ୍ପିତ ହୋଇଥିଲା କଟକ ସହର। ତେବେ ସହରର ୩ ପ୍ରମୁଖ ସ୍ଥାନ ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ ଓ ରାଣୀହାଟରେ ପୂଜାନୀତି ସମ୍ପନ୍ନ ପରେ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ଛେରାପହଁରା ପରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ।

ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ବିଭିନ୍ନ ନୀତି ପରେ ଠାକୁରଙ୍କ ପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା। ଅପରାହ୍ନ ୨ଟାରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ୩ ରଥକୁ ଟାଣି ନେଇ ସନ୍ଧ୍ୟା ସୁଦ୍ଧା ବେଲ୍‌ଭ୍ୟୁ ଛକସ୍ଥିତ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ। ସେହିଭଳି ଦୋଳମୁଣ୍ଡାଇସ୍ଥିତ ପତିତପାବନଜୀଉ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କୁ ପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା। ରଥରେ ଛେରାପହଁରା ପରେ ଅପରାହ୍ନ ସାଢେ ୪ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ବିଶେଷକରି ଚାନ୍ଦିନୀଚୌକ ଓ ଦୋଳମୁଣ୍ଡାଇଠାରେ ଦେବୀ ସୁଭଦ୍ରାଙ୍କର ରଥକୁ ମହିଳାମାନେ ଟାଣିଥିଲେ। ରାଣୀହାଟଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କୁ ରଥାରୂଢ଼ କରାଯିବା ପରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଛେରାପହଁରା କରିଥିଲେ। ସନ୍ଧ୍ୟା ସାଢେ ୬ଟାରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ସେହିପରି ଯୋବ୍ରା ନୂଆସାହି ରଥଯାତ୍ରା ଅନୁଷ୍ଠିତ ହୋଇଛି। ଠାକୁରଙ୍କୁ ପହଣ୍ଡିରେ ଆଣି ରଥାରୂଢ଼ କରାଯିବା ପରେ ଅପରାହ୍ନ ୨ଟାରେ ସାହି ଅଧିକାରୀ କାଶୀନାଥ ନାୟକ ଛେରାପହଁରା କରିଥିଲେ। ଏହାପରେ ଶ୍ରଦ୍ଧାଳୁମାନେ ରଥ ଟାଣିନେଇ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ।

ଚଳିତବର୍ଷ ରଥଯାତ୍ରାରେ ଭିଡ ନିୟନ୍ତ୍ରଣ ପାଇଁ ରାଣୀହାଟ, ଦୋଳମୁଣ୍ଡାଇ ଓ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ସଂଲଗ୍ନ ରାସ୍ତାରେ ଏକତରଫା ଗାଡ଼ି ଚଳାଚଳ ବ୍ୟବସ୍ଥା କରାଯାଇଥିଲା। ସହରରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଓ ୧୦୬ ଜଣ ଅଫିସର ସୁରକ୍ଷା ଦାୟିତ୍ୱରେ ରହିଥିଲେ। ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।


ଯୋବ୍ରା ନୂଆସାହିଠାରେ ଅନୁଷ୍ଠିତ ରଥଯାତ୍ରାରେ ଭକ୍ତଙ୍କ ସମାଗମ।

# ଭକ୍ତ-ଭଗବାନ୍ ଏକାକାର

ନିଶ୍ଚିନ୍ତକୋଇଲି, ୨୦।୬
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ବ୍ରହ୍ମକ୍ଷେତ୍ର ଓ ଅସୁରେଶ୍ୱର ପଞ୍ଚାୟତ ଦଧିବାମନ ପୀଠରେ ରଥଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ନୀତି ପରେ ୩ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ଜିଗ୍ନିପୁରର ବଳଦେବଙ୍କ ରଥରେ ବନବିହାରୀ ମିଶ୍ର ଓ ଅସୁରେଶ୍ୱରରେ ସୁବାସ ମିଶ୍ର ଛେରାପହଁରା କରିଥିଲେ। ପରେ ରଥଟଣା ଆରମ୍ଭ ହୋଇଥିଲା।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଚର୍ଚ୍ଚିକା ପୀଠସ୍ଥିତ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ନିର୍ଦ୍ଦିଷ୍ଟ ସମୟରେ କରାଯାଇ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା। ଅପରାହ୍ନରେ ତିନି ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ମନ୍ଦିର ସେବାୟତ ଟ୍ରଷ୍ଟି ପ୍ରବୋଧ କୁମାର ପାତ୍ର ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ସେହିପରି ବ୍ଲକର ଅନ୍ୟାନ୍ୟ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।

**ଆଠଗଡ଼,(ସତ୍ୟପ୍ରକାଶ ରଥ):** ଆଠଗଡ଼ ଗଡ଼ଜାତର ପ୍ରତୀକ ଶ୍ରୀ ଶ୍ରୀ ଅଗ୍ଗାଳୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ଗଡଜାତୀୟ ପରମ୍ପରା ଅନୁଯାୟୀ ରାଜ ପୁରୋହିତ ସୁଶାନ୍ତ କୁମାର ମିଶ୍ର ଠାକୁରଙ୍କ ସମସ୍ତ ନୀତି ସମ୍ପନ୍ନ କରିଥିଲେ। ଅପରାହ୍ନରେ ଠାକୁରଙ୍କ ରଥଟଣା ଯାଇଥିଲା। ସେହିପରି ଗଦାସାହିସ୍ଥିତ ମଠରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ସାଲେପୁର,(ଅରବିନ୍ଦ ଭୂୟାଁ):** ସାଲେପୁର ସହର ନିକଟସ୍ଥ ସାହେଶ୍ୱରୀ ମନ୍ଦିର ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କୁ ପହଣ୍ଡିରେ ନିଆଯାଇ ରଥାରୂଢ଼ କରାଯାଇଥିଲା। ଡା. ସୁରେନ୍ଦ୍ର ନାଥ ଭୂୟାଁ ଛେରାପହଁରା କରିଥିଲେ। ୫୨ ବର୍ଷ ପରେ ପୁରୁଷୋତ୍ତମପୁର ଲକ୍ଷ୍ମୀନୃସିଂହ ମନ୍ଦିରରେ ରୀତିନୀତି ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ପରମ୍ପରା ବଞ୍ଚାଇ ରଖିବା ପାଇଁ ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନିଆଯାଇ ରଥାରୂଢ଼ କରାଯାଇ ୯ଦିନ ରହିବାପରେ ପୁନଶ୍ଚ ମନ୍ଦିରକୁ ଫେରାଇ ନିଆଯାଉଥିଲା। ଅପରପକ୍ଷେ ପରମ୍ପରା ଅନୁଯାୟୀ କଟରପା ରଥଯାତ୍ରା ଦିନକ ପରେ ଅନୁଷ୍ଠିତ ହୋଇଥାଏ। ମଙ୍ଗଳବାର ଚତୁର୍ଦ୍ଧା ମୂର୍ତ୍ତିକୁ ରଥାରୂଢ଼ କରାଯାଇଥିଲା। ବୁଧବାର ରଥଟଣା ଯିବ ବୋଲି କୁହାଯାଇଛି।

**ମାହାଙ୍ଗା,(ଯଯାତି ସିଂହ):** ମାହାଙ୍ଗା ବ୍ଲକ ଗୁଣ୍ଡୁପୁର ମା' ବରୁଣେଇଙ୍କ ପୀଠରେ ୩ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ଠାକୁର ରଜା ଭାବେ ରବୀନ୍ଦ୍ର ନାଥ କର ଛେରାପହଁରା କରିଥିଲେ। ଏହାପରେ ଭକ୍ତମାନେ ରଥ ଟାଣି ଧର୍ମଦାସପୁରସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲେ। ସେହିପରି ଉମର, ଆପିଲୋ ଗ୍ରାମେଶ୍ୱର ପୀଠ, ଜହଳ, ଅଲିଅରା, ମଣିଯୋରି, ସିନ୍ଧୁପୁର, ଖନ୍ଦୋଳ ହନୁମାନଜୀଉ ପୀଠ, ଜୟପୁର ଆଦି ସ୍ଥାନରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ତିଗିରିଆ,(ଜାଫର ଖାଁ):** ତିଗିରିଆର ଆରାଧ୍ୟ ଦେବତା ତଥା ଗୁପ୍ତ ଶ୍ରୀକ୍ଷେତ୍ର ଭାବେ ପରିଚିତ ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ପୀଠରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଲଳିତ କୃଷ୍ଣ ଦାସ ସୂଚନା ଦେଇଛନ୍ତି। ଅପରାହ୍ନରେ ୩ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ପରେ ରାଜା ଶ୍ରୀ ଶ୍ରୀ ବୀରପ୍ରତାପ କ୍ଷତ୍ରିୟ ବୀରବର ଚମୁପତି ସିଂହ ମହାପାତ୍ର ଛେରାପହଁରା କରିଥିଲେ। ବ୍ଲକର ପାଞ୍ଚଗାଁସ୍ଥିତ ଦଧିବାମନଜୀଉ ପୀଠରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଜ ପରିବାର ସଦସ୍ୟ ଗିରିଶ ସିଂହ ସାମନ୍ତ ଛେରାପହଁରା କରିଥିଲେ। ସେହିପରି ନୂଆପାଟଣା ପଞ୍ଚାୟତସ୍ଥିତ ପତିତପାବନ ଦେବ ଓ ହାଟମାଳ ପଞ୍ଚାୟତ ଶୁଣ୍ଡିପାଳ ଗ୍ରାମସ୍ଥିତ ଦଧିବାମନଜୀଉଙ୍କ ପୀଠରେ ରଥଯାତ୍ରା ହୋଇଥିଲା।

**କଟକ ସଦର, (ସୁଶାନ୍ତ ଜେନା):** କଟକ ସଦର ବ୍ଲକ ଅଧୀନ ଧରିଣା ଗ୍ରାମର ଲକ୍ଷ୍ମୀନୃସିଂହ ମନ୍ଦିରଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ନୀତିକାନ୍ତି ପରେ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ନୃସିଂହ ପଣ୍ଡା ରଥରେ ଛେରାପହଁରା କରିଥିଲେ। ପରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ନେଇ ସନ୍ଧ୍ୟାସୁଦ୍ଧା ମାଉସୀମା' ମନ୍ଦିରରେ ପହଞ୍ଚିଥିଲେ। ସେହିପରି ୪୨ ମୌଜାର ଦଧିବାମନପୁର, ଧୂଳିଶ୍ୱର, ଗତିରାଉତ ପାଟଣା, ଆୟତପୁର, ସିର୍ଲୋର ଗୋମତୀ ପୀଠ, ବମ୍ଭୁରୀର ଦଧିବାମନଜୀଉ ପୀଠରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ଚୌଦ୍ୱାର,(ଆଶୁତୋଷ ଦାସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଚାରବାଟିଆ ହାଉସିଂ ବୋର୍ଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ତିନି ଠାକୁରଙ୍କୁ ପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା। ଠାକୁର ରାଜା ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ରଥରେ ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ସେହିପରି ଚୌଦ୍ୱାର ମଙ୍ଗଳା ସାହି, ନବଗ୍ରହ ସାହି, କପାଳେଶ୍ୱର, ଓଟିଏମ୍ କଲୋନୀ, ବିଲ୍ଟୁ ବଜାର, ଗୋଡ଼ିପାଟଣା, ବେଉରା ସାହିରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।


କଟକ ସଦର ବ୍ଲକ ବମ୍ଭୁରୀ ଗ୍ରାମ ଦଧିବାମନଜୀଉ ପୀଠରେ ରଥଯାତ୍ରା।


ନିଶ୍ଚିନ୍ତକୋଇଲି ଜିଗ୍ନିପୁରସ୍ଥିତ ବଳଦେବଜୀଉଙ୍କ ମନ୍ଦିରରୁ ଠାକୁରଙ୍କ ପହଣ୍ଡି।


ଆଠଗଡ଼ ଗଡ଼ଜାତର ଅଗ୍ଗାଳୀ ଜଗନ୍ନାଥଙ୍କୁ ପହଣ୍ଡିରେ ନିଆଯାଉଛି।


ବାଙ୍କୀ ମା' ଚର୍ଚ୍ଚିକାଙ୍କ ପୀଠରେ ଆୟୋଜିତ ରଥଯାତ୍ରା।

# ରଥ ଚକରୁ ହୁଗୁଳି ପଡ଼ିଲା ହାଲ

## ଘଣ୍ଟାଏ ବିଳମ୍ବରେ ପହଞ୍ଚିଲା ରଥ

ଖୁଣ୍ଟୁଣୀ, ୨୦।୬ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଅଞ୍ଚଳରେ ମଙ୍ଗଳବାର ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ହେଲେ ଏଠାରେ ଚକରୁ ହାଲ ହୁଗୁଳି ପଡିବାରୁ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ବିଳମ୍ବରେ ନିର୍ଦ୍ଦିଷ୍ଟ ସ୍ଥାନରେ ରଥ ପହଞ୍ଚିଥିଲା। ମିଳିଥିବା ସୂଚନା ଅନୁଯାୟୀ, ମନ୍ଦିରରେ ବିଭିନ୍ନ ନୀତି ପରେ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ରଥରେ ଛେରାପହଁରା ପରେ ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ରାସ୍ତାରେ ରଥ କିଛି ବାଟ ଯିବା ପରେ ହଠାତ୍ ସମ୍ମୁଖ ଚକରୁ ହାଲ ବାହାରି ପଡିଥିଲା। ପରେ ଅନ୍ୟ ୨ଟି ଚକରୁ ହାଲ ବାହାରି ପଡିବାରୁ ରଥ ଅଟକି ରହିଥିଲା। ହାଲକୁ ବାଡେଇ ମରାମତି କରାଯିବା ପରେ ରାତି ୭ଟା ୧୫ରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲେ। ସନ୍ଧ୍ୟା ସାଢେ ୬ଟା ସୁଦ୍ଧା ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଅଘଟଣ ଯୋଗୁ ୧ ଘଣ୍ଟା ବିଳମ୍ବ ହୋଇଥିଲା।

# ଓଡ଼ିଶାର ପ୍ରତି ଘରେ ଲୋକପ୍ରିୟ ଉଦ୍ୟୋଗ ପାଲଟିଛି ରୁଚି

## ରୁଚି ଉଦ୍ୟୋଗର ପ୍ରତିଷ୍ଠା ଦିବସ

କଟକ,୨୦।୬ (କାର୍ତ୍ତିକ ସାହୁ)

ଓଡ଼ିଶାର ପ୍ରତି ଘରେ ଏକ ଲୋକପ୍ରିୟ ଉଦ୍ୟୋଗ ପାଲଟିଛି ରୁଚି। ଓଡ଼ିଶାର ଶିଳ୍ପ ମାନଚିତ୍ରରେ ଏହି ଅନୁଷ୍ଠାନର ସ୍ୱତନ୍ତ୍ର ପରିଚୟ ରହିଛି। ଶିଳ୍ପ ବିକାଶ ଓ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ପରିଚାଳନା କରିବାରେ ରୁଚି ଉଦ୍ୟୋଗ ସବୁବେଳେ ଆଗରେ ରହିଛି। ସେହିପରି ପ୍ରତିଷ୍ଠା ଦିବସରେ ନିଜ ପରିବାରର କୃତୀ ବିଦ୍ୟାର୍ଥୀ ଓ କର୍ମଚାରୀମାନଙ୍କୁ ପୁରସ୍କୃତ କରି ରୁଚି ଅନୁଷ୍ଠାନ ଏକ ନୂତନ ଉଦାହରଣ ସୃଷ୍ଟି କରିଛି ବୋଲି ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି କହିଛନ୍ତି। ରଥଯାତ୍ରା ଅବସରରେ ମଙ୍ଗଳବାର ରୁଚି ପରିସରସ୍ଥ ଶ୍ରୀଲକ୍ଷେଶ୍ୱର ମଣ୍ଡପରେ ୪୮ତମ ରୁଚି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ମହାନ୍ତି ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ଏଥିରେ ବରେଣ୍ୟ ଅତିଥି ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଟ୍ରଷ୍ଟି ଡ. ସୌରେନ୍ଦ୍ର କୁମାର ମହାପାତ୍ର କହିଥିଲେ, ରୁଚି ଅନୁଷ୍ଠାନ ଗ୍ରାହକଙ୍କ ହିତସାଧନ ସହ ସବୁବେଳେ ନିଜ କର୍ମଚାରୀଙ୍କ ସୁଖଦୁଃଖରେ ଭାଗି ହୋଇଥାଏ। 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ଅଧ୍ୟକ୍ଷତା କରି କହିଥିଲେ, ଆଗାମୀ ଦୁଇବର୍ଷପରେ 'ରୁଚି' ତା'ର ସୁବର୍ଣ୍ଣଜୟନ୍ତୀ ଉତ୍ସବ ପାଳନ କରିବ। ଏହି ଅବସରରେ ଓଡ଼ିଶାର ପ୍ରତ୍ୟେକ ପରିବାରରେ ରୁଚି ଉପହାର ପହଞ୍ଚାଇବ। ଏଥିରେ ସମ୍ମାନିତ ଅତିଥି ଭାବେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ରଶ୍ମି ସାହୁ ଓ ସଲିନା ସାହୁ ପ୍ରମୁଖ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ପଙ୍କଜ ଜାଲ୍‌ଙ୍କୁ ରୁଚି କଳା ସମ୍ମାନ ପ୍ରଦାନ କରାଯାଉଛି।

ଏହି ଅବସରରେ ଆହେ ନୀଳଶଇଳ ନାଟକର ପ୍ରଯୋଜିକା ତନୟା ପଟ୍ଟନାୟକ ଓ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପଙ୍କଜ ଜାଲ୍‌ଙ୍କୁ ରୁଚି କଳା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ୍ଦ୍ର ରାୟଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଥିସହ ରୁଚି ପରିବାରର ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ୨୮ଜଣ କର୍ମଚାରୀଙ୍କ ପୁତ୍ରକନ୍ୟାମାନଙ୍କୁ ନଗଦ ଅର୍ଥରାଶି, ନୂଆବସ୍ତ୍ର, ପାଠ୍ୟ ଉପକରଣ ଓ ମାନପତ୍ର ସହ ରୁଚି ବିଦ୍ୟାର୍ଥୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଲକି ଡ୍ର ଜରିଆରେ ୨୦ ଜଣ କର୍ମଚାରୀଙ୍କୁ ୫୦୦୦ ଲେଖାଏ ଅର୍ଥରାଶି ଓ ୪୮ ଜଣଙ୍କୁ ସ୍ୱତନ୍ତ୍ର ଉପହାର ଦିଆଯାଇଥିଲା।

'ରୁଚି'ର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଓ ହ୍ୱାଇଟ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ଅର୍ଥ ବିଭାଗ ମହାପ୍ରବନ୍ଧକ ସୁବ୍ରମଣ୍ୟ ପ୍ରସାଦ, ସେଲ୍ସ୍ ହେଡ୍ ଦିଲୀପ ସାହୁ, ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ, ବିତ୍ତ ବିଭାଗ ଏଜିଏମ୍ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ମାନବ ସମ୍ବଳ ପ୍ରବନ୍ଧକ ମଧୁସ୍ମିତା ବାରିକ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ନିରାପତ୍ତା ଅଧିକାରୀ ପ୍ରମୋଦ କୁମାର ସାହୁ, ପ୍ରଶାସନିକ ବିଭାଗର ହୃଦୟ ଚନ୍ଦ୍ର ବେହେରା, ଅକ୍ଷୟ କୁମାର ପଣ୍ଡା, ଚିଣ୍ଟୁ ମିଶ୍ର, ଜ୍ଞାନରଞ୍ଜନ ରାୟ, ସୂର୍ଯ୍ୟକାନ୍ତ ସାହୁ, ଅରକ୍ଷିତ ରଣା, ଗଗନ କର, ଅଜିତ୍ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାନବସମ୍ବଳ ବିଭାଗ ସହକାରୀ ମହାପ୍ରବନ୍ଧକ ଅମ୍ବରୀଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହାପରେ ଜୟ ଜଗନ୍ନାଥ କଲୋନୀରୁ ଶ୍ରୀଜୀଉଙ୍କ ରଥ ଟଣା ହୋଇ ରୁଚି ପରିସରସ୍ଥ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆସିଥିଲା। ମହିଳା କର୍ମଚାରୀ ମୀନା ମଲ୍ଲିକ ପୂର୍ବାହ୍ନରେ ରୁଚି ପତାକା ଉତ୍ତୋଳନ କରିଥିଲେ।

# ୨୨ ପରିବର୍ତ୍ତେ ୨୩ରେ କଳାହାଣ୍ଡି ଆସିବେ ନଡ୍ଡା

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)


ଜେ.ପି. ନଡ୍ଡା

## ବାରମ୍ବାର ବଦଳୁଛି ଭାଜପା କେନ୍ଦ୍ରୀୟ ନେତାଙ୍କ କାର୍ଯ୍ୟକ୍ରମ ସୂଚୀ

ଭାଜପାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଓଡ଼ିଶା ଆସିବାକୁ ଥିବା କେନ୍ଦ୍ରୀୟ ନେତାମାନଙ୍କ ଗସ୍ତ କାର୍ଯ୍ୟକ୍ରମରେ ବାରମ୍ବାର ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳୁଛି। ପ୍ରଥମେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଢେଙ୍କାନାଳ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ଗୁଜରାଟରେ ଲ୍ୟାଣ୍ଡଫଲ୍ କରିଥିବା ବାତ୍ୟା ବିପର୍ଯ୍ୟୟ ପାଇଁ ତାଙ୍କ ଗସ୍ତ ବାତିଲ ହୋଇଥିବା ସୂଚନା ଦିଆଯାଇଥିଲା। ଏହା ପୂର୍ବରୁ ମଧ୍ୟ ଶାହାଙ୍କ ଭଦ୍ରକ ଗସ୍ତ କାର୍ଯ୍ୟକ୍ରମ ଥିଲା, ହେଲେ ପରବର୍ତ୍ତୀ ସମୟରେ ବନ୍ଦ ହୋଇଥିବା ଜଣାପଡ଼ିଥିଲା। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଆସନ୍ତା ୨୨ରେ ଥିବା ସାଧାରଣ ସଭା କାର୍ଯ୍ୟକ୍ରମ ସୂଚୀରେ ପରିବର୍ତ୍ତନ ହୋଇଛି। ତାଙ୍କ ଓଡ଼ିଶା ଆସିବା ନେଇ ଦିଆଯାଇଥିବା ପୂର୍ବ ସୂଚନାରେ ଏବେ ପରିବର୍ତ୍ତନ ହୋଇଛି। ଶାହା ୨୨ ପରିବର୍ତ୍ତେ ୨୩ ତାରିଖରେ କଳାହାଣ୍ଡି ଯିବେ। ଅନିବାର୍ଯ୍ୟ କାରଣବଶତଃ ନଡ୍ଡାଙ୍କ ଗସ୍ତ ଗୋଟିଏ ଦିନ ଘୁଞ୍ଚାଇ ଦିଆଯାଇଥିବା କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି।

ବସନ୍ତ କହିଛନ୍ତି, ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୧୧ଟାରେ ନଡ୍ଡାଙ୍କ ସଭା ଅନୁଷ୍ଠିତ ହେବ। ଏହା ୨୨ ତାରିଖରେ ହେବାର ଥିଲା। ଏଥିଲାଗି ନଡ୍ଡା ୨୧ ତାରିଖ ରାତିରେ ଓଡ଼ିଶାରେ ପହଞ୍ଚିବାର ଥିଲା। ହେଲେ ଏବେ ସେ ୨୨ ରାତିରେ ଆସି ଝାରସୁଗୁଡ଼ାଠାରେ ପହଞ୍ଚିବେ। ଏହା ପରଦିନ ଭବାନୀପାଟଣା ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେବେ। ସାଧାରଣ ସଭା ସରିବା ପରେ ସର୍କିଟ ହାଉସ୍‌ଠାରେ ବରିଷ୍ଠ ନାଗରିକଙ୍କୁ ତାଙ୍କର ଭେଟିବା କାର୍ଯ୍ୟକ୍ରମ ରହିଛି। ଏହାପରେ ଟାଉନ ହଲ୍‌ରେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ନଡ୍ଡା ଭେଟିବେ ବୋଲି ବସନ୍ତ କହିଛନ୍ତି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ସାରା ଭାରତରେ ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ୯ ବର୍ଷ ମଧ୍ୟରେ ଦେଶରେ ଜାରି ରହିଥିବା ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତାକୁ ଭାଜପା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି କେନ୍ଦ୍ରୀୟ ନେତାମାନେ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଭାଜପା ଅଧ୍ୟକ୍ଷ କଳାହାଣ୍ଡି ଆସୁଛନ୍ତି ବୋଲି ବସନ୍ତ କହିଛନ୍ତି।


କର୍ନାଟକ ସରକାରଙ୍କ ଅନ୍ନ ଭାଗ୍ୟ ଯୋଜନାରେ କେନ୍ଦ୍ର ସରକାର ଚାଉଳ ଦେବାକୁ ମନାକରିଛନ୍ତି। ଏହାର ପ୍ରତିବାଦରେ ବେଙ୍ଗାଲୁରୁଠାରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଏବଂ ଦଳୀୟ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଭାଜପାକୁ ସୁଯୋଗ ଦେବା ଦେଶ ପାଇଁ କ୍ଷତିକାରକ: ଷ୍ଟାଲିନ୍

ଚେନ୍ନାଇ,୨୦।୬

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ପାଟନାରେ ଆସନ୍ତା ୨୩ରେ ବିରୋଧୀ ଦଳଗୁଡ଼ିକର ବୃହତ୍ ସମାବେଶ ପୂର୍ବରୁ ମଙ୍ଗଳବାର ତାମିଲନାଡୁରେ ଏକ ଅଭ୍ୟାସ ଅଧିବେଶନ ଦେଖିବାକୁ ମିଳିଛି। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେର ସ୍ୱର୍ଗୀୟ ନେତା ଏମ୍. କରୁଣାନିଧିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଥିରୁଭରୁରରେ କରୁଣାନିଧି ସଂଗ୍ରହାଳୟକୁ ନୀତୀଶ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସେ ସ୍ୱାସ୍ଥ୍ୟଗତ କାରଣରୁ ଏଥିରେ ଯୋଗ ଦେଇ ନ ପାରି ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ପଠାଇଛନ୍ତି। କାର୍ଯ୍ୟକ୍ରମରେ କରୁଣାନିଧିଙ୍କ ପୁଅ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଏକତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଷ୍ଟାଲିନ୍ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଭାଜପା ଦ୍ୱାରା ଲଗାଯାଇଥିବା ଏକଚ୍ଛତ୍ରବାଦର ନିଆଁକୁ ଲିଭାଇବା ଆମ ସମସ୍ତଙ୍କ ଦାୟିତ୍ୱ। ନୀତୀଶ ଏଦିଗରେ ପ୍ରଥମ ମଶାଲ ଜାଳିଛନ୍ତି। ଆପଣମାନଙ୍କ ଭଲ ପାଇବା ଓ ଆସ୍ଥାକୁ ନେଇ କରୁଣାନିଧିଙ୍କ ଜେନେରାଲ ଭାବେ ମୁଁ ପାଟନା ଯାଉଛି। ଦେଶ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଗଣତନ୍ତ୍ରକୁ ସୁରକ୍ଷା ଦିଆ ନ ଗଲେ ତାମିଲନାଡୁର ୩,୦୦୦/୪,୦୦୦ ବର୍ଷର ଇତିହାସ ଉଭେଇଯିବ। ଭାଜପାକୁ ଶାସନର ସୁଯୋଗ ଦେବା ତାମିଲନାଡୁ ଓ ଭାରତର ଭବିଷ୍ୟତ ପାଇଁ କ୍ଷତିକାରକ। ଆମେ ମିଳିତ ହୋଇ ତାମିଲନାଡୁରେ ବିଜୟୀ ହେବା ଭଳି ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଶକ୍ତିଗୁଡ଼ିକ ଏକାଠି ହେବା ଉଚିତ। ଏପରି ଏକତା ଓ ସମନ୍ୱୟ ସାରା ଦେଶରେ ଦେଖାଯିବା ଉଚିତ। ଆମକୁ ଜିତିବାକୁ ପଡ଼ିବ। ବିଜୟ ପାଇଁ ଆମକୁ ଏକତା ଆବଶ୍ୟକ ବୋଲି ଷ୍ଟାଲିନ୍ କହିଛନ୍ତି।

ଶୁକ୍ରବାର ପାଟନାରେ ହେବାକୁ ଥିବା ବିରୋଧୀ ମେଳିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯୋଗଦେବେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସମେତ ଅନେକ ବିରୋଧୀ ନେତା ଆଗାମୀ ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ସକାଶେ ଏଥିରେ ସାମିଲ ହେବେ। ପ୍ରତ୍ୟେକ ଆସନରେ ଭୋଟ ବିଭାଜନକୁ ଏଡ଼ାଇବା ପାଇଁ ଭାଜପା ବିପକ୍ଷରେ ବିରୋଧୀଙ୍କ ପକ୍ଷରୁ ମିଳିତ ପ୍ରାର୍ଥୀ ଦେବା ଏହି ବୈଠକର ମୁଖ୍ୟ କାର୍ଯ୍ୟସୂଚୀ।

# ସିନ୍ଧିଆ ଗଞ୍ଜା, ନରୋତ୍ତମ ମଶା: କଂଗ୍ରେସ

**ଭୋପାଳ,୨୦।୬ :** ମଧ୍ୟପ୍ରଦେଶ କଂଗ୍ରେସ ଉପାଧ୍ୟକ୍ଷ ଦାମୋଦର ଦାସ ଯାଦବଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି,ଯେଉଁଥିରେ ସେ କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ସେ ସିନ୍ଧିଆଙ୍କୁ ଗଞ୍ଜା ଏବଂ ନରୋତ୍ତମଙ୍କୁ ମଶା ବୋଲି କହିଛନ୍ତି। ଭାଇରାଲ ଭିଡିଓରେ ଦାମୋଦର କହୁଛନ୍ତି, ଆମେ ସିନ୍ଧିଆଙ୍କୁ ମହାରାଜ କରିଥିଲୁ, କିନ୍ତୁ ଏହା କଂଗ୍ରେସର ଭୁଲ ଥିଲା। ଏହି ବ୍ୟକ୍ତି ରାଜାଙ୍କ ସୈନ୍ୟବାହିନୀରେ ଯୋଗଦେବାକୁ ମଧ୍ୟ ଯୋଗ୍ୟ ନ ଥିଲେ। ମୁଁ ଭାଜପାକୁ କୃତଜ୍ଞତା ଜଣାଇବାକୁ ଚାହୁଁଛି, ସେମାନେ ତାଙ୍କୁ ଭାଇ ସାହେବ କରିଛନ୍ତି। ଆଉ ଗଞ୍ଜା ମଧ୍ୟ କରି ଦେଇଛନ୍ତି। ଏଥିସହିତ ସେ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କୁ ସମାଲୋଚନା କରି କହିଛନ୍ତି, ୨୫ ତାରିଖ ଦିନ ଦତିୟାରେ ମୋର ଯାତ୍ରା ଶେଷ କରିବି। ଆଉ ନରୋତ୍ତମଙ୍କ ରାଜନୀତି ମଧ୍ୟ ଶେଷ ହେବ। ଗୁଣ୍ଡାଗିରି କରୁଥିବା ଲୋକେ ଶୁଣ, ଆମେ ତୁମର ନରୋତ୍ତମକୁ ମଶା ବୋଲି ଭାବୁଛୁ ମାନେ ଅନ୍ୟମାନଙ୍କୁ ହେୟ ଜ୍ଞାନ କରୁଛୁ ବୋଲି ଦାମୋଦର କହିଛନ୍ତି।

## Business

# ହୋଣ୍ଡା ସାଇନ୍ ୧୨୫ ଉନ୍ମୋଚିତ

ନୂଆଦିଲ୍ଲୀ,୨୦।୬: (ଅଭୟ ଦାଶ)

ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ହୋଣ୍ଡା ସାଇନ୍ ୧୨୫ ମଡେଲର ନିକଟରେ ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ସୁସୁମୁ ଓଟାନି କହିଛନ୍ତି, ୧୨୫ ସିସି ମୋଟରସାଇକେଲ କ୍ଷେତ୍ରର ନେତୃତ୍ୱ ନେଉଥିବା ବ୍ରାଣ୍ଡ୍ ସାଇନ୍ ହେଉଛି ଆମ ଗ୍ରାହକମାନଙ୍କ ଭଲ ପାଇବା ଓ ବିଶ୍ୱାସର ପ୍ରତିଫଳନ। ୨୦୨୩ ସାଇନ୍ ୧୨୫ ଉନ୍ମୋଚନ ଉପରେ ଆମର ବିଶ୍ୱାସ ରହିଛି। ଏପରିକି ବଜାରରେ ଏହା ଏକ ନୂଆ ମାନଦଣ୍ଡ ସୃଷ୍ଟି କରିବ ଏବଂ ଆମର ସ୍ଥିତିକୁ ଆହୁରି ସୁଦୃଢ଼ କରିବ। ସେହିଭଳି ହୋଣ୍ଡା ମୋଟରସାଇକେଲଆଣ୍ଡ୍ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ-ବିକ୍ରି ଓ ମାର୍କେଟିଂ ଯୋଗେଶ ମାଥୁର କହିଛନ୍ତି, ଶୁଭାରମ୍ଭ ହେବା ପରଠାରୁ ବ୍ରାଣ୍ଡ୍ ସାଇନ୍ ଭରସା ଓ ବିଶ୍ୱାସର ପରିପୂରକ ହୋଇରହିଛି। ହୋଣ୍ଡାର ଉତ୍କୃଷ୍ଟ ପ୍ରଯୁକ୍ତି, ଉନ୍ନତ ସୁବିଧାସୁଯୋଗ ଏବଂ ସ୍ୱତନ୍ତ୍ର ୧୦ ବର୍ଷର ୱାରେଣ୍ଟି ସହିତ ନୂଆ ସାଇନ ଗ୍ରାହକମାନଙ୍କୁ ଅଦମ୍ୟ ମୂଲ୍ୟ ଓ ମାନସିକ ଶାନ୍ତି ପ୍ରଦାନ କରୁଛି। କମ୍ପାନୀ ପକ୍ଷରୁ ୧୦ ବର୍ଷର ସ୍ୱତନ୍ତ୍ର ୱାରେଣ୍ଟି (୩ ବର୍ଷ ସାଧାରଣ ଓ ୭ ବର୍ଷ ବର୍ଦ୍ଧିତ ବିକଳ୍ପ ୱାରେଣ୍ଟି ପ୍ରଦାନ କରୁଛି। ଅପରପକ୍ଷରେ ଡ୍ରମ୍ ଓ ଡିସ୍କ ଭଳି ଦୁଇଟି ଭାରିଆଣ୍ଟରେ ଉପଲବ୍ଧ ହୋଇଥିବା ହୋଣ୍ଡା ସାଇନ୍‌ର ମୂଲ୍ୟ ଯଥାକ୍ରମେ ୭୯,୮୦୦ ଟଙ୍କା ଓ ୮୩,୮୦୦ ଟଙ୍କା ରହିଛି। ସେହିପରି ଏହା ବ୍ଲାକ୍, ଜେନି ଗ୍ରେ ମେଟାଲିକ୍, ମ୍ୟାଟ୍ ଆକ୍ସିସ୍ ଗ୍ରେ, ରିବେଲ୍ ରେଡ୍ ମେଟାଲିକ୍ ଓ ଡିସେଣ୍ଟ୍ ବ୍ଲୁ ମେଟାଲିକ୍ ରଙ୍ଗରେ ଉପଲବ୍ଧ ହେଉଛି।



## ଇନ୍‌ଫିନିକ୍ସର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୦।୬

ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଇନ୍‌ଫିନିକ୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଉତ୍ପାଦ 'ନୋଟ୍ ୩୦ ୫ଜି'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଇନ୍‌ଫିନିକ୍ସ ଇଣ୍ଡିଆର ସିଇଓ ଅନିଶ କପୁର କହିଛନ୍ତି, ଆମେ ଟେକ୍ନୋଲୋଜି ଓ ଉତ୍ପାଦ କ୍ଷେତ୍ରରେ ନିରନ୍ତର ଉଦ୍ଭାବନ ସହିତ ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଏପରିକି ଇନ୍‌ଫିନିକ୍ସର ନୋଟ୍ ସିରିଜ୍ ଉନ୍ନତ ଉତ୍ପାଦ ଅନୁଭୂତି ଆଣିବା କ୍ଷେତ୍ରରେ ଏକ ବଡ ସଫଳତା ପ୍ରମାଣିତ ହୋଇଛି।

# ବଜାରରେ କେଣ୍ଟ୍ ଗ୍ରାଣ୍ଡ ଷ୍ଟାର୍

ନୂଆଦିଲ୍ଲୀ,୨୦।୬




କେଣ୍ଟ୍ ଆର୍‌ଓ ସିଷ୍ଟମ୍ସ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କେଣ୍ଟ୍ ଗ୍ରାଣ୍ଡ ଷ୍ଟାର୍-ବି ୱାଟର ପୁରିଫାୟରର ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କେଣ୍ଟ୍‌ର ଏହି ନୂତନ ଉତ୍ପାଦ ଅତ୍ୟନ୍ତ କ୍ଷମତାଶାଳୀ ଓ ବିଶୁଦ୍ଧାତ୍ମକ କଳାରଙ୍ଗର ମଡେଲ ବଜାରରେ ଉପଲବ୍ଧ। ଏଥିରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାମିଲ ରହିଥିବାବେଳେ ଏହା ଦେଶର ସମସ୍ତ କେଣ୍ଟ୍ ଡିଲରଶିପ୍ ପଏଣ୍ଟ ଏବଂ ରିଟେଲ ଆଉଟ୍‌ଲେଟ୍ ସମେତ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଆମାଜନ ଓ ଫ୍ଲିପ୍‌କାର୍ଟରେ ମଧ୍ୟ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡ୍ ସର୍ବଦା ଗ୍ରାହକଙ୍କ ଚାହିଦା ସାଙ୍ଗକୁ ଗୁଣାତ୍ମକ ଉତ୍ପାଦ ବଜାରରେ ଉପଲବ୍ଧ କରାଇଥାଏ। ଏପରିକି ଶତପ୍ରତିଶତ ବିଶୁଦ୍ଧ ଜଳ ଗ୍ରାହକଙ୍କୁ ଯୋଗାଇଦେଇଥାଏ।

# ବାତ୍ୟା ବିପର୍ଯ୍ୟୟ ପୀଡ଼ିତଙ୍କୁ ଏଲ୍ଆଇସିର ସହାୟତା

ନୂଆଦିଲ୍ଲୀ,୨୦।୬:

ଭାରତୀୟ ଜୀବନବୀମା ନିଗମ(ଏଲ୍ଆଇସି)ର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତି ନିକଟରେ ଘଟିଯାଇଥିବା ବାତ୍ୟା ବିପର୍ଯ୍ୟୟ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି। ବିଶେଷକରି ବାତ୍ୟା ବିପର୍ଯ୍ୟୟରେ ପ୍ରଭାବିତ ଅଥବା କ୍ଷୟକ୍ଷତି ହୋଇଥିବା ଅଞ୍ଚଳର ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ମହାନ୍ତି କହିଛନ୍ତି, ଏଲ୍ଆଇସି ବୀମାଧାରୀଙ୍କ ସମେତ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାର ହିତାଧିକାରୀମାନଙ୍କୁ ସହଜରେ ବୀମା ସୁବିଧା ପ୍ରଦାନ କରାଯିବ। ଏପରିକି ବାତ୍ୟା ବିପର୍ଯ୍ୟୟରେ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ନିଗମ ପକ୍ଷରୁ ମଧ୍ୟ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ସେହିଭଳି ବିପର୍ଯ୍ୟୟରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ନିଗମର କର୍ମଚାରୀ ଓ ଅଧିକାରୀମାନେ ମଧ୍ୟ ପହଞ୍ଚିବା ସହ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କିମ୍ବା ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ନିୟୋଜିତ ଅଧିକାରୀମାନଙ୍କଠାରୁ ପ୍ରାପ୍ତ ଚିଠାକୁ ମଧ୍ୟ ନିକଟସ୍ଥ ନିଗମ କାର୍ଯ୍ୟାଳୟ ଅଥବା http://10.240.3.226/cs Ticket/scp/login.php ଜରିଆରେ ମଧ୍ୟ କ୍ଷତିଗ୍ରସ୍ତ ବୀମା ହିତାଧିକାରୀ ସେମାନଙ୍କ ସମସ୍ତ କାଗଜପତ୍ର ଉପରୋକ୍ତ ୱେବ୍‌ସାଇଟରେ ଅପ୍‌ଲୋଡ୍ କରି ପାରିବେ ବୋଲି ନିଗମ ପକ୍ଷରୁ କୁହାଯାଇଛି।

# ଜେଇଇ(ଆଡଭାନ୍ସଡ୍)ରେ ଆକାଶ ବାଇଜୁସ୍‌ର ବାଜିମାତ୍

ନୂଆଦିଲ୍ଲୀ,୨୦।୬:

ଦେଶର ପ୍ରମୁଖ ଘରୋଇ କୋଚିଂ ସେଣ୍ଟର ତଥା ଟେଷ୍ଟ ପ୍ରସ୍ତୁତି କ୍ଷେତ୍ରରେ ଜାତୀୟ ସ୍ତରର ଅଗ୍ରଣୀ ଅନୁଷ୍ଠାନ ଆକାଶ ବାଇଜୁସ୍ ଚଳିତ ବର୍ଷର ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଆଡଭାନ୍ସଡ୍-୨୦୨୩ ଫଳାଫଳରେ ଉଲ୍ଲେଖନୀୟ ସଫଳତା ସହ ବାଜିମାତ୍ କରିଛି। ଏପରିକି ଜେଇଇ (ଆଡଭାନ୍ସଡ)-୨୦୨୩ ର ଅଲ୍ ଇଣ୍ଡିଆ ର୍ୟାଙ୍କ (ଏଆଇଆର୍) ଅନୁସାରେ ଶ୍ରେଷ୍ଠ-୫୦ତମ ସ୍ଥାନରେ ଆକାଶ ବାଇଜୁସ୍‌ର ୮ ଜଣ ଛାତ୍ରୀଛାତ୍ର ସ୍ଥାନ ପାଇଥିବାବେଳେ ଶ୍ରେଷ୍ଠ ୧୦୦ ତମ ସ୍ଥାନରେ ଅନୁଷ୍ଠାନର ୯ ଜଣ ଛାତ୍ରୀଛାତ୍ର ସାମିଲ ଅଛନ୍ତି। ସେହିଭଳି ଶ୍ରେଷ୍ଠ ୨୦୦ତମ ସ୍ଥାନରେ ୨୦ଜଣ, ଶ୍ରେଷ୍ଠ ୫୦୦ତମ ସ୍ଥାନରେ ୪୩ ଜଣ ଏବଂ ଶ୍ରେଷ୍ଠ ୧୦୦୦ତମ ସ୍ଥାନରେ ୮୩ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ସହ ସାମିଲ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ରବିବାର ଆଇଆଇଟି ଗୁଆହାଟୀ ପକ୍ଷରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ)ଆଡଭାନ୍ସଡ-୨୦୨୩ର ଫଳାଫଳ ଘୋଷଣା କରାଯାଇଥିଲା। ଉକ୍ତ ଫଳାଫଳ ଅନୁଯାୟୀ ଆକାଶ ବାଇଜୁସ୍‌ର ମୋଟ ୨୨୫୫ ଜଣ ଛାତ୍ରୀଛାତ୍ର ଏଥିରେ ବେଶ୍ ପ୍ରଭାବୀ ପ୍ରଦର୍ଶନୀ ସହ ସଫଳତା ହାସଲ କରିଛନ୍ତି। ଏପରିକି ୨୨୫୫ରୁ ୨୦୭୫ ଜଣ ଛାତ୍ରୀଛାତ୍ର ଆକାଶ ବାଇଜୁସ୍‌ର କ୍ଲାସ୍‌ରୁମ୍ ପ୍ରୋଗ୍ରାମ ଏବଂ ୧୮୦ ଜଣ ଡିଏଲ୍‌ପି/ ଡିଜିଟାଲ କୋର୍ସରୁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ଆକାଶ ବାଇଜୁସ୍‌ର ବିଭିନ୍ନ ସେଣ୍ଟରର ଶ୍ରେଷ୍ଠ ସ୍କୋରଧାରୀ ମଧ୍ୟରେ ଆଦିତ୍ୟ ନୀରଜେ (ଏଆଇଆର୍-୨୭), ଆକାଶ ଗୁପ୍ତା (ଏଆଇଆର୍-୨୮), ତନିସ୍କ ମାନ୍ଧାନେ(ଏଆଇଆର୍-୨୯), କାମାୟାକ୍ ଚାନା (ଏଆଇଆର୍-୩୧), ଧ୍ରୁବ ସଞ୍ଜୟ ଜୈନ୍ (ଏଆଇଆର-୩୬), ଶିବାଶୁ କୁମାର (ଏଆଇଆର୍-୪୨) ଶ୍ରେଷ୍ଠ ୫୦ତମ ସ୍ଥାନରେ ରହିଥିବାବେଳେ ଭୁବନେଶ୍ୱର ସେଣ୍ଟରର ଅଲିଭ ସାହୁ (ଏଆଇଆର୍- ୩୨୬), ପ୍ରତ୍ୟୁଷ ସ୍ୱାଇଁ (ଏଆଇଆର୍-୪୩୯) ଏବଂ ପ୍ରିୟଙ୍କା ସର (ଏଆଇଆର୍-୬୨୧) ଓ ବରୁଣ ମିଶ୍ର (ଏଆଇଆର୍-୯୮୧) ର୍ୟାଙ୍କ ହାସଲ କରିଛନ୍ତି। ବିଶେଷକରି ଜେଇଇ(ଆଡଭାନ୍ସଡ)-୨୦୨୩ରେ ବେଶ୍ ପ୍ରଭାବୀ ପ୍ରଦର୍ଶନୀ ସହ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ର ଆକାଶ ବାଇଜୁସ୍‌ର କ୍ଲାସ୍‌ରୁମ୍ ପ୍ରୋଗ୍ରାମ ଏବଂ ଡିଏଲ୍‌ପି/ ଡିଜିଟାଲ କୋର୍ସରୁ ମନୋନୀତ ହୋଇଛନ୍ତି।

# 'ୟୁରୋ ନେଫ୍ରୋ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସ' ଉଦ୍‌ଘାଟିତ

ଭୁବନେଶ୍ୱର,୨୦।୬




ଆଡ଼ଭାନ୍ସଡ ୟୁରୋକେୟାର୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପଟିଆ ଶ୍ରୀ ବିହାର ଠାରେ ଏକ ଅତ୍ୟାଧୁନିକ 'ୟୁରୋ ନେଫ୍ରୋ ସେଣ୍ଟର ଅଫ୍ ଏକ୍ସେଲେନ୍ସ' ସେଣ୍ଟରର ଶୁଭରାମ୍ଭ କରାଯାଇଛି। ଏହି ଅବସରରେ ଓଇଆର୍‌ସି ଅଧ୍ୟକ୍ଷ ଆଇ.ଏ.ଏସ୍ ସୁରେଶ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗେଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଫିଜିସିଆନ୍ ଚିକିତ୍ସକ ଡ଼ଃ. ପୁର୍ଣ୍ଣଚନ୍ଦ୍ର ରଥ ଏବଂ ବରିଷ୍ଠ ୟୁରୋଲଜିଷ୍ଟ ପରାମର୍ଶଦାତା ଡ଼ଃ. ଦେବଦର୍ଶୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ୟୁରୋଲୋଜି ଏବଂ ନେଫ୍ରୋଲୋଜି ପାଇଁ ଏହା ଏକ ଉତ୍ସର୍ଗୀକୃତ ସୁପର ସ୍ପେସିଆଲିଟି କେନ୍ଦ୍ର ହେବ ବୋଲି ଆଡ଼ଭାନ୍ସଡ ୟୁରୋକେୟାର୍ ପକ୍ଷରୁ କହୁଯାଇଛି। ସେହିଭଳି ଏହି ୟୁନିଟ୍‌ରେ ଅଭିଜ୍ଞ ଡ଼ାକ୍ତରଙ୍କ ଏକ ଦଳ ସମାଜର ପ୍ରତ୍ୟେକ ସ୍ତରରେ ସୁଲଭ ମୂଲ୍ୟରେ ତୃତୀୟ ସ୍ତରର ଚିକିତ୍ସା ଯୋଗାଇଦେବା ପାଇଁ ଏକ ମିସନ୍ ରହିଛି, ଆହୁରି ମଧ୍ୟ ସେ କହିଛନ୍ତି ଯେ 'ବିଏସ୍‌କେୱାଇ' ସହିତ ସମସ୍ତ ପ୍ରକାରର ସ୍ୱାସ୍ଥ୍ୟ ବୀମାକୁ ଅନ୍ତର୍ଭୁକ୍ତ କରି ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦିଆଯିବ। ଏହିପରି ଉତ୍ତମମାନର ସ୍ୱାସ୍ଥ୍ୟସେବା ଉପରେ ଓ ଭରଷା ଓ ବିଶ୍ୱସନୀୟତା ପାଇଁ ଡ଼ଃ ରଥ ସମସ୍ତ ରୋଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମାଲାବାର ସହ ପୁଣି ଯୋଡ଼ିହେଲେ ଏନ୍‌ଟିଆର୍ ଜୁନିୟର

ନୂଆଦିଲ୍ଲୀ,୨୦।୬


ଏନ୍‌ଟିଆର ଜୁନିୟର

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ଗ୍ଲୋବାଲ ରିଟେଲ ଚେନ୍ 'ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ' ସହ ପୁଣି ଥରେ ଜଣାଶୁଣା ଦକ୍ଷିଣ ଭାରତୀୟ ଅଭିନେତା ନନ୍ଦାମୁରୀ ତାରକ ରାମା ରାଓ ବା ଏନ୍‌ଟିଆର ଜୁନିୟର ଯୋଡ଼ିହୋଇଛନ୍ତି। ଏପରିକି ମାଲାବାରର ଆଗାମୀ ଗ୍ରାହକ ଅଭିଯାନରେ ଏନ୍‌ଟିଆର୍ ଜୁନିୟରଙ୍କୁ ଉଭୟ ଗ୍ରାହକ ଓ ଫ୍ୟାନ୍ ଦେଖିବାକୁ ପାଇବେ ବୋଲି ମାଲାବାର ଗ୍ରୁପ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି,ଆମେ ଏନ୍‌ଟିଆର୍ ଜୁନିୟରଙ୍କୁ ପାଇ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏନ୍‌ଟିଆର୍ ଜୁନିୟର ଭାରତର ସବୁ କ୍ଷେତ୍ର ଓ ଅଞ୍ଚଳରେ ବେଶ୍ ପରିଚିତ। ଏପରିକି ସେ ଜଣେ ମହାନ୍ ଅଭିନେତା ଏବଂ ତାଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଆମ ବ୍ରାଣ୍ଡ ପ୍ରସ୍ତାବକୁ ଆହୁରି ବଢାଇବ ବୋଲି ଆମେ ଆଶା କରୁଛୁ। ଅତୀତରେ ଏନ୍‌ଟିଆର୍ ଜୁନିୟରଙ୍କ ସହିତ ଆମର ଏକ ଅଦ୍ଭୁତ ସଂଯୋଗ ରହିଥିଲା। ସେହିଭଳି ବିଶ୍ୱର ନମ୍ବର ୧ ଅଳଙ୍କାର ଖୁଚୁରା ବ୍ୟବସାୟୀ ହେବା ପାଇଁ ରହିଥିବା ଆମର ଅଭିଳାଷର ଗ୍ରହଣୀୟତାକୁ ପୁନରୁଦ୍ଧାର କରିବାରେ ଜୁନିୟରଙ୍କ ଯୋଗଦାନ ବେଶ୍ ସାହାଯ୍ୟ କରିବ। ଆମେ ଚଳିତ ବର୍ଷ ଆମର ୩୦ତମ ବାର୍ଷିକୀ ଉତ୍ସବ ପାଳନ କରୁଥିବା ବେଳେ ମୂଲ୍ୟବାନ୍ ଗ୍ରାହକମାନଙ୍କୁ ସ୍ୱଚ୍ଛତା, ଅଳଙ୍କାର ବିବିଧତା ଏବଂ କାରିଗରି ଶିଳ୍ପରେ ବିଶ୍ୱସ୍ତରୀୟ ଅଳଙ୍କାର କ୍ରୟ ଅଭିଜ୍ଞତା ପ୍ରଦାନ କରିବାକୁ ଆମର ପ୍ରତିବଦ୍ଧତାକୁ ନିଶ୍ଚିତ କରିବାକୁ ଚାହୁଁଛୁ। ଅପରପକ୍ଷରେ ଏନ୍‌ଟିଆର୍ ଜୁନିୟର କହିଥିଲେ, ମୁଁ ପୁଣି ଥରେ ମାଲାବାର ଗୋଲ୍ଡ ଡାଇମଣ୍ଡସ ସହ ଯୋଡି ହୋଇ ବହୁତ ଖୁସି ଅଛି।

# ଆଇଏମ୍ଏମ୍‌ଟି ଭୁବନେଶ୍ୱର ସହ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବୁଝାମଣା

ଭୁବନେଶ୍ୱର,୨୦।୬

ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ (ଏଏମ୍-ଏନ୍ଏସ୍) ଇଣ୍ଡିଆର ଓଡ଼ିଶା ୟୁନିଟ୍ ଏବଂ କେନ୍ଦ୍ରୀୟ ଗବେଷଣା ସଂସ୍ଥା ସିଏସଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱର ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ନିମ୍ନମାନର ଲୁହାପଥର ଓ ଲୁହାପଥର ପେଲେଟ୍ ପ୍ରକ୍ରିୟାକରଣ କ୍ଷେତ୍ରରେ ଗବେଷଣା ଓ ବିକାଶର ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଉକ୍ତ ଏମ୍ଓୟୁ ସ୍ୱାକ୍ଷାରିତ ହୋଇଥିବା ଜଣାପଡିଛି। ଏପରିକି ଏଏମ୍ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଆସେଟସ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ସୁରେଶା ଏବଂ ସିଏସଆଇଆର୍-ଆଇଏମ୍ଏମ୍‌ଟିର ଖଣିଜ ପ୍ରକ୍ରିୟାକରଣ ଓ ବ୍ୟବସାୟ ବିକାଶର ମୁଖ୍ୟ ବୈଜ୍ଞାନିକ ଡ. ଅଶୋକ ସାହୁଙ୍କ ଦ୍ୱାରା ଉକ୍ତ ଏମ୍ଓୟୁ ସ୍ୱାକ୍ଷର ହୋଇଛି। ଏହି ପରିପ୍ରେକ୍ଷୀରେ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ଡ.ରାମାନୁଜ ନାରାୟଣ, ବୈଜ୍ଞାନିକ ଏଚ୍ ଏବଂ ଟିକେଡିଏଲ୍ ସିଏସ୍ଆଇଆର୍ ମୁଖ୍ୟ ଡ. ବିଶ୍ୱଜାନାନୀ, ନୂଆଦିଲ୍ଲୀ ବୈଜ୍ଞାନିକ ଏବଂ ସିଏସଆଇଆର୍-ଆଇଏମ୍ଏମ୍‌ଟି ଏବଂ ଏଏମ୍-ଏନ୍ଏସ୍ ଇଣ୍ଡିଆର ପାରାଦୀପ ୟୁନିଟ୍ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିଏସଆଇଆର୍-ଆଇଏମ୍ଏମ୍‌ଟି ଏମ୍‌ଡିର ପ୍ରମୁଖ ବୈଜ୍ଞାନିକ ସଚ୍ଚିଦାନନ୍ଦ ସାହୁ ଓ ଏଏମ୍ଏନ୍ଏସ୍ ଇଣ୍ଡିଆର ଗବେଷଣା ଓ ବିକାଶ ଉପପ୍ରବନ୍ଧକ ସୌମ୍ୟ ସାହୁ ସଂଯୋଜନା କରିଥିଲେ।


ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଏବଂ ଏଏମ୍ଏନ୍ଏସ୍ ଇଣ୍ଡିଆ ମଧ୍ୟରେ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

# ସୁସ୍ୱାସ୍ଥ୍ୟର ଚାବିକାଠି : ଯୋଗ



ରବର୍ଟ ବେନ୍‌ସନ୍ ଥିଲେ ଆମେରିକାସ୍ଥିତ ହାର୍ଭାର୍ଡ ମେଡିକାଲ ସ୍କୁଲର ପ୍ରଫେସର। ନିଜର କେତେଜଣ ସହକର୍ମୀଙ୍କୁ ନେଇ ୧୯୮୫ ମସିହାରେ ସେ ପରିଦର୍ଶନ କରିଥିଲେ ଉତ୍ତର ଭାରତରେ ଥିବା ଏକ ତିବ୍ବତୀୟ ସନ୍ନ୍ୟାସୀ ଆଶ୍ରମ। ଆଶ୍ରମଟି ଅବସ୍ଥିତ ଥିଲା ହିମାଳୟର ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ। ସେଠାରେ କ'ଣ ଦେଖିଲେ ପ୍ରଫେସର ବେନ୍‌ସନ୍ ଓ ତାଙ୍କର ସହଗବେଷକମାନେ ? ସେମାନେ ଦେଖିଲେ ଯେ ଆଶ୍ରମର ସନ୍ନ୍ୟାସୀଗଣ ଗଭୀର ଭାବରେ ଧ୍ୟାନମଗ୍ନ। ବାହାରର ତାପମାତ୍ରା ଥିଲା ମାଇନସ ୨୦ ଡିଗ୍ରୀ ସେଲସିୟସ। ଅଥଚ ସନ୍ନ୍ୟାସୀମାନେ ନିଜ ଶରୀରକୁ ଆବୃତ୍ତ କରି ରଖିଥିଲେ ଓଦା ବସ୍ତ୍ରରେ। ୧୫,୦୦୦ ଫୁଟ ଉଚ୍ଚତାରେ ମଧ ସେମାନେ ବେଶ୍ ଶାନ୍ତି ଓ ଆରାମରେ ନିଦ୍ରା ଯାଉଥିଲେ। ପୁଣି ନିଦ୍ରା ଯାଉଥିଲେ ପଥର ଚଟାଣ ଉପରେ। ସେମାନଙ୍କର ଦେହରେ ଥିଲା କେବଳ ପତଳା ଶାଲ୍।

ତିବ୍ବତୀୟ ସନ୍ନ୍ୟାସୀମାନଙ୍କର ଏପରି ଅସାଧାରଣ ସାମର୍ଥ୍ୟ ବିସ୍ମିତ କରିପକେଇଥିଲା ବେନ୍‌ସନ୍‌ଙ୍କ ଗୋଷ୍ଠୀକୁ। ବେନ୍‌ସନ୍ ଉଲ୍ଲେଖ କରିଛନ୍ତି ଯେ ସନ୍ନ୍ୟାସୀମାନଙ୍କଠାରେ ଏଭଳି ଅନୁକୂଳ ଶାରୀରିକ ଓ ମାନସିକ ସାମର୍ଥ୍ୟ ସମ୍ଭବ ହୋଇଥିଲା ଯୋଗର ପ୍ରଭାବ ଯୋଗୁ। ପରବର୍ତ୍ତୀ ସମୟରେ ବେନ୍‌ସନ୍ ଯୋଗ ଓ ଧ୍ୟାନ ପଦ୍ଧତିକୁ ନିଜର ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଉତ୍କଣ୍ଠା ଓ ଉଦ୍‌ବେଗରେ ତଥା ନିଦ୍ରାହୀନତାରେ ପୀଡ଼ିତ ରୋଗୀଙ୍କଠାରେ ପ୍ରୟୋଗ କରି ବେଶ୍ ସୁଫଳ ପାଇଥିଲେ। ମାନସିକ ପ୍ରଶାନ୍ତି ଓ ଧ୍ୟାନ ଆଧାରିତ ଯୋଗ ଚିକିତ୍ସା ପଦ୍ଧତିର ଅନୁଧ୍ୟାନ ପ୍ରଫେସର ବେନ୍‌ସନ୍ କରିଥିଲେ ବୋଷ୍ଟନସ୍ଥିତ ମାଇଣ୍ଡ/ବଡି ଇନ୍‌ଷ୍ଟିଚ୍ୟୁଟ ବା ମନ/ଶରୀର ପ୍ରତିଷ୍ଠାନରେ। ତାଙ୍କ ଅନୁଧ୍ୟାନର ଫଳାଫଳ ଗବେଷଣା ପତ୍ରିକାଗୁଡିକରେ ପ୍ରକାଶ ପାଇବା ପରେ ପରେ ରୋଗ ଚିକିତ୍ସାରେ ଭାରତୀୟ ଯୋଗ ପଦ୍ଧତିର ପ୍ରୟୋଗ ବିଷୟରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକରେ ବିଶେଷ ଭାବରେ ଆଗ୍ରହ ପ୍ରକାଶ ପାଇଲା।

ମାତ୍ର ପ୍ରଶ୍ନ ଉଠେ, ଧ୍ୟାନ, ପ୍ରାଣାୟାମ, ଆସନ ଆଦି ଯୋଗ ପଦ୍ଧତିମାନ ରୋଗ ଆରୋଗ୍ୟ କରିବାରେ ସହାୟକ ହୋଇପାରୁଛି କିପରି ? ଆଚ୍ଛା କୁହନ୍ତୁ ତ, 'ଆପଣଙ୍କର ପରମ ଶତ୍ରୁ କିଏ ? ପୁଣି କିଏ ଆପଣଙ୍କର ପରମ ମିତ୍ର ? କୁହାଯାଉଛି ଯେ, ଆମ ମନ ହିଁ ଆମର ପରମ ଶତ୍ରୁ ଆଉ ସେହି ମନ ହିଁ ଆମର ପରମ ମିତ୍ର ମଧ୍ୟ। ମନଟା କାଁ ଭାଁ ସିନା ସ୍ଥିର, ଶାନ୍ତ ଓ ଏକାଗ୍ର, ମାତ୍ର ଅଧିକାଂଶ ସମୟରେ ଅସ୍ଥିର, ଅଶାନ୍ତ, ବିକ୍ଷିପ୍ତ, ବିଭ୍ରାନ୍ତ ତଥା ଅନ୍ୟମନସ୍କ। ସେଥିପାଇଁ ମନ ଉପରେ ଲଗାମ ଦେବା ମହାକଷ୍ଟ। କିନ୍ତୁ ମନକୁ ଶୃଙ୍ଖଳିତ ତଥା ନିୟନ୍ତ୍ରିତ କରି ନ ପାରିଲେ ଜୀବନରେ ଆଖିଦୃଶିଆ ଅଗ୍ରଗତି କରିବା ସମ୍ଭବ ନୁହେଁ।

କିଛି ବର୍ଷ ତଳେ ଟାଇମ୍ ମାଗାଜିନ୍ ଉଲ୍ଲେଖ କରିଥିଲା ଯେ ଏକବିଂଶ ଶତାବ୍ଦୀରେ ଜନସାଧାରଣଙ୍କର ସବୁଠାରୁ ମାରାତ୍ମକ ଶତ୍ରୁ ହେଉଛି ମାନସିକ ଚାପ ବା 'ଷ୍ଟ୍ରେସ୍'। ଏହି ଅତ୍ୟଧିକ ମାନସିକ ଚାପ ଯୋଗୁ ସମାଜରେ ବଢ଼ି ବଢ଼ି ଚାଲିଛି ଉଚ୍ଚ ରକ୍ତଚାପ ହାର। ଉଚ୍ଚ ରକ୍ତଚାପକୁ କୁହାଯାଉଛି 'ସାଇଲେଣ୍ଟ କିଲର' ବା ନୀରବ ହତ୍ୟାକାରୀ। ଭାରତରେ ଏହି ରୋଗରେ ଆକ୍ରାନ୍ତ ରୋଗୀମାନଙ୍କର ସଂଖ୍ୟା ପ୍ରାୟ ୧୦ କୋଟିରୁ ଅଧିକ। ହେଲେ ଏହାର ରହିଛି ଏକ ଅତି ସହଜ ତଥା ସରଳ ଆରୋଗ୍ୟ ପଦ୍ଧତି। ତାହା ହେଉଛି ପରମାନନ୍ଦ ବା ପରମ ସୁଖଦ ଅନୁଭବ।

ଶରୀର ଓ ମନ ଏତେ ଅଙ୍ଗାଅଙ୍ଗୀ ଭାବରେ ଯୁକ୍ତ ଯେ ଗୋଟିଏ ଉପରେ କୌଣସି ଏକ ପ୍ରଭାବ ସ୍ୱତଃ ଅନ୍ୟଟିକୁ ପ୍ରଭାବିତ କରିପକାଏ। ତେଣୁ ଯୋଗ କଲେ ମନ ଏକ ଉନ୍ନତ ପର୍ଯ୍ୟାୟକୁ ଉନ୍ନୀତ ହୋଇଯାଏ। ଫଳରେ ମନ ହୋଇଯାଏ ସମ୍ପୂର୍ଣ୍ଣ ପ୍ରଶାନ୍ତ। ମନ ପ୍ରଶାନ୍ତ ହେବା ସଙ୍ଗେ ସଙ୍ଗେ ଶରୀରର କୋଷଗୁଡିକରେ ମେଟାବୋଲିଜମ୍ ବା ଯୋପଚୟ ପ୍ରକ୍ରିୟା ହୋଇପଡେ ସମ୍ପୂର୍ଣ୍ଣ ମନ୍ଥର। ମନ୍ଥର ହୋଇଯାଏ ଶ୍ୱାସକ୍ରିୟାର ହାର। ନିସ୍ତବ୍ଧ ହୋଇଯାଏ ସ୍ନାୟୁତନ୍ତ୍ର।

ଧ୍ୟାନ କରିବା ସମୟରେ ଚିନ୍ତା ପ୍ରକ୍ରିୟାର ଉତ୍ତେଜିତ ଅବସ୍ଥା ପ୍ରଶମିତ ହୋଇ ଜାତ ହୋଇପଡେ ଜୀବକୋଷୀୟ ସନ୍ତୁଳନ ଅବସ୍ଥା ବା ସମାବସ୍ଥା। ସ୍ୱାସ୍ଥ୍ୟ ଉପରେ ଏହି ଅବସ୍ଥାର ପ୍ରଭାବ ଅତ୍ୟନ୍ତ ଅନୁକୂଳ। ସୁତରାଂ ଯୋଗ କଲେ ରକ୍ତଚାପ କମିଯାଏ। ହୃଦ୍‌ରୋଗ ଓ ଡାଇବେଟିସ୍‌ର ହାର ହ୍ରାସ ପାଏ। ଊଣା ହୋଇଯାଏ କ୍ରୋଧ ଓ ମାନସିକ ଚାପ।

ବେଳ ଥିଲା, ଯେତେବେଳେ ଶରୀର ଉପରେ ମନର ପ୍ରଭାବ ବିଷୟରେ ଚିକିତ୍ସକମାନଙ୍କୁ ବିଶେଷ କିଛି ଜଣା ନ ଥିଲା। ଏବେ କିନ୍ତୁ ଧାରଣା ଦୃଢ଼ୀଭୂତ ହେବାରେ ଲାଗିଛି ଯେ, ଶାରୀରିକ କ୍ରିୟାଗୁଡ଼ିକ ବହୁଳାଂଶରେ ପ୍ରଭାବିତ କରିଥାଏ ବ୍ୟକ୍ତିର ମନସ୍ତତ୍ତ୍ୱ। ମନ ଅସୁସ୍ଥ ହୋଇ ଉତ୍କଣ୍ଠିତ ତଥା ଉଦ୍‌ବିଗ୍ନ ରହିଲେ ତାହା ଅନେକ ରୋଗର କାରଣ ହୋଇପଡେ। ସେହି ସବୁ ରୋଗଗୋଷ୍ଠୀକୁ କୁହାଯାଏ ଶାରୀରିକ ବ୍ୟାଧି ବା 'ସାଇକୋ ସୋମାଟିକ୍ ଡିଜିଜେସ୍'। ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ପେପ୍‌ଟିକ୍, ଅଲସର, ଏକ୍‌ଜିମା, ସୋରିଆସିସ୍ ଇତ୍ୟାଦି ଜାତ ହେବା ମୂଳରେ ରହିଛି ମୁଖ୍ୟ ଭୂମିକା।

ସାଂପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଆଦୌ ଅନୁକୂଳ ହୋଇପାରୁନାହିଁ। ଫଳରେ ବଢ଼ି ବଢ଼ି ଚାଲିଛି ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବେଗ ତଥା ଦୀର୍ଘକାଳୀନ ଅଣସଂକ୍ରାମକ ଜୀବନଶୈଳୀ ରୋଗମାନ। ଏଭଳି ଦୁଃସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଯୋଗ ହିଁ ପ୍ରଧାନ ଅବଲମ୍ବନ। ବ୍ୟକ୍ତିଟିଠାରେ ରହିଥାଇପାରେ ଅସାଧାରଣ ଶାରୀରିକ ସାମର୍ଥ୍ୟ, ମାତ୍ର ଏହା ସହିତ ମାନସିକ ସ୍ତରରେ ତା'ପରେ ସନ୍ତୁଳନ ଅବସ୍ଥା ନ ଥିଲେ ତା'ର ଜୀବନ ହୋଇପାରେ ଅତ୍ୟନ୍ତ ଦୁର୍ବିଷହ।

ମନେରଖିବା ଉଚିତ ଯେ, ଶରୀର, ମନ ଓ ଆତ୍ମାର ପୂର୍ଣ୍ଣାଙ୍ଗ ତଥା ସୁସଙ୍ଗତ ବିକାଶରେ ଯୋଗ ସାଧନା ଖୁବ୍ ସହାୟକ ହୋଇଥାଏ। ସୁତରାଂ ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ପ୍ରଭାବ। ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କଳା। ଏହା ଆବଶ୍ୟକ କରିଥାଏ ନିୟମିତ ଅଭ୍ୟାସ, ଧୈର୍ଯ୍ୟ ଏବଂ ସମୟ। ନିୟମିତ ଯୋଗ କରିଚାଲିଲେ ଧୀରେ ଧୀରେ ବିକାଶ ଲାଭ କରେ ମାନସିକ ସ୍ଥିରତା, ସନ୍ତୁଳନ, ଶ୍ୱାସକ୍ରିୟା ନିୟନ୍ତ୍ରଣ, ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି।

ଯୋଗ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। ଭାରତ ହିଁ ଯୋଗର ଜନ୍ମଭୂମି। ପ୍ରତିବର୍ଷ ଜୁନ୍ ୨୧କୁ 'ବିଶ୍ୱ ଯୋଗ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଦିବସ ପାଳନର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଯୋଗର ବିଭିନ୍ନ ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଏବଂ ସମ୍ପୂର୍ଣ୍ଣ ସୁସ୍ଥ ରହିବା ନିମନ୍ତେ ନିୟମିତ ଯୋଗ କରିବା ପାଇଁ ସେମାନଙ୍କୁ ପ୍ରେରଣା ପ୍ରଦାନ କରିବା।

**–ଡା. ନିତ୍ୟାନନ୍ଦ ସ୍ୱାଇଁ**
'ଅଭୀପ୍‌ସା', ସେକ୍ଟର–୬, ପ୍ଲଟ ନଂ–୧୧୩୧, ଅଭିନବ ବିଡାନାସୀ, କଟକ,
ମୋ : ୯୪୩୭୭୬୬୧୧୭

## 'ବସୁଧୈବ କୁଟୁମ୍ବକମ୍' — ଏ ବର୍ଷର ସ୍ଲୋଗାନ୍

ସୁସ୍ଥ ଶରୀର ଚାବିକାଠି ହେଉଛି ଯୋଗ। ଆଉ ଏ କ୍ଷେତ୍ରରେ ବର୍ତ୍ତମାନ ଭାରତର ଭୂମିକା ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ଚଳିତ ବର୍ଷ ଯୋଗ ଦିବସ ଅବସରରେ ଘୋଷିତ ସ୍ଲୋଗାନଟି ହେଉଛି 'ବସୁଧୈବ କୁଟୁମ୍ବକମ୍'। ଏହାର ଅର୍ଥ ଗୋଟିଏ ବିଶ୍ୱ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତ। ଏଭଳି ବାର୍ତ୍ତା ଉପରେ ଗୁରୁତ୍ୱ ଦେଲେ ଆମେ ଏକାଠି ହେବା ସହ ଯୋଗ ବିଷୟରେ ଅନେକ କଥା ଜାଣିପାରିବା। ବର୍ତ୍ତମାନର ଧାଁଧପଡ ଜୀବନରେ ନିଜକୁ ସୁସ୍ଥ ରଖିବା ଅପରିହାର୍ଯ୍ୟ। ତେଣୁ ପ୍ରତିଦିନ ବ୍ୟାୟାମ କରିବା ସହ କିଛି ସମୟ ଯୋଗ କରନ୍ତୁ। ଜନସାଧାରଣଙ୍କୁ ଏ ବିଷୟରେ ସଚେତନ କରାଇବା ଲାଗି ପ୍ରତିବର୍ଷ ଯୋଗ ଦିବସ ପାଳିତ ହେଉଅଛି। ଏବର୍ଷର ବାର୍ତ୍ତାକୁ ଯଦି ଜନସାଧାରଣ ହୃଦୟଙ୍ଗମ କରନ୍ତି, ତେବେ ଯୋଗ ସମଗ୍ର ବିଶ୍ୱରେ ଆହୁରି ପ୍ରସାରିତ ହୋଇପାରିବ।



## ଯୋଗ କରୁଥିଲେ...

ନିଜକୁ ସୁସ୍ଥ ତଥା ନୀରୋଗ ରଖିବା ପଛରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜିକାଲି ଅନେକେ ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିସାରିଲେଣି। ଯୋଗ କରିବା ପୂର୍ବରୁ ଏ ବିଷୟରେ ବିଶଦ୍ ଭାବରେ ଯୋଗ ବିଶେଷଜ୍ଞଙ୍କ ନିକଟରୁ ବୁଝି ନିଅନ୍ତୁ। ଯୋଗ କରିବା ପୂର୍ବରୁ ନିଜେ ସୁସ୍ଥ ରହିବା ନିହାତି ଦରକାର। ଏକ ନିରୋଳା ପରିବେଶରେ ଯୋଗ କରନ୍ତୁ। ପ୍ରତିଦିନ କେତେ ସମୟ ଯୋଗ କରିବେ ତାହା ପ୍ରଥମେ ସ୍ଥିର କରନ୍ତୁ। ଯେତିକି ସମୟ ଯୋଗ କରୁଛନ୍ତି ସେହି ସମୟ ଭିତରେ ନିଜ ମନକୁ ଶାନ୍ତ ରଖନ୍ତୁ। କାରଣ ଟେନ୍‌ସନ ଭିତରେ ଯୋଗକଲେ ତାହାର ସୁଫଳ ମିଳି ନ ଥାଏ। ଯୋଗ କରିବା ସମୟରେ ମନକୁ ରିଲାକ୍ସ ରଖନ୍ତୁ। ଭାରାକ୍ରାନ୍ତ ମନରେ ଆଦୌ ଯୋଗ କରନ୍ତୁ ନାହିଁ। ଯୋଗ ପାଇଁ କେତେକ ସରଞ୍ଜାମର ଆବଶ୍ୟକ ହୋଇଥାଏ। ତେଣୁ ସେଗୁଡ଼ିକୁ ଯୋଗାଡ଼ କରିନିଅନ୍ତୁ। ନିୟମିତ ଯୋଗକଲେ ତାହାର ଅଧିକ ସୁଫଳ ମିଳିଥାଏ। କେତେକ ଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ସେଥିପ୍ରତି ଧ୍ୟାନ ଦିଅନ୍ତୁ। ତରବର ହୋଇ ଯୋଗ କରନ୍ତୁ ନାହିଁ। ଯୋଗ କରିବା ସହ ଜଣେ ଟ୍ରେନରଙ୍କ ସହ ଯୋଗାଯୋଗରେ ରୁହନ୍ତୁ। ଏ ନେଇ କିଛି ସମସ୍ୟାର ସେ ସହଜରେ ସମାଧାନ କରିପାରିବେ।

ଫୁର୍‌ସତ୍

# ସୁସ୍ଥ ମନ ପାଇଁ ସଙ୍ଗୀତ




ବ୍ୟସ୍ତ ବହୁଳ ଜୀବନରେ ଅବସର ବିନୋଦନର ଆବଶ୍ୟକତା ରହିଛି। ଯାହାର ସହଜ ମାଧ୍ୟମ ହେଉଛି ସଙ୍ଗୀତ ଶୁଣିବା। ଏହାଦ୍ୱାରା ଭାରାକ୍ରାନ୍ତ ମନ ପ୍ରଫୁଲ୍ଲ ହୋଇଥାଏ। ଏକ ସୁସ୍ଥ ଓ ଅବସାଦମୁକ୍ତ ଜୀବନ ପାଇଁ ସଙ୍ଗୀତର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜୁନ ୨୧ରେ ବିଶ୍ୱ ସଙ୍ଗୀତ ଦିବସ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ସାରା ବିଶ୍ୱରେ ଅନେକ ସାର୍ବଜନୀନ ସ୍ଥାନ ଏବଂ ଅନୁଷ୍ଠାନଗୁଡିକରେ ସଂଗୀତଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏମିତିକି ଦେଶ ବିଦେଶର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ଏବଂ ନୂଆ କଳାକାରମାନଙ୍କ ଦ୍ୱାରା ମାଗଣା କନସର୍ଟ ମଧ୍ୟ ଆୟୋଜିତ ହୋଇଥାଏ। ଫ୍ରାନ୍ସରେ ଏହି ଦିବସକୁ 'ଫେଟେ ଦେ ଲା ମ୍ୟୁଜିକ୍' ବୋଲି କୁହାଯାଇଥାଏ।

୧୯୮୨ ମସିହାରେ ଫ୍ରାନ୍ସର ସଂସ୍କୃତି ମନ୍ତ୍ରୀ ଜ୍ୟାକ ଲାଙ୍ଗ୍ ଏବଂ ମ୍ୟୁଜିକ୍ କମ୍ପୋଜର ତଥା ରେଡିଓ ପ୍ରଡ୍ୟୁସର ମୌରିସ୍ ଫ୍ଲୁରେଟ୍‌ଙ୍କ ମିଳିତ ଉଦ୍ୟମରେ ପ୍ୟାରିସଠାରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ମଣିଷ ଶରୀରରେ ସଙ୍ଗୀତର ସକରାତ୍ମକ ପ୍ରଭାବ ସମ୍ପର୍କରେ ସଭିଙ୍କୁ ଅବଗତ କରାଇବା ଥିଲା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ। ଧିରେ ଧିରେ ସାରା ବିଶ୍ୱରେ ଏହା ପ୍ରଚାର ପ୍ରସାର ହେବା ପରେ ଭାରତ, ଜର୍ମାନୀ, ଇଟାଲୀ, ଗ୍ରୀସ, ରୁଷିଆ, ଅଷ୍ଟ୍ରେଲିଆ, ପେରୁ, ବ୍ରାଜିଲ, ଇକ୍ୱାଡର୍, ମେକ୍ସିକୋ, କାନାଡା, ଆମେରିକା, ବ୍ରିଟେନ ଏବଂ ଜାପାନ ସମେତ ୧୨୦ଟି ଦେଶର ୭୦୦ରୁ ଅଧିକ ସହରରେ ଏହି ଦିବସ ଏକ ବାର୍ଷିକ ଉତ୍ସବରେ ପରିଣତ ହୋଇଛି।

# ବାପା ହେଲେ ରାମଚରଣ


ରାମଚରଣ–ଉପାସନା

ମୁମ୍ବାଇ

ସାଉଥ୍ ଅଭିନେତା ରାମଚରଣ, ସ୍ତ୍ରୀ ଉପାସନା କାମିନେନି କୋନିଡେଲାଙ୍କ ବିବାହର ୧୧ ବର୍ଷ ପରେ ତାଙ୍କ ଘରକୁ ଖୁସି ଖବର ଆସିଛି। ସେମାନଙ୍କ ୯ ମାସର ଅପେକ୍ଷା ଏବେ ଶେଷ ହୋଇଛି। ରାମଚରଣଙ୍କ ସ୍ତ୍ରୀ ଉପାସନା ମଙ୍ଗଳବାର ସକାଳେ ହାଇଦ୍ରାବାଦ୍‌ର ଆପୋଲୋ ହସ୍ପିଟାଲରେ ତାଙ୍କ ପ୍ରଥମ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ରାମଚରଣ ଗତବର୍ଷ ଡିସେମ୍ବରରେ ଉପାସନା ଗର୍ଭବତୀ ଥିବା କଥା ସୂଚନା ଦେଇଥିଲେ। କନ୍ୟା ସନ୍ତାନକୁ ଘରକୁ ଆଣି ରାମଚରଣଙ୍କ ବାପା ତଥା ଭେଟେରାନ୍ ଅଭିନେତା ଚିରଞ୍ଜୀବୀ ଖୁସିରେ ନାଚି ଉଠିଛନ୍ତି। ସେ ଟୁଇଟ୍ କରି ଏହି ସୂଚନା ଦେବା ସହ ଶୁଭେଚ୍ଛା ଜଣାଇଛନ୍ତି। କନ୍ୟା ସନ୍ତାନକୁ ପରିବାରରେ ଆଡ଼ମ୍ବର ସହକାରେ ସ୍ୱାଗତ କରାଯାଇଛି। ରିପୋର୍ଟ ମୁତାବକ, ଶିଶୁ ଏବଂ ମା' ଉଭୟ ସୁସ୍ଥ ଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି। ରାମଚରଣଙ୍କୁ ତାଙ୍କ ପ୍ରଶଂସକଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏଥିସହ ତାଙ୍କୁ ଅନେକ ଅଭିନେତ୍ରୀ ଓ ଅଭିନେତା ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଉପାସନା ଗର୍ଭବତୀ ଥିବା ସମୟରେ ରାମଚରଣଙ୍କ ସହ ଅନେକ ସହର ଏବଂ ଦେଶ ଭ୍ରମଣ କରିଥିଲେ। ତେବେ ଫିଲ୍ମ 'ଆର୍‌ଆର୍‌ଆର୍' ଅଧିକ ଆଦୃତ ହେବା ପରେ ରାମଚରଣଙ୍କ ଡିମାଣ୍ଡ ଅଧିକ ବଢ଼ିଯାଇଛି। ଏହାପରେ ତାଙ୍କ ହାତରେ ଏବେ ଅନେକ ଫିଲ୍ମ ରହିଛି। ତାଙ୍କୁ ଶେଷ ଥର ପାଇଁ ଫିଲ୍ମ 'କିସି କା ଭାଇ କିସି କି ଜାନ୍'ରେ ଦେଖିବାକୁ ମିଳିଥିଲା। ୨୦୦୭ରୁ ସେ ତାଙ୍କ ଚଳଚ୍ଚିତ୍ର କ୍ୟାରିୟର ଆରମ୍ଭ କରିଥିବାବେଳେ ଏହା ମଧ୍ୟରେ ସେ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇସାରିଲେଣି। ତାଙ୍କୁ ଆଗାମୀ ମୁଭି 'ଗେମ୍ ଚେଞ୍ଜର'ରେ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ସହ ଏକାଠି ଦେଖିବାକୁ ମିଳିବ।

# ସୂର୍ଯ୍ୟଙ୍କ ପୃଷ୍ଠଭୂମିର ଚିତ୍ର ପଠାଇବ ଏସ୍‌ୟୁଆଇଟି

**ପୁଣେ:** ପୁଣେର ଇଣ୍ଟର ୟୁନିଭର୍ସିଟି ସେଣ୍ଟର ଫର୍ ଆଷ୍ଟ୍ରୋନୋମି ଆଣ୍ଡ ଆଷ୍ଟ୍ରୋଫିଜିକ୍ସ (ଆଇୟୁସିଏଏ) ନିକଟରେ ଏକ ସୂର୍ଯ୍ୟ ମିଶନ ପାଇଁ ଟେଲିସ୍କୋପ ପ୍ରସ୍ତୁତ କରିଛି। ସୋଲାର ଅଲ୍ଟ୍ରାଭାଓଲେଟ୍ ଇମେଜିଂ ଟେଲିସ୍କୋପ (ଏସ୍‌ୟୁଆଇଟି) ବର୍ତ୍ତମାନ ଭାରତୀୟ ମହାକାଶ ଅନୁସନ୍ଧାନ ଅନୁଷ୍ଠାନ (ଇସ୍ରୋ) ପକ୍ଷରୁ ଛଡ଼ାଯିବ। ଏହି ଟେଲିସ୍କୋପ ଆଦିତ୍ୟ–ଏଲ୍‌୧ ମିଶନ ସହିତ ଏକୀଭୂତ ହେବାକୁ ଯାଉଛି, ଯାହା ଚଳିତ ବର୍ଷ ମଧ୍ୟ–ଅଗଷ୍ଟ ସୁଦ୍ଧା ସୂର୍ଯ୍ୟଙ୍କ ନିକଟକୁ ପଠାଯିବ ବୋଲି ଜଣାପଡିଛି। ଆଇୟୁସିଏଏ କର୍ତ୍ତୃପକ୍ଷ ପ୍ରଫେସର ଶ୍ରୀଆନନ୍ଦ କହିଛନ୍ତି, ଆଦିତ୍ୟ–ଏଲ୍‌୧ ମିଶନ ଏହି ସୂର୍ଯ୍ୟ ମିଶନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଉପକରଣ। ଆଦିତ୍ୟ–ଏଲ୍‌୧ ସୂର୍ଯ୍ୟଙ୍କ ଅଧ୍ୟୟନ କରିବାରେ ଇସ୍ରୋର ପ୍ରଥମ ମହାକାଶ ପରୀକ୍ଷଣକାରୀ ହେବ। ଏହା ପୃଥିବୀଠାରୁ ପାଖାପାଖି ୧.୫ ମିଲିୟନ୍ କିଲୋମିଟର ଦୂରରେ ଉଡ଼ିବ। ସୂର୍ଯ୍ୟଙ୍କ ପମୃଷ୍ଠଭୂମି ଏବଂ ସେଠାକାର ବାୟୁମଣ୍ଡଳୀୟ ପାଣିପାଗ ଉପରେ ନିୟମିତ ଚିତ୍ର ପଠାଇବା ଏହି ମିଶନର ଲକ୍ଷ୍ୟ। ବିଦ୍ୟୁତ୍ ଚୁମ୍ବକୀୟ ସ୍ପେକ୍ଟ୍ରମ୍ ଏବଂ ସୋଲାର ପବନରେ ସୂର୍ଯ୍ୟଙ୍କ ଉପରେ ବିଭିନ୍ନ ଘଟଣା ଅଧ୍ୟୟନ କରିବାରେ ସକ୍ଷମ ଥିବା ଆଦିତ୍ୟ–ଏଲ୍‌୧ ମିଶନର ୭ଟି ଭିନ୍ନ ପେଲୋଡ୍ ବହନ କରିବ। ପ୍ରଫେସର ଏନ୍ ରାମପ୍ରକାଶ ଏବଂ ପ୍ରଫେସର ଦୁର୍ଗେଶ ତ୍ରିପାଠୀଙ୍କ ନେତୃତ୍ୱରେ ଆଇୟୁସିଏଏରେ ପ୍ରସ୍ତୁତ ଏସ୍‌ୟୁଆଇଟି ନିର୍ମିତ ହୋଇଛି। ଏହି ଦୁଇ ପ୍ରଫେସର କହିଛନ୍ତି, ଆଦିତ୍ୟ–ଏଲ୍‌୧ କଠିନ ଏକ୍ସ–ରେରୁ ଇନ୍‌ଫ୍ରାରେଡ୍ ପର୍ଯ୍ୟନ୍ତ ସୋଲାର ବିକିରଣ ସହ ସେଥିରେ ଥିବା କଣିକାର ମାପ କରିବାରେ ସକ୍ଷମ ହେବ। ଏଥିସହ ପବନ ଏବଂ ଏଲ୍–୧ ପଏଣ୍ଟରେ ସୂର୍ଯ୍ୟଙ୍କ ଚୁମ୍ବକୀୟ କ୍ଷେତ୍ର ମଧ୍ୟ ମାପିବ।



ପ୍ରଫେସର ତ୍ରିପାଠୀ କହିଛନ୍ତି, ଏସ୍‌ୟୁଆଇଟି ପ୍ରଥମ ଥର ପାଇଁ ବାୟୁମଣ୍ଡଳରେ ଓଜନ ଓ ଅମ୍ଳଜାନକୁ ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଏହି ତରଙ୍ଗର ପ୍ରତିଛବିକୁ ମାପ କରିବ। ଏଥିସହ ଚର୍ମ କର୍କଟ ଘଟାଉଥିବା ଅତିବାଇଗଣୀ ରଶ୍ମିକୁ ମଧ ଏସ୍‌ୟୁଆଇଟି ମାପିବ। ଏହି ଉପକରଣ ଛଡ଼ାଯିବା ପରେ ହାଲୋ ଅର୍ବିଟ୍‌ର ଏଲ୍–୧ ପଏଣ୍ଟରେ ପହଞ୍ଚିବାକୁ ଏହାକୁ ୧୦୦ ଦିନ ସମୟ ଲାଗିବ। ଏସ୍‌ୟୁଆଇଟିକୁ ପ୍ରସ୍ତୁତ କରିବାକୁ ୧୦ ବର୍ଷ ହେବ ୨୦୦ରୁ ୩୦୦ ବୈଜ୍ଞାନିକ ନିୟୋଜିତ ହୋଇଥିଲେ।

# ୧୦୦ କୋଟିର ଅଣ୍ଡା

**କାନବେରା:** ଆଜିକାଲି ଦୋକାନରେ ଗୋଟେ ଅଣ୍ଡା ୬/୭ ଟଙ୍କାରେ ମିଳୁଛି। ହେଲେ ଅଷ୍ଟ୍ରେଲିଆର ସୁପରମାର୍କେଟରେ ଏପରି ଏକ ଅଣ୍ଡା ମିଳୁଛି, ଯାହାର ଦାମ୍ ୧୦୦ କୋଟି ଟଙ୍କା। ସେହି ଅଣ୍ଡାଟି ସାଧାରଣ ଅଣ୍ଡାର ଆକାର ଭଳି ନୁହେଁ, ତା'ର ଆକାର ଗୋଲାକାର। ସେଥିପାଇଁ ତା' ଦାମ୍ ଏତେ ଅଧିକ ବୋଲି କୁହାଯାଉଛି। ଜଣେ ମହିଳା ସୋସିଆଲ ମିଡିଆରେ ଏହି ଅଣ୍ଡାର ଫଟୋ ଶେୟାର କରିଛନ୍ତି। ରିପୋର୍ଟ ଅନୁସାରେ, ଏହି ଗୋଲାକାର ଅଣ୍ଡା ଅଷ୍ଟ୍ରେଲିଆର ମେଲବର୍ଣ୍ଣର ଏକ ସୁପରମାର୍କେଟ୍‌ରେ ମିଳିଛି। ମହିଳା ଜଣକ କହିଛନ୍ତି, ସେ ଏହି ଅଣ୍ଡା ଦେଖିବା ପରେ ଗୁଗଲରେ ଏହା ବିଷୟରେ ଖୋଜିଥିଲେ। କୋଟି କୋଟି ମଧ୍ୟରୁ ଗୋଟିଏ ଅଣ୍ଡା ହିଁ ଗୋଲାକୃତି ହୋଇଥାଏ। ଏହା ପୂର୍ବରୁ ଯେଉଁ ଗୋଲ ଅଣ୍ଡା ମିଳିଥିଲା, ତାହା ୭୮ ହଜାର ଟଙ୍କାରେ ବିକ୍ରି ହୋଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ-ବାଂଲାଦେଶ ଫାଇନାଲ

**ମଙ୍ଗ କକ୍, ୨୦।୬ (ହଂକଂ ):** ଚଳିତ ୨୩ ବର୍ଷରୁ କମ୍ ଓମେନ୍ସ ଏମର୍ଜିଂ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲ ମ୍ୟାଚ ବର୍ଷା ଯୋଗୁ ମଙ୍ଗଳବାର ଖେଳାଯାଇପାରି ନାହିଁ। ଫଳରେ ବର୍ତ୍ତମାନ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଭାରତ ଓ ବାଂଲାଦେଶ ମଧ୍ୟରେ ହେବ। ଭାରତ-ଶ୍ରୀଲଙ୍କା ସେମିଫାଇନାଲ ମ୍ୟାଚ ପ୍ରକୃତରେ ସୋମବାର ଖେଳାଯାଇଥାନ୍ତା। ମାତ୍ର ବର୍ଷା ଯୋଗୁ ଏହାକୁ ଦିନେ ଘୁଞ୍ଚାଇ ଦିଆଯାଇଛି। ଫଳରେ ଭାରତ ମାତ୍ର ଗୋଟିଏ ମ୍ୟାଚ ଖେଳି ଫାଇନାଲରେ ପ୍ରବେଶ କରିଛି। ଦଳ ହଂକଂ ବିପକ୍ଷ ଏହାର ଓପନିଂ ମ୍ୟାଚ ୯ ଉଇକେଟରେ ଜିତିନେଇଥିଲା। ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲ ବ୍ୟତୀତ ଭାରତର ଅନ୍ୟ ୩ଟି ମ୍ୟାଚ ମଧ୍ୟ ବର୍ଷା ଯୋଗୁ ଖେଳାଯାଇ ପାରିନାହିଁ। ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ଏକ ସେମିଫାଇନାଲ ମ୍ୟାଚରେ ବାଂଲାଦେଶ ୬ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଦଳ ବୁଧବାର ଭାରତ ସହ ଫାଇନାଲ ଖେଳିବ।

# ଉଜ୍‌ବେକିସ୍ତାନଠାରୁ ହାରିଲା ଭାରତ

**ଭୁବନେଶ୍ୱର, ୨୦।୬ (ବିଜୟ ରଣା)**

ଥାଇଲାଣ୍ଡର ପାଥୁମ୍ ଥାନିସ୍ଥିତ ଥାମାସତ୍ ଷ୍ଟାଡିୟମରେ ଚାଲିଥିବା ୧୭ବର୍ଷରୁ କମ୍ ଏଏଫ୍‌ସି ଏସିଆ କପ୍‌ର ଗ୍ରୁପ୍ 'ଡି'ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ ଅଳ୍ପକେ ୧-୦ ଗୋଲରେ ଉଜ୍‌ବେକିସ୍ତାନ ଠାରୁ ହାରିଯାଇଛି। ବଦଳ ଖେଳାଳି ମୁଖାମେଦାଲି ରିମୋଭ୍ ମ୍ୟାଚର ଏକ ମାତ୍ର ଗୋଲ୍ ସ୍କୋର କରିଥିଲେ। ଭାରତ ମୁଖ୍ୟ କୋଚ୍ ବିବିଆନୋ ଫର୍ନାଣ୍ଡିଜ ଏହି ମ୍ୟାଚ ପାଇଁ ତାଙ୍କ ଚୂଡ଼ାନ୍ତ ଏକାଦଶରେ ଗୋଟିଏ ପରିବର୍ତ୍ତନ କରିଥିଲେ। ଆକାଶ ଟିର୍କୀଙ୍କ ସ୍ଥାନରେ ସେ ଥଙ୍ଗ୍‌ଲାଲ୍‌ସୋନ୍ ଗାଙ୍ଗଟେଙ୍କୁ ନେଇଥିଲେ।

# ଶ୍ରାବଣୀଙ୍କୁ ୩ ପଦକ, କିଶୋରଙ୍କ ପ୍ରଥମ

## ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍

## ପ୍ରଭାବିତ କଲେ ତୁର୍, ଶ୍ରୀଶଙ୍କର

**ଭୁବନେଶ୍ୱର, ୨୦।୬ (ସରୋଜ ଜେନା)**






ଶ୍ରାବଣୀ ନନ୍ଦ, କିଶୋର ଜେନା, ତାଜିନ୍ଦର ପାଲ୍ ତୁର୍।

କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି ୬୨ତମ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍। ନୀରଜ ଚୋପ୍ରା, ଅବିନାଶ ସାବ୍‌ଲେଙ୍କ ପରି ବଡ ନାମ ଏହି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ। ତେବେ ଦେଶର ଅନ୍ୟ ଏଲିଟ୍ ଆଥ୍‌ଲେଟମାନେ ନିଜ ପ୍ରଦର୍ଶନ ଜରିଆରେ ସ୍ୱତନ୍ତ୍ର ଛାପ ଛାଡିବାରେ ସଫଳ ହୋଇଛନ୍ତି। ଏସିଆନ୍ ଗେମ୍ସ ଓ ଏସିଆନ୍ ଚାମ୍ପିୟନଶିପ୍ ପାଇଁ ଏହା ଅନ୍ତିମ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ରହିଥିଲା। ଭୁବନେଶ୍ୱରର ଆର୍ଦ୍ର ଓ ଗରମ ପରିବେଶ ସତ୍ତ୍ୱେ ୭୦ ଜଣ ଆଥ୍‌ଲେଟ ଏସିଆନ୍ ଗେମ୍ସ ପାଇଁ ସ୍ଥିରୀକୃତ ମାନଦଣ୍ଡ ଛୁଇଁବାରେ ସଫଳ ହୋଇଥିଲେ। ଏହା ସହିତ ଦୁଇ ଜଣ ଖେଳାଳି ଉଭୟ ଏସିଆନ୍ ଚାମ୍ପିୟନଶିପ୍ ଓ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ତାରିଖ ଯାଏ ଚାଇନାର ହାଙ୍ଗଝୌରେ ଏସିଆନ୍ ଗେମ୍ସ ଅନୁଷ୍ଠିତ ହେବ। ପ୍ରତି ଇଭେଣ୍ଟରୁ ମାତ୍ର ଦୁଇ ଜଣ ଲେଖାଏ ଖେଳାଳି ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବେ। ଅନେକ ଇଭେଣ୍ଟରେ ୩ ଜଣ ଲେଖାଏ ଖେଳାଳି ସ୍ଥିରୀକୃତ ମାନଦଣ୍ଡ ଅତିକ୍ରମ କରିଥିବା ବେଳେ ଏହା ଚୟନ କମିଟି ପାଇଁ ଚିନ୍ତାର କାରଣ ରହିବ। ଉଭୟ ଏସିଆନ୍ ଚାମ୍ପିୟନଶିପ ସହିତ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି ଶଟ୍‌ପୁଟର ତାଜିନ୍ଦର ପାଲ୍ ତୁର୍ ଓ ମୁରଲୀ ଶ୍ରୀଶଙ୍କର। ତୁରଙ୍କୁ ଶ୍ରେଷ୍ଠ ପୁରୁଷ ଆଥଲେଟ ଓ ଜ୍ୟୋତି ୟାରାଜିଙ୍କୁ ଶ୍ରେଷ୍ଠ ମହିଳା ଆଥ୍‌ଲେଟ ଘୋଷଣା କରାଯାଇଛି। ତେବେ ଓଡ଼ିଆ ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ଓ ଜାଭେଲିନ୍ ଥ୍ରୋୟର କିଶୋର ଜେନା ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଶ୍ରାବଣୀ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ସହିତ ୩ଟି ପଦକ ହାସଲ କରିଥିଲେ। ୧୦୦ ମିଟର ସ୍ପ୍ରିଣ୍ଟରେ ଶ୍ରାବଣୀ ରୌପ୍ୟ ପଦକ ହାସଲ କରିଥିବା ବେଳେ ୪x୧୦୦ ମିଟର ରିଲେ ଦଳ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅନ୍ତିମ ଦିନରେ ୨୦୦ ମିଟର ମହିଳା ସ୍ପ୍ରିଣ୍ଟରେ ଶ୍ରାବଣୀ ୨୩.୭୭ ସେକେଣ୍ଡର ସମୟ ସହିତ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ଜାଭେଲିନ୍ ଥ୍ରୋୟର କିଶୋର ଜେନା ରୌପ୍ୟ ପଦକ ହାସଲ କରିଥିଲେ। ୮୦ ମିଟର ମାର୍କ ଅତିକ୍ରମ କରିଥିବା କିଶୋର ୮୨.୮୭ ମିଟରର ଦୂରତ୍ୱ ସହିତ ଏସିଆନ ଚାମ୍ପିୟନଶିପ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ।

ପ୍ରତିଯୋଗିତାର ଅନ୍ତିମ ଦିନରେ ତାଜିନ୍ଦର ପାଲ୍ ତୁର୍ ନିଜର ଜାତୀୟ ରେକର୍ଡ ଓ ଏସିଆନ୍ ରେକର୍ଡ ଭାଙ୍ଗିଥିଲେ। ୨୧.୭୭ ମିଟରର ଦୂରତା ଅତିକ୍ରମ କରିବା ସହିତ ଦୁଇ ବର୍ଷ ପୂର୍ବରୁ ନିଜ ନାମରେ ଥିବା ଏସିଆନ୍ ରେକର୍ଡ ଭାଙ୍ଗିଥିଲେ। ଜେଜେମାଙ୍କ ଦେହାନ୍ତର କିଛି ଦିନ ମଧ୍ୟରେ ଏଭଳି ଲଢୁଆ ପ୍ରଦର୍ଶନ ପାଇଁ ତୁରଙ୍କୁ ଚାମ୍ପିୟନଶିପର ଶ୍ରେଷ୍ଠ ପୁରୁଷ ଆଥଲେଟ ବିବେଚିତ କରାଯାଇଥିଲା।

ଆନ୍ଧ୍ର ପ୍ରଦେଶର ଜ୍ୟୋତି ୟାରାଜୀଙ୍କୁ ଶ୍ରେଷ୍ଠ ମହିଳା ଆଥ୍‌ଲେଟ ଭାବରେ ଘୋଷଣା କରାଯାଇଥିଲା। ଉଭୟ ୧୦୦ ମିଟର ସ୍ପ୍ରିଣ୍ଟ ଓ ବାଧାଦୌଡରେ ସ୍ୱର୍ଣ୍ଣ ପଦକ ସହିତ ଜ୍ୟୋତି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ୧୦୦ ମିଟର ବାଧାଦୌଡରୁ ୩ ଜଣ ଖେଳାଳି ଏସିଆନ୍ ଗେମ୍ସ ପାଇଁ ସ୍ଥିରୀକୃତ ମାନଦଣ୍ଡ ଅତିକ୍ରମ କରିଛନ୍ତି।

ଏହା ସହିତ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ରେକର୍ଡ ହାସଲ କରିବା ସହିତ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରବେଶ କରିଛନ୍ତି କେରଳର ମୁରଲୀ ଶ୍ରୀଶଙ୍କର। ଡାଏମଣ୍ଡ ଲିଗ୍‌ରୁ ପଦକ ଜିତି ଫେରିଥିବା ଶ୍ରୀଶଙ୍କରଙ୍କଠାରୁ ଭଲ ପ୍ରଦର୍ଶନର ଆଶା ରହିଥିବା ବେଳେ ମାତ୍ର ଦେଢ ସେମି ପାଇଁ ସେ ଜେସୱିନ୍ ଆଲଡ୍ରିନଙ୍କ ଜାତୀୟ ରେକର୍ଡରୁ ପଛରେ ରହିଥିଲେ।


## ନିରୁଦ୍ଦିଷ୍ଟ



କଲୋଲ୍ଲ ମାନ୍ନା ଖଡ଼କ୍‌ପୁରରୁ ବ୍ୟାଙ୍ଗ୍‌ଲୋର୍ ଯାଉଥିବା ସମୟରେ ଭୁବନେଶ୍ୱର ଷ୍ଟେସନରେ କେଉଁଆଡ଼େ ହଜି ଯାଇଛନ୍ତି। ତା ୧୯।୦୬।୨୦୨୩ ବ୍ଲାକ୍ ଶାର୍ଟ ଆଉ ବ୍ଲୁ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା, ମୁହଁରେ ଦାଢ଼ି ଥିଲା। ବୟସ- 28 ଉଚ୍ଚତା- 5ଫୁଟ୍। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି ଏହି ନମ୍ବରରେ ଜଣାଇବାକୁ ଅନୁରୋଧ। Mob: 9867344983, 9933552020, 9732003608. ଧ-୦୬୧୮


# ଓସିଏଲ୍ ୨୦୨୩: ଜାଗୁଆର୍ସ, ପାନ୍ଥର୍ସ ବିଜୟୀ

**ଭୁବନେଶ୍ୱର, ୨୦।୬(ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା କ୍ରିକେଟ୍ ଲିଗ୍(୨୦୨୩)ର ନବମ ଦିନରେ ବିଜୟୀ ହୋଇଛନ୍ତି ଓଡ଼ିଶା ଜାଗୁଆର୍ସ ଓ ଓଡ଼ିଶା ପାନ୍ଥର୍ସ। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଜାଗୁଆର୍ସ ୮ ଉଇକେଟରେ ଓଡ଼ିଶା ଚିତାସ୍‌କୁ ଓ ଓଡ଼ିଶା ପୁମାସ୍‌କୁ ୬ ଉଇକେଟରେ ହରାଇଛି ଓଡ଼ିଶା ପାନ୍ଥର୍ସ।

ପ୍ରଥମ ମ୍ୟାଚରେ ପପ୍ପୁ ରାୟ(୩/୨୧) ଓ ପ୍ରଶାନ୍ତ ଠକ୍କର(୨/୧୮)ଙ୍କ ଘାତକ ବୋଲିଂ ବଳରେ ଓଡ଼ିଶା ଚିତାସ୍ ୧୪.୨ ଓଭରରେ ୬୬ ରନ୍‌ରେ ଅଲଆଉଟ ହୋଇଥିଲା। ଆର୍ଯ୍ୟଶ୍ରୀ ଭଞ୍ଜ ୧୭ ଓ ହର୍ଷିତ ରାଠୋଡ ୧୪ ରନ୍ କରିଥିଲେ। ଓଡ଼ିଶା ଜାଗୁଆର୍ସ ୧୦.୨ ଓଭରରେ ଦୁଇ ଉଇକେଟ ହରାଇ ୬୭ ରନ୍ କରିଥିଲା। ଘାତକ ବୋଲିଂ ପାଇଁ ପପ୍ପୁ ରାୟଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ଓସିଏ ସଦସ୍ୟ ଶୁଭାଶିଷ ସେନାପତି।

ଦ୍ୱିତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ପୁମାସ୍ ୧୯.୩ ଓଭରରେ ୧୧୩ ରନରେ ଅଲଆଉଟ ହୋଇଥିଲା। ଅଂଶୁମାନ ମିଶ୍ର ୩୩ ଓ ସାଇଦୀପ ମହାପାତ୍ର ୨୫ ରନ୍ କରିଥିଲେ। ବାଦଲ ବିଶ୍ୱାଳ ଓ ଅଭିଷେକ ଯାଦବ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସନ୍ଦୀପ ପଟ୍ଟନାୟକଙ୍କ ଅପରାଜିତ ୫୩ ରନ ବଳରେ ୧୭.୪ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା ପାନ୍ଥର୍ସ। ଓସିଏ ସଦସ୍ୟ ଅନୀଲ କୁମାର ବିଶ୍ୱାଳ ସନ୍ଦୀପଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।


# Classified Everyday

**0674-2580101, 2549949**



MATRIMONIAL

## BRIDE WANTED

Match for MBBS Doctor Hindu Bengali boy, age 41 yrs, 5ft 9ht, near Pune, Caste/ Language no bar. Doctor, Dentist/other education people ready to relocate contact 8378050149, 8329865948. D-0591

## GROOM WANTED

45 ବର୍ଷର ମହିଳା Govt. Schoolରେ Teacher ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-0597

38 ବୟସ୍କା Widow ବଣିଆ ଜାତିର Govt. ଚାକିରିଆ ଭୁବନେଶ୍ୱର ବାସିନ୍ଦା ଝିଅଙ୍କୁ ଯେକୌଣସି ଜାତିର ବିବାହିତ/ ଅବିବାହିତ ବରପାତ୍ର ଆବଶ୍ୟକ। ଯୋଗାଯୋଗ: 6371049105. D-0621

43 ବୟସ୍କା Govt. ଚାକିରିଆ Widow କରଣ ଜାତିର ଝିଅଙ୍କୁ Govt./ Private/ Business କରୁଥିବା ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। ଯୋଗାଯୋଗ- 7008080967. D-0622

33 ବୟସ୍କା Govt. ଚାକିରିଆ Widow ଖଣ୍ଡାୟତ ଜାତିର ଝିଅଙ୍କୁ Govt./ Private/ Business କରୁଥିବା ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। ଯୋଗାଯୋଗ: 6371085658. D-0623

27 ବୟସ୍କା ଅବିବାହିତା Private ଚାକିରିଆ ଖଣ୍ଡାୟତ ଜାତିର ଝିଅଙ୍କୁ Govt./ Private/ Business କରୁଥିବା ବିବାହିତ/ ଅବିବାହିତ ବରପାତ୍ର ଆବଶ୍ୟକ। ଯୋଗାଯୋଗ: 7749076723. D-0624

ଏକାକୀ ରହୁଥିବା 50 ବୟସ୍କା Govt. Teacher ଭାବେ କାର୍ଯ୍ୟରତ ବିଧବା କଂସାରି ମହିଳାଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7606067313. D-0625

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



REAL ESTATE

## SALE

One gharabari plot with Boundary sale at Pratapa nagar Cuttack 4050sqft. near Suzuki showroom, 65lacks- 9937136074, 9938812818. D-73391

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872



CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627




Newly open Salon/ SPA with expert therapist (health benefits). 8114322659. D-75120

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74697

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Spa Kerala body Massage only best Therapist @699/-, Bhubaneswar. 9337672475. D-0610

## AFFIDAVIT

Before Notary Public, Berhampur Ganjam, I V.Sairam Raju, S/o- V. Chandrasekharam Raju, Badabazar, P.O.- Badabazar, P/S- Badabazar, Berhampur say that my son's actual name is V. Vijet Raju as per Birth Certificate and Aadhaar Card but in Education (St. Joseph's Convent School record mentioned as V. Vijetraju. Both V. Vijetraju and V. Vijet Raju same and one person. I swear this affidavit that I known as V. Vijet Raju to avoid future ambiguity. D- 0628

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱ ସୁକାନ୍ତି ସାହୁ**
ଆବିର୍ଭାବ: ୧୦।୧୨।୧୯୬୦
ତିରୋଧାନ: ୦୯।୦୬।୨୦୨୩

**ସ୍ୱ ରବୀନ୍ଦ୍ର ସାହୁ**
ଆବିର୍ଭାବ: ୦୪।୦୬।୧୯୫୫
ତିରୋଧାନ: ୧୦।୦୬।୨୦୨୩

ଓଲଡ୍ ଟାଉନ୍, ଭୁବନେଶ୍ୱର
Owner of Laxmi Jewellers Hotel Apsara

ତୁମ୍ଭମାନଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମୃତିସବୁ ଅଭୁଲା ଦାଗ ହୋଇ ରହିବ। ତୁମମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର: ବାପ୍ପୁ, କପିଲ୍, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ। ଧ-୦୬୨୬

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ତମାଳଲତା ରଥ**
୨୬୭/୩୩୫୫, ଜୟଦେବ ବିହାର
ତିରୋଧାନ: ୧୮।୦୭।୨୦୧୫
(ଆଷାଢ଼ ମାସ, ଶୁକ୍ଳ ପକ୍ଷ, ତୃତୀୟା ତିଥି)

ବୋଉ, ଆଜି ତୁମ୍ଭର ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମ୍ଭ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ତୁମ୍ଭର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ୍ଭମାନଙ୍କ ପ୍ରତି ସର୍ବଦା ଅତୁଟ ରହିଥାଉ।

**ଶୋକସନ୍ତପ୍ତ ପରିବାରବର୍ଗ।** ଧ-୦୬୦୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**୧୪ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ବିଦ୍ୟୁଲତା ମହାପାତ୍ର**
ସ୍ୱାମୀ: ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର
A/94, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୯।୧୧।୧୯୩୮
ତିରୋଧାନ: ୨୫।୦୬।୨୦୦୯

ମମତାମୟୀ ମାଆ, ୧୪ବର୍ଷ ବିତିଗଲା। ପବିତ୍ର ରଥଯାତ୍ରାରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା, ପରୋପକାରିତା, ଅସୀମ ତ୍ୟାଗ, ସଦ୍‌ଭାବ ଆମମାନଙ୍କ ହୃଦୟରେ ସଦାସର୍ବଦା ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଦିଲ୍ଲୀପ, ଦୀପକ, ଆଲୋକ (ପୁତ୍ର) ଶୁଭ୍ରା, ସବିତା, ସିନାଲୀ (ପୁତ୍ରବଧୂ), ସଂଗ୍ରାମ, ଲୀନା (ଜାମାତା, କନ୍ୟା), ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ। ଧ-୦୬୧୯

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ପୂର୍ବାଞ୍ଚଳ ପ୍ରଥମ ମ୍ୟାଚରେ କେନ୍ଦ୍ରାଞ୍ଚଳକୁ ଭେଟିବ

**ଦୁଲୀପ ଟ୍ରଫି**

**ନୂଆଦିଲ୍ଲୀ, ୨୦।୬ (ପି.ଟି.):** ବେଙ୍ଗାଲୁରୁଠାରେ ଦୁଲୀପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଚଳିତମାସ ୨୮ରୁ ଆରମ୍ଭ ହେବ। ପୂର୍ବାଞ୍ଚଳ ଏହାର ପ୍ରଥମ ମ୍ୟାଚରେ କେନ୍ଦ୍ରାଞ୍ଚଳକୁ ଭେଟିବ। ସେହିଦିନ ଉତ୍ତରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ମ୍ୟାଚ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। କେନ୍ଦ୍ରାଞ୍ଚଳ-ପୂର୍ବାଞ୍ଚଳ ମ୍ୟାଚ ଅଲୁର କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଏହି ଦୁଇଟି ମ୍ୟାଚ କ୍ୱାର୍ଟର ଫାଇନାଲଭାବେ ପରିଗଣିତ ହେବ। ଏହାର ବିଜେତା ସେମିଫାଇନାଲରେ ପ୍ରବେଶ କରିବେ। ଗତଥରର ଦୁଲିପ ଟ୍ରଫି ବିଜେତା ପଶ୍ଚିମାଞ୍ଚଳ ଓ ରନରଅପ୍ ଦକ୍ଷିଣାଞ୍ଚଳ ସିଧାସଳଖ ସେମିଫାଇନାଲ ଖେଳିବାକୁ ଏଣ୍ଟ୍ରି ପାଇଛନ୍ତି। ପ୍ରତିଯୋଗିତାର ଫାଇନାଲ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୧୨ ତାରିଖରେ ଅନୁଷ୍ଠିତ ହେବ।

# ରାଜ୍ୟସ୍ତରୀୟ ଫିଡେ ରେଟିଂ ଚେସ୍ ୨୮ରୁ

**ଭୁବନେଶ୍ୱର, ୨୦।୬ (ତପନ ସ୍ୱାଇଁ):** ମୟୂରଭଞ୍ଜ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚଳିତମାସ ୨୮ରୁ ଜୁଲାଇ ୨ ପର୍ଯ୍ୟନ୍ତ ବାରିପଦା ଷ୍ଟାଡିୟମ୍ କନ୍‌ଫରେନ୍ସ ହଲ୍‌ରେ ୬୩ତମ ରାଜ୍ୟ ସିନିୟର ଫିଡେ ରେଟିଂ ଚେସ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଶ୍ରେଷ୍ଠ ୪ ଜଣ ଖେଳାଳି ଆସନ୍ତା ଅଗଷ୍ଟ ୧୫ରୁ ୨୭ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାସିକଠାରେ ହେବାକୁ ଥିବା ଜାତୀୟ ଚେସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀମାନଙ୍କୁ ମୋଟ ୫୦ହଜାର ଟଙ୍କାର ଅର୍ଥରାଶି ସହିତ ୩୪ଟି ଟ୍ରଫି ପ୍ରଦାନ କରାଯିବ। ସମସ୍ତ ଖେଳାଳିଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯିବ। ପ୍ରଦର୍ଶନ ଆଧାରରେ ଶୀର୍ଷ ୨୦ ଖେଳାଳିଙ୍କ ସହ ଶ୍ରେଷ୍ଠ ବରିଷ୍ଠ , ମହିଳା ଖେଳାଳି ଏବଂ ୪ ଜଣ ଅଣରେଟେଡ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏହା ବ୍ୟତୀତ ମୟୂରଭଞ୍ଜ ଜିଲାର ଶ୍ରେଷ୍ଠ ୫ ଖେଳାଳି, ଶ୍ରେଷ୍ଠ ୫ଜଣ ସ୍କୁଲ ଛାତ୍ର ଏବଂ ବିଭିନ୍ନ ବୟସ ବର୍ଗର ୨୪ ଖେଳାଳିଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଟୁର୍ନାମେଣ୍ଟ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଜିଲା ଚେସ ସମ୍ପାଦକ ଅନନ୍ତ ନାରାୟଣ ମିଶ୍ରଙ୍କ ସହ ଯୋଗାଯୋଗ କରିବାକୁ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

# ଚିରାଗ-ସାତ୍ତ୍ୱିକଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ

**ନୂଆଦିଲ୍ଲୀ, ୨୦।୬(ପି.ଟି.):** ନିକଟରେ ପ୍ରଥମ ସୁପର ୧୦୦୦ ପୁରୁଷ ଡବଲ୍ସ ଟାଇଟଲ ଜିତିଥିବା ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାତ୍ତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ଶେଟ୍ଟି ସଦ୍ୟ ପ୍ରକାଶିତ ବିଡବ୍ଲ୍ୟୁ ର୍ୟାଙ୍କିଙ୍ଗରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩ୟ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ଭାରତୀୟ ବିଜୟୀ ଯୋଡ଼ି ବର୍ତ୍ତମାନର ବିଶ୍ୱଚାମ୍ପିୟନ ମାଲେସିଆର ଆରନ ଚିଆ ଓ ସୋ ଉଇ ୟିକ୍‌ଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଇଣ୍ଡୋନେସିଆ ଓପନ ଜିତିଛନ୍ତି। ଏକ ସୁପର ୧୦୦୦ ଇଭେଣ୍ଟ ଜିତିବାରେ ସେମାନେ ଦେଶର ପ୍ରଥମ ଯୋଡ଼ି ହେବାର ଗୌରବ ଅର୍ଜନ କରିଥିଲେ। ପୁରୁଷ ସିଙ୍ଗଲ୍ସରେ କିଦାମ୍ବି ଶ୍ରୀକାନ୍ତ ୩ ସ୍ଥାନ ଉପରକୁ ଉଠି ଟପ୍ ୨୦ (ବିଶ୍ୱର ୧୯ ନମ୍ବର)ରେ ପ୍ରବେଶ କରିଛନ୍ତି। ଲକ୍ଷ୍ୟ ସେନ୍‌ଙ୍କ ଦୁଇଟି ସ୍ଥାନ ପଦୋନ୍ନତି ଘଟିଥିବା ବେଳେ ସେ ୧୮ତମ ସ୍ଥାନରେ ଅଛନ୍ତି। ସେମିଫାଇନାଲରେ ବିଶ୍ୱର ନମ୍ବର ୱାନ ଭିକ୍ଟର ଏକ୍ସେଲସେନ୍‌ଙ୍କଠାରୁ ପରାଜିତ ହୋଇଥିବା ଏଚ୍‌ଏସ୍ ପ୍ରଣୟ ର୍ୟାଙ୍କିଙ୍ଗ ତାଲିକାରେ ତାଙ୍କ ୯ମ ସ୍ଥାନ ବଜାୟ ରଖିଛନ୍ତି। ଭାରତୀୟଙ୍କ ମଧ୍ୟରେ ସେ ଶ୍ରେଷ୍ଠ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି। ପୁରୁଷ ସିଙ୍ଗଲ୍ସ ଟପ୍ ୩୦ ମଧ୍ୟରେ ରହିଥିବା ୪ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରିୟାଂଶୁ ରାଜାୱତ ଅନ୍ୟତମ। ସେ ୪ ସ୍ଥାନ ଉପରକୁ ଉଠି ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩୦ତମ ସ୍ଥାନରେ ଅଛନ୍ତି।

## ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଲାଗିଲେ..



**ଡା**ଲୁଅ ଧାନଜମିରେ କାଣ୍ଡ ବିନ୍ଧାପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋର୍‌ପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮–୧୦ ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ–୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମହିଷା ରୋଗ ଦମନ ଲାଗି ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇ ସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ମଲ୍ଲୀ ଗଛ: ଶୀଘ୍ର ଚେର ହେବାର ଉପାୟ

**ମ**ଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍–ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ,୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା . ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।



## ଆଖୁ କାଟିବା ସମୟରେ...



**ଆ**ଖୁଗଛକୁ ଏକ ଧାରୁଆ କତୁରିରେ ଭୂମି ପଉନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଭଲ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲାବେଳେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ପ୍ରାଣୀଙ୍କ ରୋଗ ଓ ପ୍ରତିକାର



ଡା. ବୀରକିଶୋର ପରିଡ଼ା

> “ ଆନ୍ଥ୍ରାକ୍ସ ରୋଗ ବାସିଲସ୍ ଆନ୍ଥ୍ରାସିସ୍ ନାମକ ଜୀବାଣୁ ଯୋଗୁ ସମସ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ । ଗୋରୁଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଓ ଉପଯୁକ୍ତ ବ୍ୟାୟାମର ଅଭାବ କିମ୍ବା ଅଳସୁଆମି ଯୋଗୁ ଏହି ରୋଗ ସହଜରେ ଆକ୍ରମଣ କରେ । ଏହି ଜୀବାଣୁ ଲାଗିଥିବା ଖାଦ୍ୟ କିମ୍ବା ପାଣି ପିଇଲେ ସୁସ୍ଥ ପ୍ରାଣୀଙ୍କୁ ଏହି ରୋଗ ସଂକ୍ରମଣ କରେ । ଗୋରୁଙ୍କ ଶରୀରରେ କ୍ଷତ ମାଧ୍ୟମରେ ମଧ ଏହି ଜୀବାଣୁ ସୁସ୍ଥ ପ୍ରାଣୀ ଦେହରେ ପ୍ରବେଶ କରିଥାନ୍ତି । ଆନ୍ଥ୍ରାକ୍ସ ରୋଗ ବିଭିନ୍ନ ନଦୀ ବା ଝରଣା ମାଂସାସୀ ପ୍ରାଣୀ, ଜଙ୍ଗଲ ପକ୍ଷୀ, ଆକ୍ରାନ୍ତ ଗୋରୁର ଚମଡ଼ା ପରିବହନ, ହାଡ଼ଗୁଣ୍ଡ ଓ ଲୋମ ମାଧ୍ୟମରେ ସହଜରେ ବ୍ୟାପିଥାଏ । ପାହାଡ଼ିଆ ମାଳ ଅଞ୍ଚଳରେ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ ।”

**ଆ**ମ ଦେଶର କିଛି ଅଂଶରେ ମୌସୁମୀ ଆସିଯାଇଥିଲେ ମଧ ଖରା ପ୍ରକୋପ କମି ନାହିଁ। ଓଡ଼ିଶାରେ ଗତ କିଛିଦିନ ହେବ ପ୍ରବଳ ଗରମ ଅନୁଭୂତ ହେଉଛି। ଏହି ସମୟରେ ପ୍ରାଣୀଙ୍କ ଯତ୍ନ ଅଧିକ ଜରୁରୀ ହୋଇପଡ଼େ। ତେବେ ଏସମୟରେ ପ୍ରାଣୀଙ୍କୁ ହେଉଥିବା ରୋଗ ଏବଂ ତା'ର ପ୍ରତିକାର ସମ୍ପର୍କରେ ସୂଚିତ କରାଯାଉଛି।

**ଥନହରା ରୋଗ :** ଦୁଧିଆଳୀ ଗାଇଙ୍କ ପାଇଁ ଏହା ଏକ ମାରାତ୍ମକ ରୋଗ ଏବଂ କରାଇନେବ୍ୟାକ୍ଟେରିୟମ୍ ପାଓଜିନିସ୍ ନାମକ ଜୀବାଣୁ ଦ୍ୱାରା ମୁଖ୍ୟତଃ ଏହି ରୋଗ ସୃଷ୍ଟି ହୋଇଥାଏ । ଠିକ୍ ଭାବରେ ଦୁଗ୍ଧ ନ ଦୁହିଁଲେ, ପହ୍ନାରେ କ୍ଷତ ବା ପ୍ରଦାହ ସୃଷ୍ଟି ହେଲେ, ଗୁହାଳ ଅପରିଷ୍କାର ରହିଲେ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଦୁଗ୍ଧ ଦୁହିଁଲେ ଏହି ରୋଗ ଖରାଦିନେ ଦେଖାଦେଇଥାଏ । ଖାଦ୍ୟାଭାବ ଯୋଗୁ ଦେହରେ ରୋଗ ପ୍ରତିରୋଧକାରୀ ଶକ୍ତି ହ୍ରାସ ପାଇଲେ, ପହ୍ନାରେ ଲୁକ୍କାୟିତ ଅବସ୍ଥାରେ ଥିବା ଜୀବାଣୁ ଏହି ରୋଗ ସୃଷ୍ଟି କରେ । କୀଟପତଙ୍ଗ, ମଶା, ମାଛି ଆଦି କାମୁଡ଼ିଲେ ମଧ ଏହି ଜୀବାଣୁ ଶରୀରରେ ସହଜରେ ପ୍ରବେଶକରି ରୋଗ କରିଥାଏ । ଖରାଦିନେ ସାଧାରଣତଃ ଛଡ଼ା ଓ ପଡ଼ିଆ ହୋଇଆସୁଥିବା ଗାଇଙ୍କଠାରେ ଏହା ମୁଖ୍ୟତଃ ଦେଖାଦେଇଥାଏ ।

**ଲକ୍ଷଣ :** ଏହି ରୋଗ ହେଲେ ଗାଈ ଦୁହିଁବାକୁ ସୁଯୋଗ ଦିଅନ୍ତି ନାହିଁ। ପହ୍ନାରେ ସଂକ୍ରମିତ ଚିରଗୁଡ଼ିକ ଫୁଲି ବଡ଼ ହୋଇ ଲାଲ ଦିଶେ ଓ କଷ୍ଟ ଦିଏ । ଧୀରେ ଧୀରେ ପହ୍ନା ବା ଚିରର ଉପର କ୍ୱାର୍ଟରକୁ ଫୁଲା ବଢ଼ିଯାଏ ଏବଂ ଚିକିତ୍ସାରେ ବିଳମ୍ବ ଘଟିଲେ ଶେଷକୁ ବଡ଼ ଗେଟା ପରି ଟାଣ ବା କଠିନ ପରି ହାତକୁ ଲାଗେ । ବହଳ ପୂଯ ବା ଛେନା ଛିଡ଼ିଲା ପରି କ୍ଷୀର ସଂକ୍ରମିତ ଚିର ଦୁହିଁଲେ ବାହାରି ଆସେ । ଶେଷରେ ଚିରର ବାଟ ସବୁଦିନ ପାଇଁ ବନ୍ଦହୋଇ ପହ୍ନାକୁ ଅକାମୀ କରିଦିଏ ।

**ଚିକିତ୍ସା :** ଏହି ରୋଗ ଆରମ୍ଭ ହେବା ମାତ୍ରେ ଏକ ବିଶୁଦ୍ଧ ଶିଶି ବା ପାତ୍ରରେ ଆକ୍ରାନ୍ତ ଚିରରୁ କ୍ଷୀର ସଂଗ୍ରହକରି ଜିଲା ପ୍ରାଣୀରୋଗ ଚିହ୍ନଟ ପରୀକ୍ଷାଗାର, ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ, ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ, କ୍ଲିନିକାଲ, ପର୍ଯ୍ୟବେକ୍ଷଣ ବିଜ୍ଞାନ ପରୀକ୍ଷାଗାରକୁ ପଠାଇ ପରୀକ୍ଷା କଲାପରେ କି ପ୍ରକାର ଆଣ୍ଟିବାଓଟିକ୍ସ ବା ଔଷଧ ସଂକ୍ରମିତ ପହ୍ନାର ଚିକିତ୍ସା ପାଇଁ ପ୍ରଯୁଜ୍ୟ ସେହିପରି ଚିକିତ୍ସା କରିବା ଆବଶ୍ୟକ । ପେଣ୍ଟିଷ୍ଟ୍ରିନ୍ ଏସ୍.ଏଚ୍. ଭେଟ୍‌କ୍ଲକ୍ସ ଫର୍ଟି, ଫ୍ଲୋକକ୍ସ, ନେଫୁରାନ, ସାଇପ୍ରୋଫ୍ଲକ୍ସାସିନ, ଏନ୍‌ରୋଫ୍‌ଲକ୍ସାସିନ୍ ଭଳି ଔଷଧ ମଧ ଆକ୍ରାନ୍ତ ଚିରରେ ଦିଆଯିବା ସହିତ ଆଣ୍ଟିବାଓଟିକ୍ସ ଇଞ୍ଜେକଶନ ଆକାରରେ ଦେଲେ ପହ୍ନା ପ୍ରଦାହ ଶୀଘ୍ର ଭଲ ହୁଏ। ଆକ୍ରାନ୍ତ ପହ୍ନାରେ ଫୁଲା ଅଂଶକୁ ବରଫ ଲଗାଇଲେ ଓ ଦରଜ କମାଇବାପାଇଁ ଇଞ୍ଜେକଶନ ଦେଲେ ରୋଗାକ୍ରାନ୍ତ ଗାଇଙ୍କ ଯନ୍ତ୍ରଣା ଶୀଘ୍ର ଉପଶମ ହୁଏ । ଏହି ରୋଗ ନ ହେବାପାଇଁ ଗୁହାଳର ଚଟାଣ ସିମେଣ୍ଟ କିମ୍ବା ଟାଇଲରେ ହେବା ଦରକାର। ଏଥିସହ ଦୁହିଁବା ପୂର୍ବରୁ ଓ ପରେ ଗାଈର ପହ୍ନାକୁ ଡେଟଲ ମିଶା ପାଣି କିମ୍ବା ୧% ପୋଟାସିୟମ ପରମାଙ୍ଗାନେଟ୍ ପାଣିରେ ଧୋଇବା ସହିତ ଦୁହାଁଳି ଦୁହିଁବା ପୂର୍ବରୁ ହାତକୁ ସାବୁନରେ ଧୋଇବା ଆବଶ୍ୟକ।



**ପ୍ଲିହା ଜ୍ୱର ବା ଆନ୍ଥ୍ରାକ୍ସ ରୋଗ :** ଏହି ରୋଗ ବାସିଲସ୍ ଆନ୍ଥ୍ରାସିସ୍ ନାମକ ଜୀବାଣୁ ଯୋଗୁ ସମସ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ। ଗୋରୁଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଓ ଉପଯୁକ୍ତ ବ୍ୟାୟାମର ଅଭାବ କିମ୍ବା ଅଳସୁଆମି ଯୋଗୁ ଏହି ରୋଗ ସହଜରେ ଆକ୍ରମଣ କରେ । ଏହି ଜୀବାଣୁ ଲାଗିଥିବା ଖାଦ୍ୟ କିମ୍ବା ପାଣି ପିଇଲେ ସୁସ୍ଥ ପ୍ରାଣୀଙ୍କୁ ଏହି ରୋଗ ସଂକ୍ରମଣ କରେ। ଗୋରୁଙ୍କ ଶରୀରରେ କ୍ଷତ ମାଧ୍ୟମରେ ମଧ ଏହି ଜୀବାଣୁ ସୁସ୍ଥ ପ୍ରାଣୀ ଦେହରେ ପ୍ରବେଶ କରିଥାନ୍ତି । ଆନ୍ଥ୍ରାକ୍ସ ରୋଗ ବିଭିନ୍ନ ନଦୀ ବା ଝରଣା ମାଂସାସୀ ପ୍ରାଣୀ, ଜଙ୍ଗଲ ପକ୍ଷୀ, ଆକ୍ରାନ୍ତ ଗୋରୁର ଚମଡ଼ା ପରିବହନ, ହାଡ଼ଗୁଣ୍ଡ ଓ ଲୋମ ମାଧ୍ୟମରେ ସହଜରେ ବ୍ୟାପିଥାଏ । ପାହାଡ଼ିଆ ମାଳ ଅଞ୍ଚଳରେ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ ।

**ଲକ୍ଷଣ :** ଏହା ହଠାତ୍ ଆରମ୍ଭ ହୋଇ ଖୁବ୍ ଶୀଘ୍ର ବ୍ୟାପିଯାଏ । ଏହି ରୋଗର ଲକ୍ଷଣ ସାଧାରଣତଃ ୨ପ୍ରକାର ଦେଖାଯାଏ । ପ୍ରଥମଟି ହେଲା – ବିନା ଲକ୍ଷଣ ପ୍ରକାଶରେ ଗୋରୁମାନେ ଚରିବୁଲିବା ସମୟରେ ହଠାତ୍ ପଡ଼ି ମରିଯାନ୍ତି। ମୃତ୍ୟୁ ପରେ ତାଙ୍କର ମଳଦ୍ୱାର, ପାଟି, ନାକପୁଡ଼ା, ପରିସ୍ରାଦ୍ୱାର ପ୍ରଭୃତିରୁ ରକ୍ତସ୍ରାବ ହୋଇଥାଏ । ମୃତ ପ୍ରାଣୀର ଶରୀର ଖୁବ୍ ଶୀଘ୍ର ପଚିଯାଏ । କୌଣସି ଅଞ୍ଚଳରେ ରୋଗ ଆରମ୍ଭରେ ହିଁ ପ୍ରାଣୀମାନେ ମୃତ୍ୟୁବରଣ କରନ୍ତି । ଦ୍ୱିତୀୟଟି ହେଲା – ଆକ୍ରାନ୍ତ ଗୋରୁମାନେ ୨୪–୪୮ଘଣ୍ଟା ପର୍ଯ୍ୟନ୍ତ ବଞ୍ଚିଥାନ୍ତି । ଶରୀରର ଉତ୍ତାପ ୧୦୬–୧୦୮ଡିଗ୍ରୀ ଫାରେନ୍‌ହାଇଟ୍‌କୁ ବୃଦ୍ଧି ଘଟେ । ହୃଦ୍‌ସ୍ପନ୍ଦନ ଓ ଶ୍ୱାସକ୍ରିୟାର ବେଗ ଅଧିକ ହୁଏ। ଗୋରୁ କିଛି ଖାଆନ୍ତି ନାହିଁ। ଗାଈଙ୍କ ଦୁଗ୍ଧ ଦେବା ହଠାତ୍ ବନ୍ଦ ହୋଇଯାଏ । ବେକତଳ, ଆଗ ଗୋଡ଼ ଦୁଇଟିର ମଝି ଅଂଶ, ଶରୀରର ସ୍ଥାନେ ସ୍ଥାନେ ଫୁଲିଯାଏ । ବେଳେବେଳେ ପେଟ ଫାମ୍ପେ । ଗୋରୁଙ୍କ ଗୋବର କଳାରଙ୍ଗର ଅର୍ଦ୍ଧବହଳ ପରି ଜଣାପଡ଼େ । ମୃତ ପ୍ରାଣୀର ଶରୀର ସିଧା କରିହୁଏ ନାହିଁ । ଗୋଡ଼ମାନ ସିଧା ରହି ଏକ କାଠଘୋଡ଼ା ପରି ଦିଶେ ।

**ଚିକିତ୍ସା :** ଆନ୍ଥ୍ରାକ୍ସରେ ଗୋରୁ ଖୁବ୍ ଶୀଘ୍ର ମୃତ୍ୟୁବରଣ କରୁଥିବାରୁ ସେମାନଙ୍କ ଚିକିତ୍ସା ସମ୍ଭବ ହୁଏନାହିଁ । ଯଦି ପ୍ରାଣୀଟି ଆକ୍ରାନ୍ତ ହୋଇ ବଞ୍ଚିଥାଏ, ତା'ହେଲେ ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍‌ଶନ ଯଥା – ଫର୍ଟିଫାଏଡ୍ ପ୍ରୋକେନ୍ ପେନ୍‌ସିଲିନ୍ ୨୦/୪୦ଲକ୍ଷ ଏକକ, ଅକ୍ସିଭେଟ୍, ପ୍ରାମ (ପ୍ରୋକେନ ପେନ୍‌ସିଲିନ୍ ସରାଭାଇ) ଇତ୍ୟାଦି ଟେଟ୍ରାସାଇକ୍ଲିନ୍ ଇଞ୍ଜେକ୍‌ଶନ ୩–୫ଦିନ ପର୍ଯ୍ୟନ୍ତ ଦେବା ସହିତ ଆଭିଲ, ପାରାସିଟାମଲ୍ ପ୍ରଭୃତି ଇଞ୍ଜେକ୍‌ଶନ ଦିଆଗଲେ ଚିକିତ୍ସା ଫଳପ୍ରଦ ହୁଏ ।

**ରୋଗ ନିୟନ୍ତ୍ରଣ :** ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥା ଯଥା – ଆନ୍ଥ୍ରାକ୍ସ ସ୍ପୋର ଭ୍ୟାକ୍‌ସିନ୍ ୧ ମି.ଲି. ମାଂସ ମଧ୍ୟରେ ଦେଲେ ଏହା ଶରୀରରେ ୧ ବର୍ଷ ପର୍ଯ୍ୟନ୍ତ କାମ ଦେଇଥାଏ । ମୃତ ପ୍ରାଣୀର ଶରୀରକୁ ବ୍ୟବଚ୍ଛେଦ କରିବା ଉଚିତ ନୁହେଁ। ଏହାକୁ ମାଟିରେ ୬ଫୁଟ ଗଭୀର ଗର୍ତ୍ତ କରି ଲୁଣ ଓ ଚୂନ ଦେଇ ପୋତିଦେବା ଆବଶ୍ୟକ । ସଂକ୍ରମିତ ଗୁହାଳେ ବା ସ୍ଥାନରେ ଫର୍ମାଲିନ୍, ଫିନାଇଲ ଇତ୍ୟାଦି ଦ୍ୱାରା ବିଶୋଧନ କରନ୍ତୁ । ଆନ୍ଥ୍ରାକ୍ସ ଦ୍ୱାରା ଆକ୍ରାନ୍ତ ପ୍ରାଣୀଙ୍କୁ ରୋଗ ନଥିବା ସ୍ଥାନକୁ ନେବା ଉଚିତ ନୁହେଁ। ଆକ୍ରାନ୍ତ ଅଞ୍ଚଳରୁ ନଡ଼ା, ପାଣି ଆଣି ସୁସ୍ଥ ପ୍ରାଣୀଙ୍କୁ ଖୁଆଇବା ପାଇଁ ବାରଣ କରିବା ଜରୁରୀ। ମଶା, ମାଛି, ଡାଆଁଶ ଓ ଟିଙ୍କ ନିରାକରଣ ପାଇଁ ପଦକ୍ଷେପ ନେବା ଆବଶ୍ୟକ । ଏହି ରୋଗ ମନୁଷ୍ୟଙ୍କୁ ବ୍ୟାପୁଥିବାରୁ ରୋଗ ଦେଖାଯାଇଥିବା ସ୍ଥାନରେ ସ୍ୱତନ୍ତ୍ର ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। (କ୍ରମଶଃ...)

–ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨



## ସଘନ ମାଛଚାଷ

**ମା**ଛଚାଷ ଲାଗି ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ୨ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.) ଛଡ଼ାଯାଏ।

## ଛତୁଚାଷ ପାଇଁ ପ୍ରସ୍ତୁତି



**ପା**ଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡାଗୁଡ଼ିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡ଼ିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡା(୯ ବିଡାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।



## ପନିପରିବାରେ ରୋଗ ଦମନ

**ପ**ନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁତ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା – ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମିଲି ଇଥିଅନ୍ ସିଞ୍ଚନ କରନ୍ତୁ।

# ଚମକପ୍ରଦ ବିଜୟ

## ଇଂଲଣ୍ଡ ମୁହଁରୁ ବିଜୟ ଛଡ଼ାଇ ଆଣିଲା ଅଷ୍ଟ୍ରେଲିଆ

**ବର୍ମିଂହାମ, ୨୦।୬**

ବର୍ମିଂହାମସ୍ଥିତ ଏଜ୍‌ବାଷ୍ଟନରେ ଅନୁଷ୍ଠିତ ପ୍ରଥମ ଆଶେସ ଟେଷ୍ଟରେ ଚମକପ୍ରଦ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ ୨୮୧ ରନ୍‌ର ବିଜୟ ଲକ୍ଷ୍ୟକୁ ଦଳ ୮ ଉଇକେଟ ହରାଇ ହାସଲ କରିନେଇଛି। ଏଥିସହ ଦଳ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ବାଜ୍ ବଲ ରଣନୀତିକୁ ମାତ୍

### ଆଶେସ ଟେଷ୍ଟ

ଦେବା ସହିତ ଇଂଲଣ୍ଡ ମୁହଁରୁ ବିଜୟ ଛଡାଇ ଆଣିଥିଲେ ଅଧିନାୟକ ପ୍ୟାଟ୍ କୁମିନ୍ସ। ପ୍ରଥମେ ଉସ୍‌ମାନ ଖ୍ୱାଜାଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଦଳକୁ ବିଜୟର ନିକଟବର୍ତ୍ତୀ କରିଥିଲା। ତେବେ କୁମିନ୍ସଙ୍କ ଅପରାଜିତ ୪୪ ରନ୍ ବିଜୟ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଇଂଲଣ୍ଡ ପ୍ରଥମ ଇନିଂସରେ ୩୯୩/୮ରେ ଇନିଂସ ଘୋଷଣା କରିଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୭ ରନ୍ ପଛରେ ରହି ଯାଇଥିଲା। ତେବେ ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୨୭୩ ରନ୍‌ରେ ଅଲଆଉଟ ହେବା ସହିତ ୨୮୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୧୦୭ ରନ୍ କରିଥିଲା।

ଅନ୍ତିମ ଦିନ ଆରମ୍ଭରୁ ବର୍ଷା କାରଣରୁ ଗୋଟିଏ ସେସନର ଖେଳ ସମ୍ପୂର୍ଣ୍ଣ ଧୋଇ ଯାଇଥିଲା। ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୦୭/୩ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ନାଇଟ୍ ୱାଚମ୍ୟାନ୍ ସ୍କଟ୍ ବୋଲାଣ୍ଡ ୨୦ ରନ୍ ସ୍କୋର କରି ଆଉଟ ହେବା ବେଳକୁ ଦଳୀୟ ସ୍କୋର ୧୨୧ରେ ପହଞ୍ଚିଥିଲା। ବୋଲାଣ୍ଡଙ୍କୁ ଆଉଟ କରି ଇଂଲଣ୍ଡକୁ ପ୍ରଥମ ସଫଳତା ଦେଇଥିଲେ ବ୍ରଡ୍। ପ୍ରଥମ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିବା ଟ୍ରାଭିସ୍ ହେଡ୍ ୧୬ ରନ୍ କରି ଆଉଟ ହୋଇଥିଲେ। ଖ୍ୱାଜାଙ୍କ ସହିତ ମିଶି ସେ ବଲ୍ ପିଛା ରନ୍ ସଂଗ୍ରହ କରୁଥିବା ବେଳେ ମୋଇନ୍ ଅଲୀଙ୍କ ବଲରେ ପ୍ରଥମ ସ୍ଲିପରେ ଜୋ ରୁଟ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ତେବେ ଷଷ୍ଠ ଉଇକେଟରେ ଖ୍ୱାଜା (୫୬) ଓ କାମେରନ୍ ଗ୍ରୀନ୍ (୨୮)ଙ୍କ ମଧ୍ୟରେ ୪୯ ରନ୍‌ର ପାର୍ଟନରଶିପ୍ ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲା। ତେବେ କାମେରନ୍ ଗ୍ରୀନ୍‌ଙ୍କୁ ବୋଲ୍ଡ କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ ଓଲି ରବିନସନ୍। ଏହାପରେ ଦଳୀୟ ସ୍କୋର ୨୨୭ରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଏକ ଲେଙ୍ଥ୍ ବଲ୍ ତଳୁଆ ରହିଥିଲା। ଏହି ଅନ୍ ପ୍ଲେଏବଲ ବଲ୍‌ରେ ବୋଲ୍ଡ ହୋଇଥିଲେ ଉସ୍‌ମାନ ଖ୍ୱାଜା। ଇଂଲଣ୍ଡ ଶିବିରରେ ବିଜୟର ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ ସମ୍ମୁଖ ଭାଗରୁ ଆକ୍ରମଣ କରିଥିଲେ କୁମିନ୍ସ। ବିଜୟ ପାଇଁ ୫୪ ରନ୍ ଆବଶ୍ୟକ ଥିବା ବେଳେ ହାତରେ ରହିଥିଲା ମାତ୍ର ଦୁଇ ଉଇକେଟ। ତେବେ ନାଥାନ ଲିୟନଙ୍କୁ ସାଥି କରି ସେ ୫୫ ରନ୍ ଯୋଡ଼ିବା ସହିତ ବାଜ୍ ବଲ୍ ରଣନୀତିକୁ ଚକ୍‌ମା ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ୍ ୩ ଉଇକେଟ ନେଇଥିବା ବେଳେ ଓଲି ରବିନ୍‌ସନ୍ ୨ଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋଇନ୍ ଅଲୀ, ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉସ୍‌ମାନ ଖ୍ୱାଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ବିଜୟସୂଚକ ରନ୍ ସ୍କୋର କରିବା ପରେ ଅଧିନାୟକ ପ୍ୟାଟ୍ କୁମିନ୍ସ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ-୩୯୩/୮।
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୩୮୬/୧୦।
ଇଂଲଣ୍ଡ ଦ୍ୱିତୀୟ ଇନିଂସ-୨୭୩/୧୦।
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୯୨.୩ ଓଭରରେ ୨୮୨/୮ (ଉସ୍‌ମାନ ଖ୍ୱାଜା-୬୫, ପ୍ୟାଟ କୁମିନ୍ସ-୪୪*, ଡେଭିଡ ୱାର୍ନର-୩୬, ଷ୍ଟୁଆର୍ଟ ବ୍ରଡ୍-୩/୬୪, ଓଲି ରବିନ୍‌ସନ୍-୨/୪୩, ବେନ୍ ଷ୍ଟୋକ୍ସ-୧/୯)।

# ଭାରତ-ପାକିସ୍ତାନ ମ୍ୟାଚ ଆଜି

**ବେଙ୍ଗାଲୁରୁ, ୨୦।୬**

ଭୁବନେଶ୍ୱରରେ ହିରୋ କଣ୍ଟିନେଣ୍ଟାଲ କପ୍ ଚାମ୍ପିୟନ ହେବାର ୩ ଦିନ ପରେ ଭାରତ ବୁଧବାରଠାରୁ ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ। ଗ୍ରୁପ୍ 'ଏ'ର ଏହି ମ୍ୟାଚ ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ। ଗ୍ରୁପ୍ 'ଏ'ର ଅନ୍ୟ ୨ ଦଳ ହେଲେ ନେପାଳ ଓ କୁଏଟ୍। ବୁଧବାର ନେପାଳ ଓ କୁଏଟ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅପରାହ୍ନ ୩ଟା ୩୦ରେ ଆରମ୍ଭ ହେବ। ଗ୍ରୁପ୍ 'ବି'ରେ ଲେବାନନ, ବାଂଲାଦେଶ, ମାଳଦ୍ୱୀପ ଓ ଭୁଟାନ ସ୍ଥାନ ପାଇଛି। ଗ୍ରୁପ୍ 'ବି' ମ୍ୟାଚ ୨୨ ତାରିଖରୁ ଆରମ୍ଭ ହେବ।

**ସାଫ୍ ଫୁଟ୍‌ବଲ**
ସମୟ: ସନ୍ଧ୍ୟା ୭ଟା ୩୦
ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ

### ସ୍ୱଦେଶରେ ୩ ଥରଯାକ ଚାମ୍ପିୟନ

ରେକର୍ଡ ୮ ଥର ଟାଇଟଲ ହାସଲ କରିଥିବା ଭାରତ ଏଥର ଡିଫେଣ୍ଡିଂ ଚାମ୍ପିୟନ ଭାବେ ଖେଳିବ। ୨୦୨୧ରେ ମାଳଦ୍ୱୀପରେ ଅନୁଷ୍ଠିତ ଗତ ସଂସ୍କରଣର ଫାଇନାଲରେ ନେପାଳକୁ ହରାଇ ୩-୦ ଗୋଲରେ ଭାରତ ଚାମ୍ପିୟନ ହୋଇଥିଲା। ଭାରତରେ ୪ର୍ଥ ଥର ପାଇଁ ସାଫ୍ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏହା ପୂର୍ବରୁ ୧୯୯୯, ୨୦୧୧ ଓ ୨୦୧୫ରେ ଭାରତରେ ୩ ଥର ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା ଏବଂ ୩ ଥରଯାକ ଘରୋଇ ଦଳ ଚାମ୍ପିୟନ ଟ୍ରଫି ହାସଲ କରିଥିଲା।


ଅଭ୍ୟାସ ଅବସରରେ ଭାରତୀୟ ଦଳ।

### ଓଡ଼ିଶାରେ ଆମେ ଖେଳକୁ ଉପଭୋଗ କରିଛୁ

ଆମନ୍ତ୍ରଣୀୟ ଦଳ ଭାବେ ଏଥର କୁଏଟ୍ ଓ ଲେବାନନକୁ ସାମିଲ କରାଯାଇଥିବାରୁ ପ୍ରତିଯୋଗିତା ୮ ଦଳ ବିଶିଷ୍ଟ ହୋଇଯାଇଛି। ୨୦୧୩ ପରେ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତାରେ ୮ ଦଳ ଖେଳିବାକୁ ଯାଉଛନ୍ତି। ବ୍ଲୁ ଟାଇଗର୍ସ ଦଳର ମୁଖ୍ୟ କୋଚ୍ ଇଗର ଷ୍ଟିମାକ ପ୍ରି-ଟୁର୍ନାମେଣ୍ଟ ଖବରଦାତା ସମ୍ମିଳନୀରେ ପଶ୍ଚିମ ଏସିଆର ଏହି ଦୁଇ ଆମନ୍ତ୍ରଣୀୟ ଦଳକୁ ସ୍ୱାଗତ କରିଛନ୍ତି। ''ବେଙ୍ଗାଲୁରୁ ପରି ସୁନ୍ଦର ସହରରେ କୁଏଟ ଓ ଲେବାନନ ପ୍ରତି କ୍ଷେତ୍ରରେ ସ୍ୱାଗତ ଅନୁଭବ କରିବେ। ସାଫ୍ ଚାମ୍ପିୟନଶିପ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ। ପାକିସ୍ତାନ, ନେପାଳ ଓ କୁଏଟ୍ ଥିବାରୁ ଆମ ଗ୍ରୁପ୍ ସ୍ୱତନ୍ତ୍ର। ଏହାର ପ୍ରତି ଗେମ୍ ଭିନ୍ନ ଧରଣର ହେବ। ଦର୍ଶକମାନେ ଫୁଟବଲ ଖେଳକୁ ଉପଭୋଗ କରିବେ। ଏଥିରେ ଅଧିକ ଗୋଲ ସ୍କୋର ହେବା ଆଶା ରହିଛି'' ବୋଲି ଷ୍ଟିମାକ କହିଛନ୍ତି। ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଜିତିବା ପରେ କ୍ୟାମ୍ପରେ ଭାରତୀୟ ଖେଳାଳିଙ୍କ ମନୋଭବ ବହୁତ ଭଲ ଥିଲା। ଓଡ଼ିଶାରେ ପ୍ରତି ସେକେଣ୍ଡକୁ ଆମେ ମନଭରି ଉପଭୋଗ କରିଛୁ ଏବଂ ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ଅଛୁ। ତେବେ ପ୍ରତିଦିନ ନୂଆ ଚ୍ୟାଲେଞ୍ଜ ଆସିଥାଏ। ଏକାଗ୍ରତା ରକ୍ଷା କରିବା ଆମ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଭୁବନେଶ୍ୱରରେ ପ୍ରବଳ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହେଉଥିବାବେଳେ ବେଙ୍ଗାଲୁରୁରେ ବର୍ଷା ସାଙ୍ଗକୁ ପରିବେଶ ଥଣ୍ଡା ଅଛି। ''ନୂଆ ଟୁର୍ନାମେଣ୍ଟ, ନୂଆ ଆପ୍ରୋଚ୍, ନୂଆ ଟିମ୍, ନୂଆ କଣ୍ଡିଶନ। ଏଠାରେ ସବୁକିଛି ଭିନ୍ନ। ତେବେ ଫୁଟବଲ ଖେଳିବା ପାଇଁ ସୁନ୍ଦର ପାଗ ରହିଛି। ଆମେ ବିପକ୍ଷ ଦଳଗୁଡ଼ିକର ଶକ୍ତି ଓ ଦୁର୍ବଳତା ଜାଣିଛୁ। ଏହାକୁ ଲକ୍ଷ୍ୟରେ ରଖି ଆମେ ଖେଳିବୁ'' ବୋଲି ଷ୍ଟିମାକ ପ୍ରକାଶ କରିଛନ୍ତି।

### ଶେଷ ମୁକାବିଲା ଭାରତ ଜିତିଥିଲା

ଗତ ସପ୍ତାହରେ ମୌରିସସରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଫୁଟବଲ ଟୁର୍ନାମେଣ୍ଟରେ ପାକିସ୍ତାନ ଖେଳିଥିବା ୩ଟି ଯାକ ଲିଗ୍‌ମ୍ୟାଚ ହାରିଥିଲା। ଏହା ସତ୍ତ୍ୱେ ଫିଫା ର୍‍ୟାଙ୍କିଙ୍ଗ୍‌ର ୧୯୫ତମ ସ୍ଥାନରେ ଥିବା ଏହି ଦଳକୁ ଗୁରୁତ୍ୱର ସହ ନେଉଛନ୍ତି ଷ୍ଟିମାକ୍। ର୍‍ୟାଙ୍କିଙ୍ଗ୍ ସବୁକିଛି କଥା କହେନାହିଁ। ବାହାର ପରିବେଶରେ କେନିୟାଠାରୁ ପାକିସ୍ତାନ ଏକ ଉନ୍ନତ ଦଳ। ଏମାନେ ସୁଯୋଗ ସୃଷ୍ଟି କରିଥାନ୍ତି ଏବଂ ଅଧିକ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥାନ୍ତି। ଏହାର ୬-୭ ଜଣ ଖେଳାଳି ବିଦେଶରେ ମଧ୍ୟ ଖେଳିବାର ଅଭିଜ୍ଞତା ରଖିଛନ୍ତି ବୋଲି ଷ୍ଟିମାକ କହିଛନ୍ତି। ଶେଷଥର ପାଇଁ ବାଂଲାଦେଶରେ ଅନୁଷ୍ଠିତ ୨୦୧୮ ସାଫ୍ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଭାରତ-ପାକିସ୍ତାନ ମୁକାବିଲା ହୋଇଥିଲା। ଏଥିରେ ଭାରତ ୩-୧ ଗୋଲରେ ବିଜୟୀ ହୋଇଥିଲା। ଏବେ ଶାହାବାଜ ଅନୱର ପାକିସ୍ତାନ ଦଳର କୋଚ୍ ଅଛନ୍ତି।

## କର୍କଟରୁ ଆରୋଗ୍ୟ ହେଲେ ନାଭ୍ରାତିଲୋଭା

**ନ୍ୟୁୟର୍କ, ୨୦।୬ (ଏପି)**

ପୂର୍ବତନ ଟେନିସ ଷ୍ଟାର ମାର୍ଟିନା ନାଭ୍ରାତିଲୋଭା କର୍କଟ ରୋଗରୁ ଆରୋଗ୍ୟ ଲାଭ କରିଛନ୍ତି। ମେମୋରିଆଲ ସ୍ଲୋନ୍ କିଟରିଂ କ୍ୟାନସର ସେଣ୍ଟରଠାରେ ଗୋଟିଏ ଦିନ ସମ୍ପୂର୍ଣ୍ଣ ଟେଷ୍ଟ ହେବା ପରେ ସେ ଟ୍ୱିଟର ଜରିଆରେ ଜଣାଇଛନ୍ତି। ସେ ତାଙ୍କୁ ଚିକିତ୍ସା କରୁଥିବା ସମସ୍ତ ଡାକ୍ତର, ନର୍ସ, ପ୍ରୋଟନ ଓ ରାଡିଏଶନ ମ୍ୟାଜିସିଆନଙ୍କ ସମେତ ଅନ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗତ ଜାନୁୟାରୀରେ ୧୮ ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ ବିଜେତା ୬୬ ବର୍ଷୀୟା ନାଭ୍ରାତିଲୋଭା ସ୍ତନ କର୍କଟ ଓ ଗଳା କର୍କଟ ରୋଗରେ ପୀଡ଼ିତ ଥିବା ସୋମବାର ଜଣାପଡ଼ିଥିଲା।

ନାରୀ ସ୍ୱାସ୍ଥ୍ୟ ସମସ୍ୟାର
ମୂଳରୁ ଚିକିତ୍ସା କରନ୍ତୁ
ଏବେ ହିଁ କଲ୍ କରନ୍ତୁ
7710644444

### ଚାଇନା ବିପକ୍ଷରୁ ଭାରତର ଅଭିଯାନ

**ଚେନ୍ନାଇ, ୨୦।୬ (ପି.ଟି.)**

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ପ୍ରତିଯୋଗିତା ଅଗଷ୍ଟ ୩ରୁ ୧୨ ପର୍ଯ୍ୟନ୍ତ ଏଠାରେ ଖେଳାଯିବ। ଉଦ୍‌ଘାଟନୀ ଦିବସରେ ଚାଇନା ବିପକ୍ଷ ମ୍ୟାଚ ଖେଳି ଭାରତ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ ପ୍ରତିଯୋଗିତାର ପ୍ରଥମ ଦିବସରେ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଖେଳାଯିବ।



### ଏଏଫ୍‌ସି ଉନ୍ନୟନ କମିଟିରେ ଅଭିଜିତ

**ଭୁବନେଶ୍ୱର, ୨୦।୬ (ତପନ ସ୍ୱାଇଁ)**

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) କାର୍ଯ୍ୟକାରିଣୀ ସଦସ୍ୟ ତଥା ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ ପଲ୍ ଏଏଫ୍‌ସି (ଏସିଆନ ଫୁଟବଲ କନ୍‌ଫେଡେରେଶନ) ଉନ୍ନୟନ କମିଟିରେ ସ୍ଥାନ ପାଇଛନ୍ତି। ଓଡ଼ିଶାର ପ୍ରଥମ ବ୍ୟକ୍ତି ଭାବେ ସେ ଏହି ଗୌରବଲାଭ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ୨୦୨୩ରୁ ୨୦୨୭ ପର୍ଯ୍ୟନ୍ତ ରହିବ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିଜିତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରେସ୍ ୱାକ୍ ପୂର୍ବରୁ ମଞ୍ଜୁଙ୍କ ହର୍ଡଲ୍ସ

**ନୂଆଦିଲ୍ଲୀ, ୨୦।୬ (ପି.ଟି.)**

ଦେଶର ଟପ୍ ରେସ୍ ୱାକର୍ ପଞ୍ଜାବର ୨୪ ବର୍ଷୀୟା ମଞ୍ଜୁ ରାଣୀ ଷଷ୍ଠ ଶ୍ରେଣୀରୁ ଏହି କ୍ରୀଡା ପ୍ରତି ଆକର୍ଷିତ ହେଲେ। ନିକଟରେ ଶେଷ ହୋଇଥିବା ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ମିଟ୍‌ରେ ସେ ୩୫ କିମି ରେସ୍ ୱାକରେ ସ୍ୱର୍ଣ୍ଣ ପଦକ ମଧ ହାସଲ କରିଥିଲେ। ପଞ୍ଜାବର ମନସା ଜିଲାର ଏକ ମଧ୍ୟବିତ୍ ପରିବାରରୁ ଆସିଥିବା ମଞ୍ଜୁଙ୍କ ପାଇଁ ରେସ୍ ୱାକିଂକୁ କ୍ୟାରିୟର କରିବା କୌଣସି ହର୍ଡଲ୍ସ ବା ବାଧାଦୌଡରୁ କମ୍ ନ ଥିଲା। ଜନ୍ମରୁ ମା'ଙ୍କୁ ହରାଇଥିବା ବେଳେ ପ୍ରଶିକ୍ଷଣ ପାଇଁ ବାହାରକୁ ଯିବା ସମର୍ଥନରେ ନ ଥିଲେ ଜେଜେ ମା'। ତେବେ ପିତାଙ୍କ ସହଯୋଗ ବଳରେ ମଞ୍ଜୁ ଆଗକୁ ବଢ଼ିବା ସହିତ ଦେଶ ତଥା ପରିବାରର ନାମ ଉଜ୍ଜ୍ୱଳ କରିଛନ୍ତି। ୩୫ କିମି ରେସ୍ ୱାକ୍ ଇଭେଣ୍ଟରେ ସେ ପ୍ରଥମ ତଥା ଏକମାତ୍ର ଖେଳାଳି ଭାବରେ ସବ୍-୩ ବ୍ରାକେଟରେ ଅଛନ୍ତି। ଫେବୃୟାରୀ ମାସରେ ଅନୁଷ୍ଠିତ ରେସ୍ ୱାକିଂ ଚାମ୍ପିୟନଶିପ୍‌ରେ ମଞ୍ଜୁ ୨:୫୭:୫୪.୦୦ ସେକେଣ୍ଡର ସମୟ ନେଇ ଜାତୀୟ ରେକର୍ଡ ସ୍ଥାପନ କରିବା ସହ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ। ଭୁବନେଶ୍ୱରର ପ୍ରଚଣ୍ଡ ଖରାରେ ତାଙ୍କ ପ୍ରଦର୍ଶନ ସାମାନ୍ୟ ପ୍ରଭାବିତ ହୋଇଥିବା ବେଳେ ସେ ୩:୨୧:୩୧.୦୦ ସେକେଣ୍ଡର ଟାଇମିଂ ହାସଲ କରିଥିଲେ।


ମଞ୍ଜୁ ରାଣୀ

ଆରମ୍ଭରୁ ଜଣେ ହ୍ୟାଣ୍ଡବଲ୍ ଖେଳାଳି ଥିଲେ ମଞ୍ଜୁ। ସ୍କୁଲ ରୋଷ୍ଟରରେ ହ୍ୟାଣ୍ଡବଲ୍ ନ ଥିବାରୁ ଜଣେ କୋଚ୍‌ଙ୍କ ପରାମର୍ଶ କ୍ରମେ ସେ ରେସ୍ ୱାକିଂରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଥରରେ ତୃତୀୟ ସ୍ଥାନରେ ରହିବା ପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ପିତାଙ୍କ ସହଯୋଗ କାରଣରୁ ୨୦୧୫ରେ ଖେଳ ଆରମ୍ଭ କରି ସେ ମାତ୍ର ୬ ବର୍ଷ ମଧ୍ୟରେ ଜାତୀୟ ଚାମ୍ପିୟନ ହୋଇଥିଲେ। ରେସ୍ ୱାକିଂ ଅତ୍ୟନ୍ତ ବ୍ୟୟବହୁଳ ଖେଳ। ପିନ୍ଧା ଯାଉଥିବା ଜୋତାର ମୂଲ୍ୟ ହଳକୁ ୧୭ ହଜାର ଟଙ୍କା ରହୁଥିବା ବେଳେ ଏହା ମାତ୍ର ୧ ମାସରେ ହିଁ ଖରାପ ହୋଇ ଯାଉଥିଲା। ପିତା ନିଜର ଦୁଇ ଏକର ଚାଷ ଜମିକୁ ବନ୍ଧା ରଖି ମଞ୍ଜୁଙ୍କ ପାଇଁ ଆବଶ୍ୟକ କ୍ରୀଡା ଉପକରଣ ଆଣିଥିଲେ। ଏହାପରେ ୨୦୧୮ରେ ସଶସ୍ତ୍ର ସୀମା ବଳରେ ନିଯୁକ୍ତି ପାଇବା ପରେ ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲା। ଆଗାମୀ ଦିନରେ ସ୍ପନସରଶିପ୍ ମିଳିଲେ ଖେଳରେ ଉନ୍ନତି ଆସିପାରିବ ବୋଲି କହିଥିଲେ ମଞ୍ଜୁ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

